

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୯୨ ଭୁବନେଶ୍ୱର ରବିବାର, ମାର୍ଚ୍ଚ ୩୦.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/-

Vol.11 . No.192 Bhubaneswar, Sunday, March 30, 2025


## ଭୂକମ୍ପରେ ଭାଙ୍ଗିଗଲାଣି ମ୍ୟାମାରର ଅଣ୍ଟା

## ୩ଟି ଭୂକମ୍ପର ଝଟକା ପରେ ଭୟଭୀତ ଲୋକେ

ନେପିଣ୍ଡା, ୨୯/୩: ମ୍ୟାମାରର ପିଛା ଛାଡୁନି ଭୂମିକମ୍ପ । କାଲି ଠାରୁ ଆଜି ଯାଏଁ ଭୂକମ୍ପର ଝଟକାରେ ପୂରା ଦୋହଲି ଯାଇଛି ମ୍ୟାମାର । ସବୁଠି ଭୟଙ୍କର ସ୍ଥିତି, ସବୁଠି ଭଙ୍ଗାରୁଜା, ସବୁଠି ଛାରଖାର ଆଉ ପ୍ରକୃତିର କରାଳ ରୂପ । ଭୂକମ୍ପ ପରେ ସାରା ମ୍ୟାମାରରେ ସ୍ଥିତି ସଙ୍ଗୀନ । ଖାଦ୍ୟ, ପାନୀୟ ଓ ଜୀବନ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ । ଏକପ୍ରକାର କହିବାକୁ ଗଲେ ହାହାକାର ସ୍ଥିତି । ଶୁକ୍ରବାର ବିରାଟ ଭୂକମ୍ପ ପରେ ସ୍ଥିତିକୁ ସୁଧାରିବାକୁ ଚେଷ୍ଟା କଲା ବେଳକୁ ଶନିବାର ପୁଣି ଥରେ ଆଉ ଏକ ଭୂକମ୍ପ ଭାଙ୍ଗିଦେଲା ଅଣ୍ଟା । ପ୍ରଳୟର ତାଣ୍ଡବଲୀଳା ପରେ ଜୀବନକୁ ଆଉ ଥରେ ଜୋର କରି ଉଠଇଲା ବେଳକୁ ପୁନଶ୍ଚ ଆଜି ଏକ ଭୂକମ୍ପ ପୂରା ମ୍ୟାମାରକୁ ଦୋହଲାଇ ଦେଇଛି । ଗତକାଲି ଦୁଇ ଦୁଇଟି ଭୂକମ୍ପ ଝଟକାରେ ମ୍ୟାମାର ଥରିଥିବା ବେଳେ ଆଜି ପୁଣି ଏକ ବଡ ଭୂକମ୍ପର ଝଟକା ମ୍ୟାମାରବାସୀଙ୍କୁ ଭୟଭୀତ କରାଇଛି । ଧ୍ୱଂସର ସ୍ତୁପ ପାଲଟିଥିବା ମ୍ୟାମାରରେ ପୁଣି ଆଜି ବି ଭୂମିକମ୍ପ ହୋଇଛି । ଦ୍ୱିପ୍ରହର ୨ଟା ୫୦ ମିନିଟରେ ଭୂକମ୍ପ ହୋଇଛି, ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୧ ବୋଲି କୁହାଯାଉଛି । ଏହି ଭୂମିକମ୍ପ ଉତ୍ପତି ସ୍ଥଳି ମ୍ୟାମାର ରାଜଧାନୀ ନାପିଦ୍ୱ ନିକଟ ବୋଲି ସୂଚନା ମିଳିଛି । ତେବେ ଏଯାଏଁ ଭୂକମ୍ପରେ ପ୍ରାୟ ୧୦୦୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୬୭୦ ଜଣ ଆହତ ହୋଇଛନ୍ତି । ଅନେକ ନିଖୋଜ ଅଛନ୍ତି । ଯେଉଁମାନଙ୍କ ପତ୍ତା ଆଜି ଯାଏଁ ମିଳୁନି । ଗତକାଲି ମ୍ୟାମାରରେ ୭.୭ ତୀବ୍ରତା ଭୂକମ୍ପ ହୋଇଥିଲା । ଯାହାର ପରିଣାମ ସାରା ଦେଶ ଭୋଗୁଥିବା ବେଳେ ଆଉ ଏକ ଭୂକମ୍ପ ଲୋକଙ୍କୁ ଭୟଭୀତ କରାଇଛି ।



### ନକ୍ସଲ- ପୁଲସ ଗୁଳିବିନିମୟ

### ୧୬ ନକ୍ସଲ ନିହତ

### ୨ ଯବାନ ଆହତ



ମାଲକାନଗିରି: ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲା ଅନ୍ତର୍ଗତ କେରଲାପାଲ ଜଙ୍ଗଲରେ ପୁଲିସ ଏବଂ ନକ୍ସଲ ମଧ୍ୟରେ ଗୁଳିବିନିମୟ ଚାଲିଛି । ଆଜି ଭୋର ସକାଳୁ ଏହି ଗୁଳିବିନିମୟ ଚାଲିଛି । ବିଶେଷ ସୁତ୍ରରୁ ଖବର ପାଇ ଜିଲ୍ଲା ପୁଲିସ, ସିଆରପିଏଫ ଏବଂ ଡ଼ିଆରଜି ଯବାନ କେରଲାପାଲ ଜଙ୍ଗଲରେ ଚଢ଼ାଉ କରିଥିଲେ । ଆଜି ସକାଳୁ ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ । ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ । ଘଟଣାସ୍ଥଳରେ ସର୍ଚ୍ଚ ଅପେରସନ ବେଳେ ୧୬ ଜଣ ନକ୍ସଲଙ୍କ ଶବ ଜବତ କରାଯାଇଥିବା ଜଣାପଡ଼ିଛି । ଏହି ଗୁଳିବିନିମୟରେ ଦୁଇ ଜଣ ଯବାନ ଆହତ ମଧ୍ୟ ହୋଇଥିବା ସୂଚନା ମିଳିଛି । ବିପୁଳ ମାତ୍ରାରେ ମାଓ ସାମଗ୍ରୀ ମଧ୍ୟ ଜବତ କରାଯାଇଥିବା ଜଣାଯାଇଛି । ଏବେ ବି ସେଠାରେ ଗୁଳିବିନିମୟ ଚାଲିଛି ।ଆହତ ଯବାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଯବାନମାନେ ଫେରିବା ପରେ ହିଁ ଅଧିକ ତଥ୍ୟ ମିଳିବ ବୋଲି ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି । ଆଜି ସକାଳୁ ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ । ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ । ଘଟଣାସ୍ଥଳରେ ସର୍ଚ୍ଚ ଅପେରସନ ବେଳେ ୧୬ ଜଣ ନକ୍ସଲଙ୍କ ଶବ ଜବତ କରାଯାଇଥିବା ଜଣାପଡ଼ିଛି । ଏହି ଗୁଳିବିନିମୟରେ ଦୁଇ ଜଣ ଯବାନ ଆହତ ମଧ୍ୟ ହୋଇଥିବା ସୂଚନା ମିଳିଛି । ବିପୁଳ ମାତ୍ରାରେ ମାଓ ସାମଗ୍ରୀ ମଧ୍ୟ ଜବତ କରାଯାଇଥିବା ଜଣାଯାଇଛି । ଏବେ ବି ସେଠାରେ ଗୁଳିବିନିମୟ ଚାଲିଛି ।ଆହତ ଯବାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଯବାନମାନେ ଫେରିବା ପରେ ହିଁ ଅଧିକ ତଥ୍ୟ ମିଳିବ ବୋଲି ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି ଚଳିତ ବର୍ଷ ଏନକାଉଣ୍ଟରରେ ୧୦୦ ରୁ ଊର୍ଦ୍ଧ୍ୱ ନକ୍ସଲ ନିହତ ହୋଇସାରିଲେଣି । ଦୁଇ ଶହରୁ ଊର୍ଦ୍ଧ୍ୱ ନକ୍ସଲ ଆତ୍ମସମର୍ପଣ କରିସାରିଲେଣି ।

## ଓଡ଼ିଶା ଗାଁକୁ ନେଇଯିବାକୁ ଆନ୍ଧ୍ରର ଉଦ୍ୟମ

ଭୁବନେଶ୍ୱର, ୨୯/୩: ପୁଣି କୋଟିଆରେ ପଶିଲା ଆନ୍ଧ୍ର । କୋଟିଆ ପଞ୍ଚାୟତର ସୀମାନ୍ତ ଗାଁଗୁଡ଼ିକରେ ଆନ୍ଧ୍ର ଅଧିକାରୀମାନେ ଲୋକଙ୍କ ଆଧାର ଅପଡେଟ୍ କରୁଛନ୍ତି । ଗତକାଲି ଆନ୍ଧ୍ର ପ୍ରଦେଶର କିଛି ଅଧିକାରୀ ନେରେଡିୱାଲାସା ଗାଁରେ ପେନସନ ହିତାଧିକାରୀ, ଛାତ୍ରଛାତ୍ରୀ, ଦିବ୍ୟାଙ୍ଗଙ୍କୁ ଏକାଠି କରି ସେମାନଙ୍କର କେୱାଇସି କରିଥିଲେ । ଆନ୍ଧ୍ର ସରକାରଙ୍କ ତରଫରୁ ସେମାନଙ୍କୁ ସ୍ୱାସ୍ଥ୍ୟସେବା ସହ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୧୫ ହଜାର ଟଙ୍କା, ଏବଂ ପେନସନ୍ ହିତାଧିକାରୀଙ୍କୁ ଭତ୍ତା ମିଳିବାର ପ୍ରତିଶ୍ରୁତି ଦେଇଥିଲେ । କିଛିଦିନ ତଳେ ଆନ୍ଧ୍ରର ଜନପ୍ରତିନିଧିମାନେ କୋଟିଆରେ ପଶି ଓଡିଶା କରିଥିବା ବିଦ୍ୟୁତ ଭିତ୍ତିଭୂମିକୁ ବନ୍ଦ କରିବାକୁ ଉଦ୍ୟମ କରିଥିଲେ । ଓଡ଼ିଶା ଦ୍ୱାରା ନିର୍ମାଣ ହେଉଥିବା ବିଦ୍ୟୁତ ସବଷ୍ଟେସନକୁ ବିରୋଧ କରିଥିଲେ । କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମରେ ଆନ୍ଧ୍ର ଅଧିକାରୀମାନେ ପୁଣି ପ୍ରବେଶ କରି ପେନସନ ହିତାଧିକାରୀ, ଛାତ୍ରଛାତ୍ରୀ, ଦିବ୍ୟାଙ୍ଗଙ୍କୁ ଏକତ୍ରିତ କରି କରୁଛନ୍ତି ଇ-କେୱାଇସି । ଲୋକଙ୍କ ଆଙ୍ଗୁଠିକୁ ମେସିନରେ ଲଗାଇ କରୁଛନ୍ତି ଆଧାର ଅପଡେଟ । ଲୋକଙ୍କୁ ଆନ୍ଧ୍ର ମୁହାଁ କରିବା ନିମନ୍ତେ ଏଭଳି ପ୍ରୟାସ କରୁଥିବା ଦେଖିବାକୁ ମିଳିଛି ।



ସୂଚନାନୁଯାୟୀ, ଗତକାଲି ଆନ୍ଧ୍ର ପ୍ରଦେଶର କିଛି ଅଧିକାରୀ ନେରେଡିୱାଲାସା ଗ୍ରାମରେ ଅନୁପ୍ରବେଶ କରି କିଛି ଗ୍ରାମବାସୀଙ୍କୁ ଏକତ୍ରିତ କରିଥିଲେ । ସେମାନଙ୍କୁ ଗ୍ରାମ ବାହାରେ ରହିଥିବା ଏକ ଜଙ୍ଗଲକୁ ନେଇ ତେନ୍ତୁଳି ଗଛ ମୂଳେ ଅଧିକାରୀମାନେ ସେମାନଙ୍କ ଆଧାରକାର୍ଡ ମାଗିବା ସହ ସେମାନଙ୍କ ଆଙ୍ଗୁଠିକୁ ମେସିନରେ ଲଗାଇ ଆଧାର ଅପଡେଟ କରିଥିଲେ । ଆଧାର ଅପଟୁଡେଟ ହେବା ପରେ ଆନ୍ଧ୍ରର ସମସ୍ତ ଯୋଜନାରେ ଲୋକମାନେ ସାମିଲ ହେବେ ବୋଲି କୁହାଯାଇଥିଲା । ଆନ୍ଧ୍ରର ନୂଆ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ସେବା, ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୧୫ ହଜାର ଟଙ୍କାର ସହାୟତା, ପେନସନ ହିତାଧିକାରୀଙ୍କୁ ପେନସନ ମିଳିବାର ବ୍ୟବସ୍ଥା ରହିଛି ବୋଲି ଲୋକଙ୍କୁ କୁହାଯାଇଛି ।

### ୧୨ରେ ଆସିବେ ଜେ ପି ନଡ୍ଡା

ଭୁବନେଶ୍ୱର, ୨୯/୩: ବିଜେପିର ଜାତୀୟ ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡା ଆସନ୍ତା ମାସ ୧୨ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ । ଏନେଇ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଏହି ଅବସରରେ ସେ ଦୂର କାର୍ଯ୍ୟକର୍ତ୍ତାମାନଙ୍କର ମାର୍ଗଦର୍ଶନ କରିବେ । ବହୁ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଦଳ ଓ ସଂଗଠନ ଭିତରେ କିପରି ସମନ୍ୱୟ ରହିବ, ତୃଣମୂଳ ସ୍ତରରେ ସଂଗଠନକୁ କିପରି ସୁଦୃଢ଼ କରାଯିବ, ସରକାରଙ୍କ ସଫଳତାର ପ୍ରଚାର ପ୍ରସାର ଦିଗରେ ଦଳର ଭୂମିକା କ'ଣ ରହିବ, ସେ ନେଇ ସେ ରୋଡ ମ୍ୟା ପ୍ରସ୍ତୁତ କରିପାରନ୍ତି । ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡାଙ୍କ ଓଡ଼ିଶା ଗସ୍ତ ବେଶ୍ ଗୁରୁତ୍ୱ ବହନ କରୁଛି । ସାଂଗଠନିକ କାର୍ଯ୍ୟ ନେଇ ଆଲୋଚନା ବେଳେ ସଭାପତି କି ଆଭିମୁଖ୍ୟ ଦେଖାଉଛନ୍ତି, ତାହା ଉପରେ ସମସ୍ତଙ୍କର ନଜର ରହିଛି । ବିଜେପିର ଜାତୀୟ ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡା ଆସନ୍ତା ମାସ ୧୨ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ । ଏନେଇ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଏହି ଅବସରରେ ସେ ଦୂର କାର୍ଯ୍ୟକର୍ତ୍ତାମାନଙ୍କର ମାର୍ଗଦର୍ଶନ କରିବେ । ବହୁ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଦଳ ଓ ସଂଗଠନ ଭିତରେ କିପରି ସମନ୍ୱୟ ରହିବ, ତୃଣମୂଳ ସ୍ତରରେ ସଂଗଠନକୁ କିପରି ସୁଦୃଢ଼ କରାଯିବ, ସରକାରଙ୍କ ସଫଳତାର ପ୍ରଚାର ପ୍ରସାର ଦିଗରେ ଦଳର ଭୂମିକା କ'ଣ ରହିବ, ସେ ନେଇ ସେ ରୋଡ ମ୍ୟାପ୍ ପ୍ରସ୍ତୁତ କରିପାରନ୍ତି । ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡାଙ୍କ ଓଡ଼ିଶା ଗସ୍ତ ବେଶ୍ ଗୁରୁତ୍ୱ ବହନ କରୁଛି । ସାଂଗଠନିକ କାର୍ଯ୍ୟ ନେଇ ଆଲୋଚନା ବେଳେ ସଭାପତି କି ଆଭିମୁଖ୍ୟ ଦେଖାଉଛନ୍ତି, ତାହା ଉପରେ ସମସ୍ତଙ୍କର ନଜର ରହିଛି । ଏଣେ ଆସନ୍ତା ମାସ ୧୪ ତାରିଖ ପରେ ବିଜେପିର ରାଜ୍ୟ ସଭାପତିଙ୍କ ନାମ ଘୋଷଣା ହୋଇପାରେ ବୋଲି ଦଳୀୟ ସୂତ୍ରରୁ ଜଣାଯାଇଛି ।

## ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଠାବ କରିବ ଏସଟିଏଫ

ଭୁବନେଶ୍ୱର, ୨୯/୩: ବେଆଇନ ବାଂଲାଦେଶୀ ପ୍ରବାସୀଙ୍କୁ ରୋକିବା ପାଇଁ, ଓଡ଼ିଶା ପୁଲିସର ସ୍ପେଶାଲ୍ ଟାସ୍କ ଫୋର୍ସ (ଏସଟିଏଫ) ବାଂଲାଦେଶୀମାନଙ୍କୁ ଖୋଜିବା ପାଇଁ ଏକ ସ୍ୱତନ୍ତ୍ର ୱିଙ୍ଗ ଗଠନ କରିବାକୁ ଯୋଜନା କରିଛି । ରିପୋର୍ଟ ଅନୁଯାୟୀ, ୮ ମାର୍ଚ୍ଚରେ , ଏସଟିଏଫ ୧୦ ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରିଥିଲା । ପଚରାଉଚରା ପରେ, ଅଟକ ବ୍ୟକ୍ତିମାନେ ବାଂଲାଦେଶୀ ନାଗରିକ ବୋଲି ସ୍ୱୀକାର କରିଥିଲେ । ବାଂଲାଦେଶୀ ଅନୁପ୍ରବେଶକାରୀମାନେ କିପରି ବେଆଇନ ଭାବରେ ଭାରତରେ ପ୍ରବେଶ କରୁଛନ୍ତି ତାହା ଜଣାପଡ଼ିଛି । ମାଷ୍ଟରମାଇଣ୍ଡଙ୍କୁ ପଚରାଉଚରାରୁ ଜଣାପଡ଼ିଛି ଯେ, ଦଲାଲ ଭାରତ ଆସିବା ପାଇଁ ୩୫ ହଜାର ଟଙ୍କା ଏବଂ ବାଂଲାଦେଶ ଫେରିବା ପାଇଁ ୩୦ ହଜାର ଟଙ୍କା ନେଉଛନ୍ତି । ମାଷ୍ଟରମାଇଣ୍ଡ ଦଲାଲର ଠିକଣା ମଧ୍ୟ ଦେଇଥିଲେ । ସେହି ଅନୁସାରେ, ଏବେ ଏକ ସ୍ୱତନ୍ତ୍ର ଶାଖା ଜଗଦୀଶ ଦାସ ନାମକ ଦଲାଲକୁ ଧରିବାକୁ ଜାଲ ବିଛା ଯାଇଛି । ରିମାଣ୍ଡ ଅବଧି ଶେଷ ହେବା ପରେ ମାଷ୍ଟରମାଇଣ୍ଡଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ମହମ୍ମଦ ହାସିମଙ୍କୁ ଏସଟିଏଫ ଦୁଇ ଦିନ ପାଇଁ ରିମାଣ୍ଡରେ ଆଣିଥିଲା । ପଚରା ଉଚରା ସମୟରେ ଅଭିଯୁକ୍ତ ସୂଚନା ଦେଇଥିଲେ ଯେ, ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କୁ ବାଂଲାଦେଶରୁ ଆସାମ ଦେଇ ବାଂଲାଦେଶ ସୀମା ଦେଇ ସଡ଼କ ପଥରେ ଭାରତ ପଠାଯାଉଥିଲା । ପ୍ରାୟତଃ ରାତିରେ, ଯେତେବେଳେ ସୁରକ୍ଷା ବ୍ୟବସ୍ଥା ଟିକିଏ ଶିଥିଳ ରହିଥାଏ ସେତେବେଳେ ଅନୁପ୍ରବେଶକାରୀମାନଙ୍କୁ ସୀମା ପାର କରାଯାଉଥିଲା । ଅଭିଯୁକ୍ତଙ୍କ ଦ୍ୱାରା ପ୍ରଦାନ ତଥ୍ୟ ଯାଞ୍ଚ କରିବା ପରେ ବିସ୍ଫୋରକ ସୂଚନା ସାମ୍ନାକୁ ଆସିଛି । ବାଂଲାଦେଶରୁ ବେଆଇନ ଭାବରେ ଲୋକଙ୍କୁ ଏଠାକୁ ଆଣିବା ପରେ, ଦଲାଲ ସେମାନଙ୍କର ନକଲି ଆଧାର କାର୍ଡ ଏବଂ ଭୋଟର ପରିଚୟପତ୍ର ପ୍ରସ୍ତୁତ କରୁଥିଲେ । ସୂଚନା ଅନୁଯାୟୀ, ଦିଲ୍ଲୀ ଏବଂ ବେଙ୍ଗାଲୁରରେ ତଦନ୍ତ ସମୟରେ ୪୦ ଜଣ ବାଂଲାଦେଶୀ ଧରାପଡ଼ିଥିଲେ । ଏବେ, ଏସଟିଏଫ ଦଳ ଦିଲ୍ଲୀ, ଆସାମ ଏବଂ ବେଙ୍ଗାଲୁର ଯିବ ବୋଲି ଏସଟିଏଫ ଏସପି ରବି ନାରାୟଣ ଶତପଥୀ ସୂଚନା ଦେଇଛନ୍ତି ।

## ମୃତ୍ୟୁ ସଂଖ୍ୟା ୧୦୦୨କୁ ବୃଦ୍ଧି, ବଢ଼ିଲା ଆହତଙ୍କ ସଂଖ୍ୟା

ତାପିଦା/ବ୍ୟାଙ୍କକ୍, ୨୯/୩: ମ୍ୟାମାର ଓ ଥାଇଲାଣ୍ଡରେ ଶୁକ୍ରବାର ହୋଇଥିବା ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ଭୀଷଣ ବିପର୍ଯ୍ୟୟ ଆସିଛି । ୭.୭ ଏବଂ ୬.୪ ତୀବ୍ରତାର ୨ଟି ଭୂକମ୍ପ ପ୍ରଭାବରେ ମ୍ୟାମାରରେ ଅନେକ ସୁଉଚ୍ଚ ଅଟ୍ଟାଳିକା ଆଖି ପିଛୁଳାକେ ମାଟିରେ ମିଶିଯାଇଛି । ମ୍ୟାମାରରେ ଏପର୍ଯ୍ୟନ୍ତ ୧୦୦୨ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୩୦୦ରୁ ଅଧିକ ଆହତ ହୋଇଛନ୍ତି । ଅନ୍ୟପକ୍ଷରେ ଶନିବାର ସକାଳ ୫:୧୬ରେ ଆଫଗାନିସ୍ତାନରେ ମଧ୍ୟ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଭୂମିଠାରୁ ୧୮୦ କିଲୋମିଟର ଗଭୀରତାରେ ଘଟିଥିବା ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୭ ମାପ କରାଯାଇଥିଲା । ଏପର୍ଯ୍ୟନ୍ତ କୌଣସି ଜୀବନ କିମ୍ବା ସମ୍ପତ୍ତିର କ୍ଷୟକ୍ଷତିର ଖବର ଆସିନାହିଁ । ମିଆଁମାର ଏବଂ ଥାଇଲ୍ୟାଣ୍ଡରେ ଏକ ଶକ୍ତିଶାଳୀ ଭୂମିକମ୍ପ ହେବା ପରେ ଏବେ ଥରିଛି ଆଫଗାନିସ୍ତାନ । କୁହାଯାଉଛି ଯେ, ୨୮ ମାର୍ଚ୍ଚରେ ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ବିଳମ୍ବିତ ରାତି ୧୧ଟା ୫୬ସମୟରେ ମିଆଁମାରରେ ୪.୨ ତୀବ୍ରତାର ଆଉ ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା । ତେବେ ମିଆଁମାର ଓ ଥାଇଲ୍ୟାଣ୍ଡ ବ୍ୟତୀତ ଭାରତରେ ମେଘାଳୟ, ମଣିପୁର, ଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା । ବାଂଲାଦେଶ, ଭିଏତ୍‌ନାମ ଏବଂ ଚୀନ୍‌ର ଦକ୍ଷିଣପଶ୍ଚିମ ୟୁନାନ୍ ପ୍ରଦେଶରେ ମଧ୍ୟ ଭୂକମ୍ପର ତୀବ୍ର ଝଟ୍‌କା ଅନୁଭୂତ ହୋଇଛି ।

## ସୁଭଦ୍ରାରୁ ବାଦ ପଡ଼ିଲେ ୧ଲକ୍ଷ ୪୩ହଜାର ୭୮୫ଜଣ ମହିଳା

ଭୁବନେଶ୍ୱର, ୨୯/୩: ସୁଭଦ୍ରା ଯୋଜନାକୁ ନେଇ ଆସିଲା ବଡ଼ ଖବର । ସୁଭଦ୍ରା ଯୋଜନାରୁ ୧ଲକ୍ଷ ୪୩ହଜାର ୭୮୫ଜଣ ମହିଳା ବାଦ ପଡ଼ିଛନ୍ତି ବୋଲି ସୁଭଦ୍ରାର ପ୍ରଥମ ଓ ଦ୍ୱିତୀୟ କିସ୍ତି ନେଇ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସୂଚନା ଦେଇଛନ୍ତି । ଆଜି ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି ଯେ ସୁଭଦ୍ରାର ଦ୍ୱିତୀୟ କିସ୍ତିରେ ୧ଲକ୍ଷ ୮୩ହଜାର ୭୮୫ ମହିଳା ବାଦ ପଡ଼ିଛନ୍ତି । ୧ କୋଟି ୬୫ ହଜାର ୮୭୭ ମହିଳା ପ୍ରଥମ କିସ୍ତି ସୁଭଦ୍ରା ଟଙ୍କା ପାଇଥିଲେ । ଦ୍ୱିତୀୟ କିସ୍ତିରେ ୯୮ଲକ୍ଷ ୮୨ହଜାର ୯୨ଜଣ ଟଙ୍କା ପାଇଛନ୍ତି । ପ୍ରଥମ କିସ୍ତିରେ ସରକାର ୫ହଜାର ୩୨କୋଟି ୯୩ଲକ୍ଷ ଦେଇଛନ୍ତି । ଦ୍ୱିତୀୟ କିସ୍ତିରେ ୪ହଜାର ୯୪୧କୋଟି ୪ଲକ୍ଷ ପ୍ରଦାନ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ପ୍ରକାଶ କରିଛନ୍ତି ।

## ୮ବର୍ଷ ପରେ ବି ଖଣି କମ୍ପାନୀ ଦେଇନାହାନ୍ତି ୨୭୨୦କୋଟି ଟଙ୍କା

**ଭୁବନେଶ୍ୱର, ୨୯/୩(ନିପ୍ର):** ରାଜ୍ୟରେ ବହୁଚର୍ଚ୍ଚିତ ଖଣି ଦୁର୍ନୀତି ଓ ବେଆଇନ ଖଣି କାରବାରରେ ସମ୍ପୃକ୍ତ ଖଣି କମ୍ପାନୀଗୁଡ଼ିକଠାରୁ ଏବେବି ୨୭୧୯.୮୭କୋଟି ଟଙ୍କା ଜୋରିମାନାର ଆଦାୟ ହୋଇପାରିନି । ପ୍ରାୟ ୮ବର୍ଷ ତଳେ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ସରକାର ୨୩ଟି ଖିଲାପୀ ଖଣି କମ୍ପାନୀଗୁଡ଼ିକଠୁ ୨୭୨୦କୋଟି ଟଙ୍କା ଆଦାୟ କରିବାରେ ବିଫଳ ହୋଇଛନ୍ତି । ଓପିଡିଆର ଆକ୍ଟ-୧୯୬୨ର ପ୍ରାବଧାନ ଆଧାରରେ ସାର୍ଟିଫିକେଟ୍ କେସ୍ ଚାଲିଛି ଚାଲିଛି କହି ସରକାର ଚୁପ୍ ବସି ପଡ଼ିଛନ୍ତି । ବେଆଇନ ଖଣି କାରବାରରେ ଲିପ୍ତ ଥାଇ ବର୍ଷବର୍ଷ ଧରି କୋଟିକୋଟି ଟଙ୍କା ଉପାର୍ଜନ କରିଥିବା ଏହି ଖଣି କମ୍ପାନୀ ଓ ସେମାନଙ୍କର ପ୍ରମୋଟରଙ୍କଠୁ ଆବଶ୍ୟକ ଜୋରିମାନା ଟଙ୍କାକୁ ସୁଧ ସହ ଆଦାୟ କରିବା ନିମନ୍ତେ କାହିଁକି ସରକାର କଠୋର ଆଭିମୁଖ୍ୟ ପୋଷଣ କରୁନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି । ଅବଶ୍ୟ ରାଜ୍ୟର ବିଜେପି ସରକାର ଏବେ ଆଉ ୩୦ଟି ଖଣିକୁ ଲିଜ୍ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ସେଥିରୁ ୮ଟି ଖଣିର ଟେଣ୍ଡର ଡକା ସରିଥିବାବେଳେ ବାକି ୨୨ଟି ଖଣିର ଟେଣ୍ଡର ଚଳିତବର୍ଷ ଡାକିବେ ବୋଲି ଜଣାପଡ଼ିଛି । ସୁପ୍ରିମକୋର୍ଟଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କମିଟି(ସିଇସି)ଙ୍କ ୧୭୮ପୃଷ୍ଠାର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସୁପ୍ରିମକୋର୍ଟ ୨୦୧୭ ଅଗଷ୍ଟ ୨ତାରିଖରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଜାରି କଲେ । ପୂର୍ବରୁ ତଦନ୍ତ କରିଥିବା ଜଷ୍ଟିସ ଏମବି ଶାହ କମିଶନଙ୍କ ରିପୋର୍ଟକୁ ଖଣି କମ୍ପାନୀଗୁଡ଼ିକ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାପରେ ସୁପ୍ରିମକୋର୍ଟ ଏହି ସିଇସିଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ । ୨୦୦୦-୦୧ରୁ ୨୦୧୦-୧୧ ମସିହା ମଧ୍ୟରେ ହୋଇଥିବା ବେଆଇନ ଖଣି କାରବାରର ଯାଂଚ କରି ସିଇସି ୧୭୮ପୃଷ୍ଠାର ରିପୋର୍ଟ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପରିବେଶ ଓ ଜଙ୍ଗଲ ଅନୁମତି ଉଲ୍ଲଙ୍ଘନ କରି ଖଣି ଖନନ କରିଥିବା ଯୋଗୁ ଖଣି କମ୍ପାନୀଗୁଡ଼ିକ ଉପରେ ରାଜ୍ୟ ସରକାର ୧୮୧୬୯.୧୪କୋଟି ଟଙ୍କାର ଜୋରିମାନା ଧାର୍ଯ୍ୟ କରିଥିଲେ । ସେଥିରୁ ୧୬୧୦୩.୯୬କୋଟି ଟଙ୍କା ଆଦାୟ ହୋଇସାରିଛି । ସେହିପରି ମାଇନିଂ ପ୍ଲାନ ଓ ଖଣି ଖନନ ଅନୁମତିକୁ ଉଲ୍ଲଙ୍ଘନ କରିଥିବା ଯୋଗୁ ୧୮୯୦.୮୩କୋଟି ଟଙ୍କା ଜୋରିମାନା ଧାର୍ଯ୍ୟ ହୋଇଥିଲା । ଯେଉଁଥିରୁ ୧୧୦୧.୬୯କୋଟି ଟଙ୍କା ଆଦାୟ ହୋଇସାରିଛି । ଏହି ଉଭୟ ପ୍ରକାରର ଜୋରିମାନା ମଧ୍ୟରୁ ୨୩ଟି ଖିଲାପୀ କମ୍ପାନୀ ଉପରେ ବାକି ଥିବା ୨୭୧୯.୮୭କୋଟି ଟଙ୍କାର ଜୋରିମାନାକୁ ଆଦାୟ କରିବା ନିମନ୍ତେ ୨୦୧୮ ମସିହାରୁ ରାଜ୍ୟ ସରକାର ଓପିଡିଆର ଆକ୍ଟ-୧୯୬୨ର ପ୍ରାବଧାନ ଆଧାରରେ ସାର୍ଟିଫିକେଟ୍ କେସ୍ କରିଛନ୍ତି । ମାତ୍ର ଏହି ଜୋରିମାନା ଟଙ୍କା ସମ୍ପୃକ୍ତ ୨୩ଟି କମ୍ପାନୀଠୁ କିଭଳି ଆଦାୟ କରାଯିବ ସେ ନେଇ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନନେଇ କେବଳ କେସ୍ କରିଦେଇ ଚୁପ୍ ବସିଯାଇଛନ୍ତି । ଆଉ ପରୋକ୍ଷରେ ଏହି ଖଣି କମ୍ପାନୀଗୁଡ଼ିକୁ ନିଜର ଉପାର୍ଜିତ ବେଆଇନ ଅର୍ଥକୁ ନାନାଦି ଆଳ ଦେଖାଇ ଅନ୍ୟତ୍ର ବିନିଯୋଗ କରିବାର ସୁଯୋଗ ମଧ୍ୟ ଦିଆଯାଇଛି । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ୨୦୦୦-୦୧ରୁ ୨୦୧୦-୧୧ ମସିହା ମଧ୍ୟରେ ଖଣି ଦୁର୍ନୀତିର ଯାଂଚ କରିଥିବା ଏମବି ଶାହ କମିଶନଙ୍କ ରିପୋର୍ଟ ପରିବର୍ତ୍ତେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ପିଭି ଜୟକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି(ସିଇସି)ଙ୍କ ରିପୋର୍ଟ ଓ ସୁପ୍ରିମକୋର୍ଟଙ୍କ ୨୦୧୭ ଅଗଷ୍ଟ ୨ତାରିଖର ନିର୍ଦ୍ଦେଶ ପାଳନ କରି ରାଜ୍ୟ ସରକାର ଏହି ବେଆଇନ ଖଣି କାରବାରରେ ଲିପ୍ତ ଥିବା କମ୍ପାନୀଗୁଡ଼ିକୁ ଜୋରିମାନା ନୋଟିସ୍ ଜାରି କରିଥିଲେ । ମିନେରାଲ ଅକ୍ସନ ରୁଲସ-୨୦୧୫ ଅନୁଯାୟୀ ରାଜ୍ୟରେ ଏପର୍ଯ୍ୟନ୍ତ ୫୦ଟି ଖଣିଜ ବ୍ଲକକୁ ପର୍ଯ୍ୟାୟକ୍ରମେ ନିଲାମ ପ୍ରକ୍ରିୟାରେ ସାମିଲ କରି ସେଗୁଡ଼ିକୁ ସଫଳତାର ସହ ଆବଂଟନ କରାଯାଇଛି । ସେଗୁଡ଼ିକ ମଧ୍ୟରୁ ୨୪ଟି ଖଣିଜ ବ୍ଲକରେ ଖଣି କାର୍ଯ୍ୟକ୍ଷମ ହେଉଛି । ଖଣି ସମ୍ପାଦିତ ହୋଇଥିବା ୩ଟି ଖଣିଜ ବ୍ଲକର ବୈଧାନିକ ଅନୁମତି ପତ୍ର ଅଭାବ ଯୋଗୁ ଖଣି କାର୍ଯ୍ୟକ୍ଷମ ହୋଇନାହିଁ । ଆଉ ୨୩ଟି ଖଣିଜ ବ୍ଲକ ମଞ୍ଜୁର ନିମନ୍ତେ ଲେଟର ଅଫ ଇଟେଣ୍ଟ(ଏଲଓଆଇ) ପ୍ରେରଣ ହୋଇଥିଲେ ମଧ୍ୟ ସମ୍ପୃକ୍ତ ନିଲାମଧାରୀ ଖଣିଜ ବ୍ଲକର ବୈଧାନିକ ଅନୁମତି ପତ୍ର ହାସଲ ନକରିବା ଓ ଏଲଓଆଇର ଅନୁପାଳନ ଅଭାବରୁ ଖଣି ପଟ୍ଟା ମଞ୍ଜୁର ହୋଇନାହିଁ । ତେବେ ରାଜ୍ୟରେ ଗଚ୍ଛିତ ଥିବା ଖଣିଜ ପଦାର୍ଥର ଉତ୍ତୋଳନ ନିମନ୍ତେ ରାଜ୍ୟ ସରକାର ଆଉ ୩୦ଟି ଖଣିଜ ବ୍ଲକକୁ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ନିଲାମ ପ୍ରକ୍ରିୟାରେ ସାମିଲ କରି ଲିଜ୍ ଦେବାକୁ ଚିହ୍ନଟ କରିଛନ୍ତି । ସେଥିରୁ ୮ଟି ଖଣିଜ ବ୍ଲକକୁ ନିଲାମ ପ୍ରକ୍ରିୟାରେ ସାମିଲ କରିବା ନିମନ୍ତେ ଚଳିତ ମାର୍ଚ୍ଚ ୭ତାରିଖରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହୋଇସାରିଛି । ବାକି ୨୨ଟି ଖଣି ପାଇଁ ଟେଣ୍ଡର ବିଜ୍ଞପ୍ତି ନିମନ୍ତେ ପ୍ରକ୍ରିୟା ଜାରି ରହିଛି । ଅନ୍ୟପକ୍ଷରେ ଓଡ଼ିଶା ଖଣି ନିଗମ(ଓଏମସି)କୁ ୩୭ଟି ଖଣିଜ ବ୍ଲକ ଆବଂଟନ ଥିବାବେଳେ ସେଥିରୁ ୧୮ଟି କାର୍ଯ୍ୟକ୍ଷମ ଅଛି । ରାଜ୍ୟ ସରକାରଙ୍କ ୨୦୨୨ ଅଗଷ୍ଟ ୧୨ ତାରିଖରେ କ୍ୟାବିନେଟ୍ ନିଷ୍ପତ୍ତି ଓ ବିଭାଗୀୟ ବିଜ୍ଞପ୍ତି ଅନୁସାରେ ଇଡକଲ, କଳିଙ୍ଗ ଆଇରନ୍ ୱାର୍କସ ଲିମିଟେଡ (ଆଇକେଆଇଡବ୍ଲ୍ୟୁଏଲ), ଫେରେକ୍ରୋମ୍ ଆଣ୍ଡ ଆଏଲଜ୍ ଲିମିଟେଡ (ଆଇଏଫଏଏଲ) ଏବଂ ଓଡ଼ିଶା ଖଣିଜ ଉତ୍ତୋଳନ ଓ ନିଗମ ଲିମିଟେଡ (ଓଏମଇସିଏଲ) କୁ ଓଏମସି ସହ ମିଶ୍ରଣ କରାଯାଇଛି । ସୂଚନାଯୋଗ୍ୟ, ବିଧାନସଭାରେ ଗୁରୁବାର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତିଭୂଷଣ ଜେନା ଏହି ସୂଚନା ଦେଇଛନ୍ତି ।



# ଧଅଁରାଭଟ୍ଟା ସ୍ଥିତ ଏକଲବ୍ୟ ଆବାସିକ ବିଦ୍ୟାଳୟ ଠାରେ ସହଭାଗି ଭାବେ ଅଭିଭାବକ କାର୍ଯ୍ୟକ୍ରମ ଅନୁଷ୍ଠିତ

## ବିଦ୍ୟାଳୟରେ ବିଭିନ୍ନ ସମସ୍ୟାର ସମାଧାନ ନ ହେଲେ ରାଜ ରାସ୍ତା କୁ ଓହ୍ଲାଇବେ ଅଭିଭାବକ

ଭବାନୀପାଟଣା ତା୨୯/୩/୨୫: କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଧଅଁରା ଭଟ୍ଟା ସ୍ଥିତ ଏକଲବ୍ୟ ଆବାସିକ ବିଦ୍ୟାଳୟ ଠାରେ ଅଧକ୍ଷ ଦେବଦତ୍ତ ସାହୁ ଙ୍କ ଅଧ୍ୟକ୍ଷତାରେ ପିତାମାତା ଙ୍କ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପେରେଣ୍ଟ ଆସୋସିଏସନ୍ ସଭାପତି ହରିହର କୁମାର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତଥା ପିଇଡବ୍ଲ୍ୟୁ ମିଡ଼ିଆ ଆସୋସିଏସନ୍ କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ତୁଳ,ସାଧାରଣ ସମ୍ପାଦକ ଗୋପାଳ ଦାସ ମହାନନ୍ଦ ଯୋଗଦେଇ ଥିଲେ।ଏହି ଅବସରରେ ବିଭିନ୍ନ ସମସ୍ୟା କୁ ନେଇ ଏକ ଆଲୋଚନା ଚକ୍ର ରଖାଯାଇଥିଲା। ଆଲୋଚନା ଚକ୍ରରେ ଦୁରଦୁରାନ୍ତରୁ ଆସିଥିବା ଅଭିଭାବକ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟ ଠାରେ ପାନୀୟ ଜଳର ପ୍ରମୁଖ ସମସ୍ୟା ଥିବା ସହିତ ବିଦ୍ୟୁତ ର ସମସ୍ୟା ଥିବା ମଧ୍ୟ ଜଣାପଡିଛି ।ପାନୀୟଜଳ ର ସମସ୍ୟା ସମାଧାନ ପାଇଁ ଅଭିଭାବକ ମାନେ ନିଜସ୍ୱ ଅର୍ଥ ରାଶିର ଦାନ କରି ଏକ ନଳକୂପ ଖୋଳିବା ମଧ୍ୟ ଆଲୋଚନା କରିଥିଲେ ।ଏହାକୁ ନେଇ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଥିଲା ।ଯଦି ଉକ୍ତ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ସମସ୍ତ ଅଭିଭାବକ ଓ ଅଭିଭାବିକା ରାଜ ରାସ୍ତା କୁ ଓହ୍ଲାଇବେ ବୋଲି ମଧ୍ୟ ନିଷ୍ପତ୍ତି କରାଯାଇଛି ।ପରେ ପରେ ଅଭିଭାବକ ମାନଙ୍କୁ ନେଇ ଖେଳ




ଶିକ୍ଷୟିତ୍ରୀ ଲୋଜି ବେଗମ ଙ୍କ ନେତୃତ୍ୱରେ ଅଭିଭାବକ ମାନଙ୍କୁ ନେଇ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ଆୟୋଜିତ କରାଯାଇ ଥିଲା ଏବଂ ପ୍ରତିଭାଗୀ ମାନଙ୍କୁ ଅତିଥି ମାନ'ଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲେ ।ଶେଷରେ ଛାତ୍ରଛାତ୍ରୀ ମାନଙ୍କ ବାର୍ଷିକ ଫଳାଫଳ ଅଭିଭାବକ ମାନଙ୍କୁ ପ୍ରଦାନ କରାଯାଇଥିଲା ।ବିଦ୍ୟାଳୟର ଛାତ୍ରୀ ଖୋଲା ମଣି ଶବର,ଛାତ୍ର ଚନ୍ଦନ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ରୋହିତ ଲୁହାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ,ସେହେନାଚ ଏସକେ,ସୁଦୀପ ପରମାଣିକ,ହେମନ୍ତ କୁମାରବସ୍ତ,ଇକବାଲ ହୁସେନ,ଶଶି ଶେଖର କୁମାର,ମଧୁମିତା ପ୍ରଧାନ,ସୋନୁ, ରାହୁଲ,ସୌରଭ ସୁମନ,ଅଭିଷେକ ଆନନ୍ଦ,ଓ୍ୱାଡେନ ରାଧା କୁମାରୀ,ସୁରଜ ମେହେଟୋ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିବା ବେଳେ ଇଂରାଜୀ ଶିକ୍ଷୟିତ୍ରୀ ସୋମା ସାହା ଧନ୍ୟବାଦ ଅର୍ପଣ କରିଥିଲେ। ସେହି ପରି ଏସ ଏସଡି ସରକାରୀ ଉଚ୍ଚ ବିଦ୍ୟାଳୟ କାଉଗୁଡା ଠାରେ ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦୋରା ଅଧ୍ୟକ୍ଷତାରେ ସହଭାଗି ଭାବେ ଅଭିଭାବକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଉଦୟ ନାଥ ସିଂ ମାଝୀ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ପରିଚାଳନା କମିଟି ସଭାପତି କଳାକୃଷ୍ଣ ଶବର ଯୋଗଦେଇଥିଲେ। ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା ରେ ସହଯୋଗ କରିଥିଲେ। ଏହି ଅବସରରେ ସଚେତନ ଅଭିଭାବକ ଭାବେ କିଡିଙ୍ଗ ଗ୍ରାମର ବିଶ୍ୱନାଥ ଶବର ଙ୍କୁ ସମ୍ମାନିତ କରାଯାଇଥିଲା।

# ଭାରତୀୟ ଜନତା ପାର୍ଟି, କଳାହାଣ୍ଡି ଶାଖାର ସାମ୍ବାଦିକ ସମ୍ମିଳନୀ

କଳାହାଣ୍ଡି , ୨୯/୩: ଭବାନୀପାଟଣା ସ୍ଥାନୀୟ ହୋଟେଲ ମିଡ଼ିଟାଉନ ରେ କଳାହାଣ୍ଡି ଜିଲ୍ଲା ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀ ର ମୁଖ୍ୟ ଉଦ୍ଦେଶ୍ୟ, ସମାଜର ଦୁର୍ବଳ ବର୍ଗର ଲୋକମାନଙ୍କୁ ପକ୍କାଘର ଯୋଗାଇ ଦେଇ ସେମାନଙ୍କ ଜୀବନ ଧାରଣର ମାନ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଲାଗୁ ହେବାକୁ ଯାଉଛି 'ଅନ୍ତୋଦୟ ଗୃହ ଯୋଜନା '। ଏହି ଯୋଜନାରେ ଆସନ୍ତା ତିନି ବର୍ଷ ମଧ୍ୟରେ ଅନ୍ୟୁନ ୨, ୨୫,୦୦୦ ନୂତନ ପକ୍କାଘର ମଞ୍ଜୁର କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନା ପାଇଁ ୭୫୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିବେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ମାଟିରେ। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଙ୍କୁ କଳାହାଣ୍ଡି, ମା ମାଣିକେଶ୍ୱରୀ ମାଟିକୁ ପ୍ରଥମ ଗସ୍ତରେ କଳାହାଣ୍ଡି ଜିଲ୍ଲା ବାସୀ ସ୍ୱାଗତ କରୁଛୁ ବୋଲି ଜିଲ୍ଲା ସଭାପତି ଶ୍ରୀ ଯୁଗଳ କିଶୋର ପୋଢ଼ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଙ୍କ ସ୍ୱାଗତ ପାଇଁ କଳାହାଣ୍ଡି ଚଳଚଞ୍ଚଳ ଏବଂ ବିଜେପି କର୍ମୀମାନେ ବେଶି



ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି ।ଏହି ସମ୍ମିଳନୀ ରେ ଶ୍ରୀ ସୁଧୀର ରଞ୍ଜନ ପଟ୍ଟଯୋଶୀ ମାନ୍ୟବର ବିଧାୟକ ଧର୍ମଗଡ଼ କହିଥିଲେ କି, ପ୍ରତେକ ପଞ୍ଚାୟତ ରେ ଅନ୍ୟୁନ ୨୦ ଟି ପରିବାର ଏହି ଯୋଜନାରେ ସାମିଲ ହୋଇପାରିବେ। ସେହିପରି ଅନ୍ତୋଦୟ ଯୋଜନା ମାଧ୍ୟମରେ କଳାହାଣ୍ଡି ଜିଲ୍ଲାରୁ ୩୨୦୦ ହିତାଧିକାରୀ ଉପକୃତ ହେବେ ବୋଲି ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଙ୍କ ପ୍ରଥମ ଥର ଗସ୍ତ ଥିବା ହେତୁ କଳାହାଣ୍ଡି ତଥା ବିଜେପି କର୍ମୀ ମହଲରେ ଆନନ୍ଦର ବାତାବରଣ ସୃଷ୍ଟି ହେବା ସହ ଭବ୍ୟ ସ୍ୱାଗତର ଆୟୋଜନ କରଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଙ୍କ ସହ ଓଡିଶା ସରକାରଙ୍କ ପଞ୍ଚାୟତରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଉପସ୍ଥିତ ରହି ୪୦୦ କୋଟିର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ କରି କଳାହାଣ୍ଡି ବାସୀଙ୍କୁ ଭେଟିଦେବାର କାର୍ଯ୍ୟକ୍ରମ ରହିଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ଜିଲ୍ଲା ସଭାପତି ଯୁଗଳ ପୋଢ଼, ବିଧାୟକ ସୁଧୀର ପଟ୍ଟଯୋସୀଙ୍କ ସମେତ ଦେବେନ୍ଦ୍ର ମହାନ୍ତି, ଆର୍ତତ୍ରାଣ ମହାପାତ୍ର, ଭବେନ୍ଦ୍ର ପଣ୍ଡା, ପ୍ରଶାନ୍ତ କୁମାର ସାହୁ, ଜୟ ଶଙ୍କର ନାୟକ ପ୍ରମୁଖ ମଞ୍ଚାସିନ ଥିଲେ।

# ବାଲ ବାଟିକା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ

ଫୁଲବାଣୀ , ୨୯/୩: କେନ୍ଦ୍ର ସରକାର ଙ୍କ ଜାତୀୟ ଶିକ୍ଷାନୀତି ଅନୁସାରେ ଶିଶୁ ଶିକ୍ଷାକୁ ସୁଦୃଢ କରିବା ପାଇଁ ସରକାର ବାଲ ବାଟିକା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି !ଏହି ପରିପେକ୍ଷୀରେ ବର୍ତ୍ତମାନ କନ୍ଧମାଳ ଜିଲ୍ଲାର ବିଦ୍ୟାଳୟ ଗୁଡିକରେ ଶିଶୁଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ କରାଯିବା ପାଇଁ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରିରହିଛି ! ଏହି ବାଲ ବାଟିକା କାର୍ଯ୍ୟକ୍ରମ ଅବସରରେ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ସ୍ତରୀୟ ଶିଶୁ ବାଟିକା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦୁତିପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ! ଖଜୁରୀପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ବିନୋଦ ବିହାରୀ ଦିଗାଲ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଞ୍ଚ ଦିନ ଧରି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ! ଏହି ପ୍ରଶିକ୍ଷଣ ଶିବିରରେ ଖଜୁରୀପଡ଼ା ବ୍ଲକର ସମସ୍ତ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୮ ଜଣ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଅଂଶଗ୍ରହଣ କରିଥିଲେ ! ସାଧନ କର୍ମୀ ସୁଜାତା କୁମାରୀ ପ୍ରଧାନ,ଅଶୋକ କୁମାର ମଲ୍ଲିକ,ଅମୀୟ କୁମାର ମହାନନ୍ଦ,ନୀଳାଦ୍ରି ବିହାରୀ ପ୍ରଧାନ ପ୍ରମୁଖ ପାଞ୍ଚ ଦିନ ଧରି ପ୍ରଶିକ୍ଷଣ ଦେଇଥିଲେ ! ଆଗାମୀ ଶିକ୍ଷା ବର୍ଷରେ ସରକାର ରାଜ୍ୟରେ ଜାତୀୟ ଶିକ୍ଷା ନୀତିକୁ ଲାଗୁ କରିବା ପାଇଁ ଚିନ୍ତା





କରୁଥିବା ବେଳେ,ଚଳିତ ବର୍ଷ ଠାରୁ ପାଞ୍ଚ ବର୍ଷ ବୟସର ଶିଶୁ ମାନଙ୍କୁ ଶିଶୁ ବାଟିକା କାର୍ଯ୍ୟକ୍ରମରେ ନାମ ଲେଖାଇ ଉଚ୍ଚ ମାନର ଶିକ୍ଷା ଦିଆଯିବ ! ତେଣୁ ସମସ୍ତ ବିଦ୍ୟାଳୟର ଜଣେ ଜଣେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଉନ୍ନତ ମାନର ଶିକ୍ଷା ପରିଚାଳନା ନିମନ୍ତେ ତାଲିମ ପ୍ରଦାନ କରାଯାଇଥିଲା !ଖଜୁରୀପଡ଼ା ସହ-ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ମଲ୍ଲିକ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷିକା ସ୍ମୃତି ସନ୍ଧ୍ୟା ଦୈନିକ କାର୍ଯ୍ୟକ୍ରମକୁ ତଦାରଖ କରୁଥିବା ବେଳେ ଦୁତିପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅମ୍ବିକା କହଁର,ଶିକ୍ଷକ ବାସୁଦେବ ଦାସ,କବିତା ନାୟକ,ବିଷ୍ଣୁପ୍ରିୟା ସାହୁ,ସନ୍ତୋଷ କୁମାର ସାହାଣୀ, ସଂଯୁକ୍ତା ଦିଗାଲ ପ୍ରମୁଖ କାର୍ଯ୍ୟକ୍ରମକୁ ସୁପରିଚାଳନାରେ ସହଯୋଗ କରିଥିଲେ !

# ଲାଞ୍ଚ ନେବା ବେଳେ ଧରାପଡ଼ିଲେ ରାଜସ୍ୱ ନିରୀକ୍ଷକ

ଫୁଲବାଣୀ: ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ସର୍କଲର ରାଜସ୍ୱ ନିରୀକ୍ଷକ ଦେବାଶୀଷ ନାଏକ। ସୂଚନା ଅନୁସାରେ, ପାହିରାଜୁ ପଞ୍ଚାୟତ କୁସୁପାଜୁର ସୁଦର୍ଶନ କହଁର ନାମକ ଜଣେ ବ୍ୟକ୍ତି ଆବାସ ଯୋଜନାରେ ପାଇଥିବା ଗୃହ ନିର୍ମାଣ ପାଇଁ ଇଟା ଭାଟି କରିଥିଲେ। ସମ୍ପୃକ୍ତ ଆରଆଇ ଏହି ଇଟାଭାଟି ବେଆଇନ ଭାବରେ କରିଛ କହି ତାଙ୍କୁ ଧମକଚମକ ଦେଇଥିଲେ। ସାତ ହଜାର ଟଙ୍କା ଲାଞ୍ଚ ନ ଦେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ। ଫଳରେ ସୁଦର୍ଶନ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ।

# ଫୁଲବାଣୀ ବନାନୀ କଳା ସଙ୍ଗମର ବିଶ୍ୱ ନାଟ୍ୟ ଦିବସ ପାଳିତ

ଫୁଲବାଣୀ, ୨୯/୩: କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମହକୁମା ସ୍ଥିତ ବନାନୀ କଳା ସଙ୍ଗମ ର ଜୁବିଲି ହଲ ରେ ଅନୁଷ୍ଠାନ ର ସଭାପତି ଶ୍ରୀ ଅରୂପ କୁମାର ଜେନା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଶ୍ୱ ନାଟକ ଦିବସ ପାଳନ ଅବସରରେ ସମ୍ପାଦକ ଶ୍ରୀ ସୁନୀଲ କୁମାର ପଟନାୟକ , ମୁଖ୍ୟ ଅତିଥିଭାବେ ଫୁଲବାଣୀ ଆଦିବାସୀ ଉର୍ନ୍ନୟନ ପ୍ରକଳ୍ପ ନିଁର୍ଧେଶକ ତଥା ଜଣେ ଦକ୍ଷ ପ୍ରଶାସକ ଶ୍ରୀ ଗଦାଧର ପାତ୍ରଯୋଗଦାନ କରିଥିବା ବେଳେ ସନମାନୀତ ଅତିଥିଭାବେ ନାଟ୍ୟକାର ଲେଖକ ପଣ୍ଡିତ ଶ୍ରୀ ଅନନ୍ତ ଚରଣ ମିଶ୍ର, ବରିଷ୍ଠ ଆଇନଜୀବୀ , ସାହିତ୍ୟକ ଲେଖକ ଶ୍ରୀ ରବୀନ୍ଦ୍ର ମିଶ୍ର, ମିଡ଼ିଆ ଫୋରମ ସଭପତି ଶ୍ରୀ ସୂର୍ଯ୍ୟ ନାରାୟଣ ବେହେରା ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଶାନ୍ତ କୁମାର ବେହେରା ସମେତ ବରିଷ୍ଠ ନାଗରିକ ମଞ୍ଚରେ ସଭାପତି ସମ୍ପାଦକ ତଥା ଅନ୍ୟ ସମସ୍ତ କଳାପ୍ରେମୀ ନାଟକ ପ୍ରେମୀ ଏହି ଆଲୋଚନା ଚକ୍ରରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଅକ୍ଷୟ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମହକୁମା ସ୍ଥିତ ବନାନୀ କଳା ସଙ୍ଗମ ର ଜୁବିଲି ହଲ ରେ ଅନୁଷ୍ଠାନ ର ସଭାପତି ଶ୍ରୀ ଅରୂପ କୁମାର ଜେନା ଙ୍କ







ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଶ୍ୱ ନାଟକ ଦିବସ ପାଳନ ଅବସରରେ ସମ୍ପାଦକ ଶ୍ରୀ ସୁନୀଲ କୁମାର ପଟନାୟକ , ମୁଖ୍ୟ ଅତିଥିଭାବେ ଫୁଲବାଣୀ ଆଦିବାସୀ ଉର୍ନ୍ନୟନ ପ୍ରକଳ୍ପ ନିଁର୍ଧେଶକ ତଥା ଜଣେ ଦକ୍ଷ ପ୍ରଶାସକ ଶ୍ରୀ ଗଦାଧର ପାତ୍ର ଯୋଗଦାନ କରିଥିବା ବେଳେ ସନମାନୀତ ଅତିଥିଭାବେ ନାଟ୍ୟକାର ଲେଖକ ପଣ୍ଡିତ ଶ୍ରୀ ଅନନ୍ତ ଚରଣ ମିଶ୍ର, ବରିଷ୍ଠ ଆଇନଜୀବୀ , ସାହିତ୍ୟକ ଲେଖକ ଶ୍ରୀ ରବୀନ୍ଦ୍ର ମିଶ୍ର, ମିଡ଼ିଆ ଫୋରମ ସଭପତି ଶ୍ରୀ ସୂର୍ଯ୍ୟ ନାରାୟଣ ବେହେରା ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଶାନ୍ତ କୁମାର ବେହେରା ଓ ଶ୍ରୀ ସନ୍ତୋଷ କୁମାର ଡିଗାଲ ସମେତ କନ୍ଧମାଳ ଜିଲ୍ଲାର ବରିଷ୍ଠ ଆଇନଜୀବୀ ତଥା ଲେଖକ, ସାହିତ୍ୟିକ, ଗାଳ୍ପିକ ତଥା ନାଟକ ନିଁର୍ଧେଶକ ଶ୍ରୀ ବିଜୟ କୃଷ୍ଣ ପଟନାୟକ ଙ୍କ ସହିତ ବରିଷ୍ଠ ନାଗରିକ ମଞ୍ଚରେ ସଭାପତି ସମ୍ପାଦକ ତଥା ଅନ୍ୟ ସମସ୍ତ କଳାପ୍ରେମୀ ନାଟକ ପ୍ରେମୀ ଏହି ଆଲୋଚନା ଚକ୍ରରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ମଂଚାସୀନ ବକ୍ତା ମାନେ ନାଟକ, ଆଜିର ନାଟକସମାଜ ଉପରେ ପଡୁଥିବା ପ୍ରଭାବ, ସଚେତନତା, ଦିଗଦର୍ଶନ ଦେଇଥାଏ ବୋଲି ପ୍ରକାଶ କରିଥିବା ବେଳେ ମୁଖ୍ୟ ଅତିଥି ତଥା ଦକ୍ଷ ପ୍ରଶାସକ ଶ୍ରୀ ଗଦାଧର ପାତ୍ର ନାଟକ ଓ କଳା ଉପରେ ସୁନ୍ଦର ଆଲୋଚନା କରିଥିଲେ, ଓ ନାଟକ ଦ୍ୱାରା ସମାଜ ର ଉପକାରିତା ଉପରେ ମଧ୍ୟ ପ୍ରକାଶ କରିଥିଲେ । ବିଶେଷ କଥା ହେଲା ମୁଖ୍ୟ ଅତିଥିଙ୍କ ଅଭିଭାଷଣ ରୁ ଜଣା ପଡିଲା କି ସେ ଜଣେ ଦକ୍ଷ ପ୍ରଶାସକ ସହିତ ଜଣେ ଲେଖକ, ସାହିତ୍ୟକ, ଓ ଜଣେ ଦକ୍ଷ କଳାକାର ମଧ୍ୟ ଏଥିରେ ଦ୍ୱିମତ ନାହିଁ, ଆଜିର ବିଶ୍ୱ ନାଟକ ଦିବସରେ ସେ ଏକ ସନ୍ଦେଶ ଦେଇଥିଲେ କି କଳା ସଂସ୍କୃତି ଲୋପ ପାଇଯାଉଥିବା ସ୍ରୋତରୁ ତାକୁ ବଞ୍ଚାଇ ରଖିବାକୁ ପଡିବ ଆଉ ଆଗାମୀ ଦିନରେ ସମାଜରେ କାଳପ୍ରତି ବା ଅନେକ କଳାକାର ସୃଷ୍ଟି କରିବାକୁ ଆଉହାନ କରିଥିଲେ ଓ ନିଜର ସୁନ୍ଦର ବକ୍ତବ୍ୟ ସମାପ୍ତ କରିଥିଲେ ।

# ମୁଖ୍ୟମନ୍ତ୍ରୀ ଜୀବିକା ମିଶନ ତରଫରୁ ଜନ ଜାତି ଚାଷୀଙ୍କୁ ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ପ୍ରଦାନ










ଫୁଲବାଣୀ , ୨୯/୩: ରାଜ୍ୟରେ ଆଦିବାସୀ ଚାଷୀ ମାନଙ୍କ ମାନ ଦଣ୍ଡ କୁ ସୁଦୃଢ କରିବାପାଇଁ ରାଜ୍ୟସରକାର ମୁଖ୍ୟମନ୍ତ୍ରୀ ଜୀବିକା ମିଶନ ଜରିଆରେ ଆଜି କନ୍ଧମାଳ ଜିଲ୍ଲା ସଦର ଫୁଲବାଣୀ ସ୍ଥିତ ଆଦିବାସୀ ଉର୍ନ୍ନୟନ ପ୍ରକଳ୍ପ ନିଁର୍ଧେଶକ ଦ୍ୱାରା ଆଜି ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଦ୍ୱାରା କେବଳ ଜନଜାତି ପୁରୁଷ ଓ ମହିଳା ଚାଷୀ ମାନଙ୍କୁ ଗୋଟିଏ ଗୋଟିଏ ପାଓ୍ୱାର କଲଟିଭେଟର ପ୍ରକଳ୍ପ ନିଁର୍ଧେଶକ ଶ୍ରୀ ଗଦାଧର ପାତ୍ର ଙ୍କ ଦ୍ୱାରା ପ୍ରଦାନ କରାଯାଇଛି, ଉକ୍ତ ପାଓ୍ୱାର କଲଟି ଭେଟର ର ସରକାରୀ ମୂଲ୍ୟରେ ପ୍ରାୟ ୫୫,୦୦୦ /- ( ପଂଚାବନ ହଜାର ଟଙ୍କା ) ମୂଲ୍ୟରେ ଚାଷୀମାନଙ୍କୁ ସବ ସିଡି ଆକାରରେ ପ୍ରଦାନ କରାଯାଇଛି । ସମ୍ପୂର୍ଣ୍ଣ ମୂଲ୍ୟର ଶତକଡା ୫୦ ଭାଗ ଅର୍ଥ ଫାର୍ମର କ୍ରାଫ୍ଟ ବହନ କରୁଥିବା ବେଳେ ଆଦିବାସୀ ଉର୍ନ୍ନୟନ ସଂସ୍ଥା ୧୫୦୦୦/- ଟଙ୍କା ସବସିଡି ବହନ କରୁଥିବା ବେଳେ ବଳକା ୧୫୦୦୦/- ଟଙ୍କା ନିଜେ ଚାଷୀ ବହନ କରିବେ ବୋଲି ଜଣାପଡିଛି , ବୋଲି ବ୍ୟବସ୍ଥା ଗ୍ରହଣ କରାଯଯାଇଛି । ସରକାରଙ୍କ ଦ୍ୱାରା ପ୍ରଦାନ କରରାଯାଇଥିବା ପାଓ୍ୱାର କଲଟି ଭେଟର ଦ୍ୱାରା କୃଷି କ୍ଷେତ୍ରରେ ଚାଷୀ ଉପକୃତ ହୋଇପାରିବେ ବୋଲି ସରକାର ଓ ଚାଷୀ ଅନୁଭବ କରିପାରିଛନ୍ତି ଓ ଏଥିପ୍ରତି ପାଓ୍ୱାର କଲଟି ଭେଟର ପାଇଥିବା ଚାଷୀ ମାନେ ଆଗ୍ରହ ପ୍ରକାଶ କରିବା ଦେଖାଯାଇଥିଲା । ଉକ୍ତ ଯନ୍ତ୍ର ଦ୍ୱାରା ଏକା ଥରକେ ଦୁଇଟି କାର୍ଯ୍ୟ ଜରାଯାଇପାରିବ ବୋଲି ଟ୍ରେନର ଚାଷୀ ମାନଙ୍କୁ ବୁଝାଇ ଥିଲେ । ଏକା ଥରକେ ଚାଷ କାମ ସହିତ ଘାସ ବଛା ମଧ୍ୟ ହୋଇପାରିବ ବୋଲି ଟ୍ରେନର ଚାଷୀ ମାନଙ୍କୁ ବୁଝାଇ ଥିଲେ । ଫୁଲବାଣୀ ଆଦିବାସୀ ପ୍ରକଳ୍ପ ଅଧୀନରେ ଯୋଗ୍ୟ ବିବେଚିତ ହୋଇଥିବା ୨୧ ଜଣ ପୁରୁଷ ଓ ମହିଳା ଚାଷୀଙ୍କୁ ଏହି ଉର୍ନ୍ନତ ମାନର ପାଓ୍ୱାର କଲଟି ଭେଟର ପ୍ରଦାନ କରାଯାଇଥିଲା । ଆଦିବାସୀ ଚାଷୀମାନଙ୍କୁ ପାଓ୍ୱାର କଲଟି ଭେଟର ପ୍ରଦାନ କାର୍ଯ୍ୟକ୍ରମ ରେ କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାତି ର ମୁଖ୍ୟ ପରିଚାଳକ ଇଁ ହରିଶଚନ୍ଦ୍ର ରାଉତ, ଶ୍ରୀ ପ୍ରଦୀପ କୁମାର ସ୍ୱାଇଁ, ସମେତ ଆଦିବାସୀ ଉର୍ନ୍ନୟନ ପ୍ରକଳ୍ପର ଅନ୍ୟ ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା, ଦେଖାଯାଉ, ଉକ୍ତ ପାଓ୍ୱାର କଲଟି ଭେଟର ଦ୍ୱାରା ଚାଷୀ ମାନେ କେତେ ପରିମାଣରେ ଉପକୃତ ହୋଇପାରିବେ କି ନାହିଁ ତାହା ତ ଆଗାମୀ ସମୟ କହିବ ।

# ମାଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପାଳନ

କେସିଙ୍ଗା , ୨୯/୩: କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଦେଓଗାଁ ପଞ୍ଚାୟତ ଗ୍ରାମ ମାଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇ ଯାଇଛି ।ସ୍କୁଲ ପ୍ରଧାନ ଶିକ୍ଷକ ତଥା ସଭାପତି ଜଗନ୍ନାଥ ତ୍ରିପାଠୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉଦ୍ଘାଟକ ଭାବରେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗଦେଇ ଥିବା ବେଳେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ଯୋଗ ଦେଇ ଥିଲେ ସେହିପରି ବିଶିଷ୍ଟ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ଡ ଉମେଶ ଚନ୍ଦ୍ର ଶତପଥୀ ଓ ଜିଲ୍ଲାର ବରିଷ୍ଠ ଯୋଗଦେଇ ଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା



ପରିଷଦ ସୁନିତା ଶବର,ଦେଓଗାଁ ସରପଞ୍ଚ ଡମ୍ବରୁଧର ପଟ୍ଟନାୟକ, ନୃତ୍ୟ ଗୁରୁ ଭୀମସେନ ଭୋଇ,ବିଶିଷ୍ଟ ଶିକ୍ଷାବିତ୍ ଓମ ପ୍ରକାଶ ଦୋରା,କନ୍ଷେ ପୁରୋହିତ,ସ୍କୁଲ ପରିଚାଳନା କମିଟି ର ସଭାପତି ପୂର୍ଣ୍ଣଚନ୍ଦ୍ର ରଣା,ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର କୁମାର ଦୋରା, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ରବି କାନୁନଗୋ, ତ୍ରିବିକ୍ରମ ଷଡଙ୍ଗୀ, ଲଇତରା ସି ଆର ସି ସି ତପନ କୁମାର ଦାସ,ସାଧୁ ଚରଣ ଭୋଇ,ବିଶିଷ୍ଟ ସମାଜ ସେବୀ କୈଳାଶ ମାଝୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ମଞ୍ଚ ସଂଯୋଜନା କୁଶ ଚନ୍ଦ୍ର ସାହୁ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ମାଟିଆ ସ୍କୁଲ ର ସହକାରୀ ଶିକ୍ଷକ ପ୍ରଶାନ୍ତ ଶବର ।ଶେଷରେ ଚିତା କର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କୃଷି ସମବାୟ ସମିତି ଲିଃ ନୂତନ ଶୁଭ ଉଦଘାଟନ



କେସିଙ୍ଗା ତା ୨୯/୩ : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପରଲସିଙ୍ଗା ଗ୍ରାମ ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ସଭାପତି ପ୍ରଫୁଲ୍ଲ ନାଏକ ତାଙ୍କ ନେତୃତ୍ୱରେ ଆଜି ଶୁକ୍ରବାର ନୂତନ ପ୍ରାଥମିକ କୃଷି ସମବାୟ ସମିତି ଲିଃ ର ଉଦ୍ଘାଟନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଇଜଉଝ ମଧୁସୂଦନ ମେହେର, ଝଇଜଉଝ ସୁରେନ୍ଦ୍ର ମାଝୀ, ସରପଞ୍ଚ କୃତାଞ୍ଜଳି ଗୌଡ, ନାଏବ ସରପଞ୍ଚ ଗୀତାଞ୍ଜଳି ସାହୁ, ଏକ୍ସ ସରପଞ୍ଚ ପ୍ରମିଳା ସାହୁ, କାଣ୍ଡେଲ ଏବଂ ପରଲସିଙ୍ଗା ପ୍ୟାକ୍ସ ସିଇଓ ଯଶୋବନ୍ତ ବାଗ , କାଣ୍ଡେଲ ପ୍ୟାକ୍ସ ସଭାପତି ତ୍ରିପୁରା ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଞ୍ଚାସୀନ ଥିଲେ। ପ୍ରଥମେ ଦୀପ ପ୍ରଜ୍ୱଳନ ମଧ୍ୟ କରାଯାଇଥିଲା । ଏହି ଉଦ୍ଘାଟନ ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଚାଷୀମାନଙ୍କ ସମେତ ସଭ୍ୟ/ସଭ୍ୟା, ପରଲସିଙ୍ଗା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ବିନୋଦ ବିହାରୀ ନାଏକ, ମେଘୁ ନାଏକ, ତେଜରାଜ ନାଏକ ଓ ବହୁ ମାନ୍ୟଗଣ୍ୟ ତଥା ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଏଠାରେ ପ୍ରଥମ ଥର ନୂତନ ଭାବେ ଏହି ପ୍ରାଥମିକ କୃଷି ସମବାୟ ସମିତି ଉଦ୍ଘାଟନ ହେବା ଦ୍ୱାରା ଅଞ୍ଚଳର କୃଷକ ମାନଙ୍କର ବିକାଶ, କୃଷି ଋଣ, ଖରିଫ, ରବି ଋତୁ ଋଣ ଆଦାନ ପ୍ରଦାନ କରି ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଝଇଜଉଝ ସୁରେନ୍ଦ୍ର ମାଝୀ କହିଥିଲେ । ପରିଶେଷରେ ମଞ୍ଚ ପରିଚାଳନା କରିଥିଲେ ମହୀପାଳ ନାଏକ ଏବଂ ହେମସାଗର ସା ଆୟୋଜନରେ ସହଯୋଗ କରିଥିଲେ ।

# ଲେଡେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ

ଗୋଲାମୁଣ୍ଡା , ୨୯/୩: ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗ୍ରିଣ୍ଡୋଲ କ୍ଲଷ୍ଟର ସ୍ଥିତ ଲେଡେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅନିରୁଦ୍ଧ ଛତ୍ରିଆ ଙ୍କ ଅଧ୍ୟକ୍ଷତା ରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବ ର ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଦମୟନ୍ତୀ ଭୋଇ , ସମ୍ମାନିତ ଅତିଥି ଭାବେ ଗ୍ରିଣ୍ଡୋଲ କ୍ଲଷ୍ଟର ସିଆରସିସି ଗଜିନ୍ଦ୍ରି ନାଏକ , ସ୍କୁଲ ଶିକ୍ଷ୍ୟା ପରିଚାଳନା କମିଟି ସଭାପତି ଶ୍ରୀଯୁକ୍ତ ସନ୍ତୋଷ କୁମାର ସେଠିଆ, ମୁରଲୀ ଧର ପଟେଲ,ଯମୁନା ତୋଲ୍ଗିଆ,ବିଜ୍ଞାନ ଶିକ୍ଷକ କୁମୁଦ ଚନ୍ଦ୍ର ପଟେଲ୍ ,ଲଳିତ କୁମାର ମଙ୍ଗରାଜ,ମୁନା ବାଗ, ଛାତ୍ରସାଏ ନାଏକ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ସମସ୍ତ ଅତିଥି ବୃନ୍ଦ ଙ୍କୁ ଉପଢ଼ୌକନ ସହ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା। ଉତ୍ସବ ରେ ଉପସ୍ଥିତ ଅତିଥି ମାନେ ଶିକ୍ଷ୍ୟାର ମହତ୍ତ୍ୱ ବିଷୟରେ ବିଶେଷ ଭାବରେ ନିଜ ,ନିଜର ବକ୍ତବ୍ୟ ମାଧ୍ୟମରେ ଉଦବୋଧନ ଦେଇଥିଲେ। ସ୍ଥାନୀୟ ସ୍କୁଲ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅନିରୁଦ୍ଧ ଛତ୍ରିଆ ବାର୍ଷିକ ବିବଣୀ ପଠନ କରିଥିଲେ । ସ୍କୁଲ ର ସମସ୍ତ ଛାତ୍ର ଛାତ୍ରୀ ସହ ଗ୍ରାମର ଅନେକ ଭଦ୍ର ବ୍ୟକ୍ତି ଉପସ୍ଥିତ ହୋଇଥିଲେ ।ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହୋଇଥିବା ଛତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶିକ୍ଷକ ହମିଦ କୁମାର ବୋଡେକ୍ ସଭା ପରିଚାଳନା କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ଶିକ୍ଷକ ଭୁଜବଳ ଧାରୁଆ,ଶିକ୍ଷୟତ୍ରୀ ଶ୍ରୀମତୀ କୁମୁଦିନୀ ସୁନା,ବାସନ୍ତୀ ଭୋଇ,ପ୍ରମୁଖ ସହଯୋଗ କରିଥିଲେ ।ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ କ୍ରମ ପରିବେଷଣ କରାଯାଇଥିଲା ।

# ଚଳିତ ବର୍ଷ ବାରୁଣୀ ସ୍ନାନରେ ଶହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ପୁଣ୍ୟତୋୟା ବୈତରଣୀରେ ବୁଡ଼ ପକାଇବା ସହ ପିତୃପୁରୁଷଙ୍କୁ ପିଣ୍ଡ ଦାନ କରିଛନ୍ତି

ଯାଜପୁର, ତା ୨୯.୦୩.୨୦୨୫ ରିଖ : ଚଳିତ ବର୍ଷ ବାରୁଣୀ ସ୍ନାନ ନିମନ୍ତେ ଜିଲ୍ଲା ସଦର ମହକୁମା ନିକଟସ୍ଥ ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟ ନଦୀର ଉଭୟ ପାର୍ଶ୍ୱ ଘାଟରେ ଆଜି ପ୍ରତ୍ୟୁଷରୁ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଏବଂ ଓଡ଼ିଶା ଓ ଓଡ଼ିଶା ବାହାରୁ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ନଦୀରେ ବୁଡ଼ ପକାଇବା ସହ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ଏଥି ନିମନ୍ତେ ଯାଜପୁର ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନର ମିଳିତ ଆନୁକୁଲ୍ୟରେ ଭକ୍ତ ଶ୍ରଦ୍ଧାଳୁ, ଆଧ୍ୟାତ୍ମିକ ଗୁରୁ ଓ ଯାତ୍ରୀ ମାନଙ୍କ ସୁବିଧା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବୈତରଣୀରେ ବୁଡ଼ ପକାଇବା ସ୍ଥାନ ଦଶାଶ୍ୱମେଧ ଘାଟର ଉଭୟ ପାର୍ଶ୍ୱରେ ବାରିକେଡିଂ ବ୍ୟବସ୍ଥା କରାଯାଇଥିଲା। ଭକ୍ତ ଓ ଯାତ୍ରୀମାନେ ବାରିକେଡ଼ିଂର ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସ୍ନାନ କରିବା ସହ ପିତୃପୁରୁଷଙ୍କୁ ପିଣ୍ଡଦାନ କରିସାରିବା ପରେ ପିଣ୍ଡ ସାମଗ୍ରୀ ଗୁଡ଼ିକୁ ପ୍ରଦୂଷଣ ରୋକିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇଥିଲେ। ପ୍ରଶାସନ ତରଫରୁ ଆଲୋକିକରଣ ବ୍ୟବସ୍ଥା, ଯାତ୍ରୀମାନଙ୍କ ଯିବା ଆସିବା ନିମନ୍ତେ ଏକମୁଖୀ ରାସ୍ତା, ଯାତ୍ରୀ ମାନଙ୍କୁ ରୌଦ୍ରତାପରୁ ସୁରକ୍ଷା ନିମନ୍ତେ ଅସ୍ଥାୟୀ ଚାନ୍ଦୁଆ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା, ବାୟୋ ଟଏଲେଟ୍ ବ୍ୟବସ୍ଥା, ସୂଚନା କେନ୍ଦ୍ର ଓ ପୋଲିସ କଣ୍ଟ୍ରୋଲ ରୁମ୍, ଅସ୍ଥାୟୀ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର, ଆମ୍ବୁଲାନ୍ସ ସେବା, ନଦୀ ଗର୍ଭରେ ଅଗ୍ନିଶମ ସେବା ବିଭାଗ ତରଫରୁ ପାୱାର ବୋଟ ଓ ଉଦ୍ଧାରକାରୀ ଦଳ ମୁତୟନ କରାଯାଇଥିଲା। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯାଜପୁର ପୌର ପରିଷଦର ଅଧ୍ୟକ୍ଷା, ଉପାଧ୍ୟକ୍ଷ,ନିର୍ବାହୀ ଅଧିକାରୀ ଏବଂ କର୍ମଚାରୀମାନେ ବାରୁଣୀ ସ୍ନାନ କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିଥିଲେ।

# ସ୍ତ୍ରୀକୁ ଗର୍ଭବତୀ କରି ଚମ୍ପଟ ସ୍ୱାମୀ

ଢେଙ୍କାନାଳ: ପ୍ରେମ ନାଁରେ ପ୍ରତାରଣା ବଢ଼ି ଚାଲିଛି। କିଏ ପ୍ରେମିକକୁ ହତ୍ୟା କରୁଛି ତ ଆଉ କେଉଁଠି ପ୍ରେମିକାକୁ ଅଧାବାଟରେ ଛାଡି ଚାଲିଯାଉଛି। ଏ ଭଳି ଘଟଣା ପରେ ବି ଆଜିର ଯୁବ ଗୋଷ୍ଠୀ ପ୍ରେମରେ ପାଗଳ ହୋଇ ବୁଲୁଛନ୍ତି। ପ୍ରେମ ନାଁରେ ନିଜ ବାପା, ମାଙ୍କୁ ପରା କରିଦେଉଛନ୍ତି। ଏମିତି ଅନେକ ଏକ ଘଟଣା ଅନୁଗୁଳ ଜିଲ୍ଲାରେ ଦେଖିବାକୁ ମିଳିଛି । ଦେଢ଼ ବର୍ଷ ହେଲା ଭଲ ପାଇଲେ, ପରେ ଘରଲୋକଙ୍କଠୁ ଲୁଚିକି ବାହା ହେଲେ। ବାହାହୋଇ ୧୦ ଦିନଏକାଠି ରହିବ ପରେ, ସ୍ତ୍ରୀ ଫୋନରୁ ଫୋଟ ଡିଲିଟ କରି ସ୍ତ୍ରୀକୁ ଛାଡି ଯୁବକ ଫେରାର ହୋଇଯାଇଛି । ସ୍ତ୍ରୀ ଗର୍ଭବତୀ ଥିବା ବେଳେ ସ୍ୱାମୀଙ୍କୁ ପାଇବା ପାଇଁ ଥାନର ଦ୍ୱାରସ୍ଥ ହେଇଛନ୍ତି ଯୁବତୀ ।

# ମୂଷାନାଳ ମୁଖ୍ୟ ରାସ୍ତା ମରଣଯନ୍ତା ପାଲଟି ଥିବା ପ୍ରସଙ୍ଗ, ଖବର ପ୍ରସାରଣ ପରେ ରାସ୍ତାରେ ପଡିଲା ଚିପ୍ସ



ଲାଞ୍ଜିଗଡ଼, ୨୯/୩(ନି.ପ୍ର):ମୂଷାନାଳ ସହର ମଝିରେ ଥିବା ମୁଖ୍ୟ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ମରଣଯନ୍ତା ପାଲଟି ଥିବା ବେଳେ ଲୋକଙ୍କ ଯାତାୟତରେ ଅସୁବିଧା ସୃଷ୍ଟି ହୋଇଥିଲା ।ଏହି ଖବର ଗଣମାଧ୍ୟମରେ ପ୍ରସାରଣ ପରେ ବିଭାଗୀୟ କିମ୍ବା ଠିକାଦାର ଦ୍ୱାରା ରାସ୍ତାରେ ଚିପ୍ସ ପକାଇଥିବା ଦେଖିବାକୁ ମିଳିଛି ।ଅଭିଯୋଗ ଅନୁସାରେ ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ୍ ମୂଷାନାଳ ସହର ମଝିରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ରାସ୍ତାରେ ନିମ୍ନମାନର କାମ ଯୋଗୁଁ ପିଚୁ ଉଠିଯାଇ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିଲା । ନଳକୂଅରୁ ବୋହିଯାଉଥିବା ପାଣି ଆସି ରାସ୍ତା ମଝିରେ ଥିବା ଖାଲରେ ଜମି ରହୁଥିଲା ।ଯାହା ଫଳରେ ଜାନ ବାହାନ ସହିତ ଯାତାୟାତରେ ରୋଗୀ, ଅଙ୍ଗନବାଡ଼ି କେନ୍ଦ୍ରର କୋମଳମତି ଶିଶୁ, ସ୍କୁଲ ଛାତ୍ରଛାତ୍ରୀ, ଗର୍ଭବତୀ ଓ ପ୍ରସୁତିଙ୍କୁ ନେବା ଆଣିବାରେ ସମସ୍ୟା ଦେଖାଦେଇଥିଲା ।ଏହି ରାସ୍ତାଟି ମୂଷାନାଳ ଦେଇଭବାନୀପାଟଣା, ବିଶ୍ୱନାଥପୁର, ବିଜେପୁର,ସୀମାନ୍ତ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ଓ ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ଅଞ୍ଚଳରେ ଥିବା ଅନେକ ପଞ୍ଚାୟତକୁ ସଂଯୋଗ ହୋଇଥିବା ଯୋଗୁଁ ହଜାର ହଜାର ଲୋକଙ୍କ ପାଇଁ ଯାତାୟାତରେ ସହାୟକ ହୋଇଥିଲା ।କିନ୍ତୁ ମୂଷାନାଳ ସହର ମଝିର ମୁଖ୍ୟ ରାସ୍ତାରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇଥିବା ଯୋଗୁଁ ଲୋକଙ୍କ ଅଭିଯୋଗ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ବ୍ଲକ ଦାୟିତ୍ୱରେ ଥିବା ଯନ୍ତ୍ରୀ ଅସିତ ଖଟୁଆ ଗଣମାଧ୍ୟମ ନିକଟରେ ପ୍ରକାଶ କରି ଥିଲେ ଯେ, ମୂଷାନାଳ ରାସ୍ତାକଡ଼ରେ ଥିବା ଡ୍ରେନ ପାଣିକୁ ଲୋକେ ବନ୍ଦ କରି ଦେଇଛନ୍ତି । ସେହି ସ୍ଥାନରେ ପାଣି ଜମା ହେଉଥିବା ବେଳେ ସେହି ରାସ୍ତା ଦେଇ ପିଡବ୍ଲୁଡିର ସାମଗ୍ରୀ ବୋଝେଇ ଗାଡ଼ି ଯିବା ଦ୍ୱାରା ଗଭୀର ଗର୍ତ୍ତ ହୋଇଯାଇଛି । ପିଡବୁଡି ଯନ୍ତ୍ରୀ ଲମ୍ବୋଦର ବେହେରାଙ୍କୁ ସେହି ସ୍ଥାନଙ୍କୁ ମରାମତି କରିବା ପାଇଁ କହିଥିବା ସେ ପ୍ରକାଶ କରିଥିଲେ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଲୋକେ ଦାବି କରିଥିଲେ । ଏହି ଖବର ଶୁକ୍ରବାର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଉକ୍ତ ରାସ୍ତା ଥିବା ଖାଲରେ ଚିପ୍ସ ଓ କ୍ରସର ଗୁଣ୍ଡ ଆଣି ପକେଇଥିବା ଦେଖିବାକୁ ମିଳିଛି ।

# ପୁଲକ ମହାନ୍ତିଙ୍କ ତରଫରୁ ଜଳଛତ୍ର ଅନୁଷ୍ଠିତ



ନିଆଳୀ,୨୯/୩(ନି.ପ୍ର): ନିଆଳୀ ବ୍ଲକ ଦେବୀ କନ୍ଦଳ ଦିପାଞ୍ଚଳ କସର୍ଦା ଗ୍ରାମ ପଞ୍ଚାୟତ ଦିପୋଟି ତୋଟାରେ ଟାରେ ଅନୁଷ୍ଠିତ ହେଉଥ ?ିବା ଐତିହାସିକ ଦିପୋଟି ମେଳଣରେ ୬୪ ଟି ଦୋଳ ଯୋଗ ଦେଇଥିଲେ । ପ୍ରଥମେ କସର୍ଦା ଗ୍ରାମ ର ଥାନପତି ଲକ୍ଷ୍ମୀନାରାୟଣ ସୁସଜ୍ଜିତ ବିମାନରେ ପାରମ୍ପରିକ ବାଣ ରୋଷଣୀରେ ପଡିଆରେ ପ୍ରବେଶ କରିବା ପରେ ଅନ୍ୟାନ୍ୟ ୬୪ ଟି ଦୋଳ ବିମାନ ପଡ଼ିଆରେ ପ୍ରବେଶ ହୋଇଥିଲେ । ଏହାକୁ ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଗ୍ରୀଷ୍ମ ପ୍ରଭାବ କୁ ଆଖି ଆଗରେ ରଖି ରାଜ୍ୟ ବିଜୁ ଜନତା ଦଳ ଯୁଗ୍ମ ସମ୍ପାଦକ ପୁଲକ ମହାନ୍ତି ନେତୃତ୍ୱ ରେ ଏକ' ଜଳଛତ୍ର 'ଖୋଲାଯାଇ ଦହିପାଣି ଏବଂ ସର୍ବତ ବଣ୍ଟନ କରାଯାଇଥିଲା . ଏହି କାର୍ଯ୍ୟକ୍ରମ ରେ ହନି ପରିଜା, ଅମନ ପଟ୍ଟନାୟକ,ସିଦ୍ଧାନ୍ତ ଭଟ୍ଟ,ମନୋରଞ୍ଜନ ଦାଶ,ରାକେଶ ଲେଙ୍କା, ଅଂଶୁମାନ ଦାଶ, ଆୟୁଷ ସେନାପତି, ଈଶ୍ୱର ଚନ୍ଦ୍ର ମଲ୍ଲିକ, ଜ୍ୟୋତିର୍ ଆଦିତ୍ୟ ବେହେରା,ସୁଧୀର କାଣ୍ଡି, ସୁନୀଲ ମହାନ୍ତି, ସୁଧୀର ମହାନ୍ତି, ଦିବ୍ୟଲୋଚନ ସେନାପତି,ସିଦ୍ଧାନ୍ତ ମହାନ୍ତି,ଆଶିଷ ଭୋଇ,କୃତିବାସ ମହାରଣା,ମନୋରଞ୍ଜନ ଦାଶ, ବିଶ୍ୱଜିତ ମହାନ୍ତି, ରାହୁଲ ଖୁଣ୍ଟିଆ,ସୋଭାଗ୍ୟ ସାହୁ, ଗୋବିନ୍ଦ ପ୍ରଧାନ,ଦୀପକ ମଲ୍ଲିକ,ଅଂଶୁମାନ ଦାଶ, ଦିବ୍ୟସିଂହ ସେଠୀ ସହଯୋଗ କରିଥିଲେ ।

# ଓଡିଶା ଦିବସ ପାଳନ ପାଇଁ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡ଼ିଲା, ମନେ ପଡିବେ ବରପୁତ୍ର

## ରଙ୍ଗୀନ ଆଲୋକରେ ସଜେଇ ହେବ ସରକାରୀ ବେସରକାରୀ କାର୍ଯ୍ୟାଳୟ



ବୌଦ୍ଧ ୨୯/୩(ନି.ପ୍ର): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆସନ୍ତା ଏପ୍ରିଲ ୧ ରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏପ୍ରିଲ ୧ ତାରିଖ ରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେବା ସହ ପୂର୍ବ ବର୍ଷ ର ବିବରଣୀ ପାଠ କରି ଥିଲେ । ଓଡିଶା ଦିବସ ଅବସରରେ ପ୍ରାତଃ ସମୟ ରେ ବନ୍ଦେ ଉତ୍କଳ ଜନନୀ ବାଦନ ଏବଂ ଦେଶାତ୍ମବୋଧକ ସଂଗୀତ ସହ ସହର ପରିକ୍ରମା ପରେ ଶିକ୍ଷାନୁଷ୍ଠାନ ର ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ମାନେ ସହର ରେ ପ୍ରଭାତ ଫେରି କରିବେ । ଉତ୍କଳର ବରପୁତ୍ର ମାନଙ୍କ ପ୍ରତିମୂ ର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ ଓ ବିଭିନ୍ନ ପ୍ରଦର୍ଶନୀର ଆୟୋଜନ କରାଯିବ । ସନ୍ଧ୍ୟାରେ ଟାଉନ ହଲ ଠାରେ ସାଧାରଣ ସଭା, ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବଣ୍ଟନ ଆଦି କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇ ଅଧିକାରୀ ମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ଏହା ପୂର୍ବ ରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ଦେଶାତ୍ମବୋଧକ ସଂଗୀତ, ବକ୍ତୃତା, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ । ପୂର୍ବରୁ ଜିଲ୍ଲା ସ୍ତରୀୟ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ପ୍ରଥମ ସ୍ଥାନ ଅଧିକାର ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଭୁବନେଶ୍ୱର ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିବା ପାଇଁ ପଠାଯିବ । ଓଡିଶା ଦିବସ ଅବସର ରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଆଦି ଅନୁଷ୍ଠାନ କୁ ରଙ୍ଗୀନ ଆଲୋକ ମାଳା ରେ ସୁ ସଜ୍ଜିତ କରାଯିବ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ -ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ଡ଼. ସଂଘମିତ୍ରା ପଣ୍ଡା, ଡ଼. କେ. ସି. ପଟ୍ଟନାୟକ, ଡ଼. ବି. କେ. ଆର ସି. ଦେଓ ହେମ୍ବ୍ରମ,ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ତହସିଲଦାର ଅନୀତା କୁମାରୀ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଟି. ପି. ଏସ. ଓ. ଡି. ଏଲ. ଅମରେନ୍ଦ୍ର କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ରୁର ଯାନୀ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର,ଏ. ଏଚ.ଓ ପୂଜା ବାରିକ,ଏନଏସି ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ଶାରୀରିକ ଶିକ୍ଷା ନିରୀକ୍ଷକ ଆନନ୍ଦ କୁମାର ବେହେରା, ସମସ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ଅନ୍ୟ ସମସ୍ତ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଗୋଠ ଗାଁ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା



ପାତ୍ରପୁର ,୨୯/୩(ନି.ପ୍ର): ପାତ୍ରପୁର ବ୍ଲକ ନୂଆପେଣ୍ଠ କ୍ଲଷ୍ଟର ଅନ୍ତର୍ଗତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋଠ ଗାଁ ଠାରେ ଶନିବାର ସପ୍ତମ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି । ଆଗାମୀ ଶିକ୍ଷା ବର୍ଷରେ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ଛାଡ଼ି ଅନ୍ୟ ବିଦ୍ୟାଳୟ କୁ ଯାଉଥିବାରୁ ଏହି ସମ୍ବର୍ଦ୍ଧନା ପର୍ବ ପ୍ରତି ବର୍ଷ ପାଳନ ହେଉଛି । ଏହି କାର୍ଯ୍ୟକ୍ରମ ରେ ପ୍ରଧାନ ଶିକ୍ଷକ ସଦାନନ୍ଦ ଶବର, ସି ଆର୍ ସି ସି ରାଜେଶ୍ କୁମାର ପ୍ରଧାନ, ଶିକ୍ଷକ ନେତା ଟୁଟୁ ପ୍ରଧାନ, ସହକାରୀ ଶିକ୍ଷକ ଦୁଃଖା ପ୍ରଧାନ ଚନ୍ଦ୍ର କାନ୍ତ ଚୌଧୁରୀ , ପ୍ରମୁଖ ମଞ୍ଚା ସିନ ରହିଥିଲେ । ସପ୍ତମ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ପୁରସ୍କାର ଅର୍ପଣ କରିଥିଲେ । ଏହି ସମ୍ବର୍ଦ୍ଧନା ପର୍ବରେ ଉଭୟ ଶ୍ରେଣୀର ପିଲାମାନେ ସ୍ନେହ ଓ ସମ୍ମାନ ର ଭାବକୁ ଆଦାନ ପ୍ରଦାନ କରିଥିବା ଦେଖିବାକୁ ମିଳିଛି ।

# ଜିଏସଏସ ତରଫରୁ ଫାଣ୍ଡି ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନିଆଳୀ : ନିଆଳୀ ବ୍ଲକ ଦ୍ୱୀପାଞ୍ଚଳ ସ୍ଥିତ କସର୍ଦା ଫାଣ୍ଡି ଅଧିକାରୀ ଶ୍ରୀ ଜଗନ୍ନାଥ ପାଣିଗ୍ରାହୀ ଙ୍କୁ ନିଆଳୀ ତଥା ଓଡିଶା ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନାକରିଥିଲେ, ଦ୍ୱୀପାଞ୍ଚଳ ରେ ଆଇନି ପରିସ୍ଥିତି କୁ ସ୍ୱାଧାର, ପେଟୋଲିଙ୍ଗ, ପାଇଁ ନିବେଦନ କରିଥିଲେ, ଗ୍ରାମୀଣ ସେବକ ସମାଜ ତରଫରୁ ଦ୍ୱୀପାଞ୍ଚଳ କସର୍ଦା ରେ ଥାନା ଏବଂ ବ୍ଲକ ପାଇଁ ଦୀର୍ଘ ୧୫ ବର୍ଷ ରୁ ଉର୍ଦ୍ଧ ଦାବୀ କରି ଆସୁଛନ୍ତି, କସର୍ଦା ରେ ଖୁବ ଶୀଘ୍ର ଥାନା ହେବାର ସୂଚନା ଆସୁଛି, ସମ୍ବର୍ଦ୍ଧନାଉତ୍ସବ ରେ ଅନୁଷ୍ଠାନ ର ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ର, ଉପସଭାପତି ତଥା ପ୍ରେସ ୟୁନିଟ ର ସଭାପତି ସାମ୍ବାଦିକ ଦ୍ୱିଜବର ମହାପାତ୍ର, ସହନିର୍ଦ୍ଦେଶକ ଲଲାଟେନ୍ଦୁ ସାହୁ, ପ୍ରେସ ୟୁନିଟ ସମ୍ପାଦକ ସାମ୍ବାଦିକ ସନ୍ଦୀପ ମଲ୍ଲିକ, ସାମ୍ବାଦିକ ତଥା ଅନୁଷ୍ଠାନ ର ସଂଯୋଜିକା ମୋନାଲିସା ମୁଦୁଲି ଏବଂ ଅନୁଷ୍ଠାନ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ ଉପସ୍ଥିତ ରହି ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀ ଦେଇ ସ୍ୱାଗତ ସମ୍ବର୍ଦ୍ଧନାକରିଥିଲେ ।

# ଅଖିଳ ଭାରତୀୟ ଠିକା ମଜଦୁର ମହାସଂଘ ର ୭ମ ତ୍ରୟବାର୍ଷିକ ଅଧିବେଶନ ତାଳଚେରରେ ଉଦଘାଟିତ




ତାଳଚେର ,୨୯/୩(ନି.ପ୍ର): ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଖିଳ ଭାରତୀୟ ଠିକା ମଜଦୁର ମହାସଂଘ ର ସର୍ବଭାରତୀୟ ୭ମ ତ୍ରୟ ବାର୍ଷିକ ଅଧିବେଶନ ତାଳଚେର ଜଗନ୍ନାଥ କଲୋନୀ ସ୍ଥିତ କଲ୍ୟାଣ ମଣ୍ଡପ ରେ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘ ର ସର୍ବଭାରତୀୟ ସମ୍ପାଦକ ରାମନାଥ୍ ଗଣେଶ ମୁଖ୍ୟ ଅତିଥି, ଭାରତୀୟ ମଜଦୁର ସଂଘ ର ସର୍ବ ଭାରତୀୟ ସମ୍ପାଦକ ଭେଲୁ ରାଧାକୃଷ୍ଣ ମୁଖ୍ୟ ବକ୍ତା, ଭାରତୀୟ ମଜଦୁର ସଂଘ ଓଡିଶା ଶାଖା ର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ପୃଥୀରାଜ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଅଖିଳ ଭାରତୀୟ ଠିକା ମଜଦୁର ମହାସଂଘ ର ସଭାପତି କେ.ଭି ରାଧାକୃଷ୍ଣ ସଭାପତିତ୍ୱରେ , ମହାସଂଘ ର ସାଧାରଣ ସମ୍ପାଦକ ସଚିନ୍ ମାଙ୍ଗଲେ୍ ପରିଚାଳନା କରିଥିଲେ । ବୈଠକ ର ପ୍ରାରମ୍ଭ ରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓ ତାଳଚେର ଅଞ୍ଚଳ ର ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ସମସ୍ତ ଶ୍ରମିକ ସଂଗଠନ ମାନଙ୍କ ମାର୍ଗଦର୍ଶକ ତଥା ପ୍ରମୁଖ ସହଯୋଗୀ ଭାବେ ପ୍ରାରମ୍ଭିକ ପର୍ଯ୍ୟାୟରେ କାର୍ଯ୍ୟ କରିଥିବା ଶ୍ରୀଯୁକ୍ତ ଦେବେନ୍ଦ୍ର ପ୍ରଧାନ ଙ୍କ ସ୍ମୃତି ଚାରଣ କରିବା ସହ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱର୍ଗତ ଆତ୍ମା ର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଏହା ପରେ ଅଭ୍ୟର୍ଥନା କମିଟି ସଭାପତି ତଥା ଆଞ୍ଚଳିକ ଠିକା ମଜଦୁର ସଂଘ ର ସଭାପତି ଇଞ୍ଜିନିଅର ଶ୍ରୀଯୁକ୍ତ ମନୋଜ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ, ପ୍ରଥମ ସତ୍ର ରେ ଶ୍ରୀଯୁକ୍ତ ସଚିନ୍ ମାଙ୍ଗଲେ୍ ସାଧାରଣ ସମ୍ପାଦକ ବିବରଣୀ ପାଠ କରିଥିଲେ , ଭାରତୀୟ ମଜଦୁର ସଂଘ ର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମତୀ ସୁରଭି ସ୍ୱାଇଁ ମହିଳା କର୍ମଚାରୀ ମାନଙ୍କ କାର୍ଯ୍ୟ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହା ପରେ ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥି ମାନେ ନିଜ ଅଭିଭାଷଣ ରଖିଥିଲେ । ମୁଖ୍ୟ ଅତିଥି ଶ୍ରୀ ରାମନାଥ ଗଣେଶ ଠିକା ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ, ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଭେଲୁ ରାଧାକୃଷ୍ଣ , ଭାରତୀୟ ମଜଦୁର ସଂଘ ର ସଂଘର୍ଷ ର କାହାଣୀ କହିବା ସହ ଠିକା ଶ୍ରମିକ ମାନଙ୍କ ଅଧିକାର ପାଇଁ ଆହୁରି ସଂଗଠିତ ହେବା ସମ୍ବନ୍ଧରେ ଆଲୋଚନା କରିଥିଲେ । ଭାରତୀୟ ମଜଦୁର ସଂଘ ର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, ଓଡ଼ିଶା ର ଠିକା ଶ୍ରମିକ ମାନେ ସର୍ବାଧିକ ଅବହେଳିତ ତେଣୁ ଆଜି ଓଡ଼ିଶା ର ତାଳଚେର ସହରରେ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମ ର ନିଷ୍ପତ୍ତି ରୁ ନିଶ୍ଚିତ ଓଡ଼ିଶା ର ଠିକା ଶ୍ରମିକ ମାନେ ଉପକୃତ ହେବେ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଠିକା ମଜଦୁର ସଂଘ ର ପ୍ରଭାରୀ ଶ୍ରୀଯୁକ୍ତ ଏ. ଶ୍ରିନିବାସ ରାଓ , ଚାକିରି ସୁରକ୍ଷା, ସାମାଜିକ ସୁରକ୍ଷା, ବେତନ ସୁରକ୍ଷା ସମ୍ବନ୍ଧରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଭାରତୀୟ ମଜଦୁର ସଂଘ ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀଯୁକ୍ତ ଶ୍ରୀନିବାସ ଖୁଣ୍ଟିଆ, ଅନୁଗୋଳ ଜିଲ୍ଲା ସମ୍ପାଦକ ଅଜୟ ପାଢୀ, ଠିକା ମଜଦୁର ମହାସଂଘ ର ସଭାପତି ମଳୟ ପରିଡ଼ା, ଉପସଭାପତି ସତ୍ୟବ୍ରତ ସ୍ୱାଇଁ, ସାଧାରଣ ସମ୍ପାଦକ କପିଳେଶ୍ୱର ମହାପାତ୍ର ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରେ ଠିକା ଶ୍ରମିକ ମାନଙ୍କ ସାମାଜିକ ସୁରକ୍ଷା, ସମସ୍ତ ରାଜ୍ୟ ରେ ହରିୟଣା ଆଉଟସୋର୍ସିଙ୍ଗ୍ ମଡେଲ ଲାଗୁ କରିବା, ଇପିଏଫ୍ ଓ ଇ.ଏସ.ଆଇ କ୍ଷେତ୍ରରେ ପରିବର୍ତ୍ତନ ର ଆବଶ୍ୟକତା ଉପରେ ପ୍ରସ୍ତାବ ପାରିତ ହୋଇଥିଲା । ଦୁଇ ଦିନିଆ ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ରାଜ୍ୟ ରୁ ୨୦୦ ରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ ମାନଙ୍କ ପ୍ରତିନିଧି ଯୋଗ ଦେଇଥିଲେ ।

# ଜିଲ୍ଲା ସ୍ତରୀୟ ବିଶ୍ୱ ବନ ଦିବସ ରେ କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ପୁରସ୍କୃତ



ବଣାଇଁ, ବିଶ୍ୱ ବନ ଦିବସ , ପରିବେଶର ସୁରକ୍ଷା ନିମନ୍ତେ ସମସ୍ତଙ୍କୁ ବାର୍ତ୍ତା ଦେଇଛି ଏହି ଦିବସ । ଆଜି ସୁନ୍ଦରଗଡ଼ ଠାରେ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ବିଶ୍ୱ ବନ ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବଣାଇଁ ଉପଖଣ୍ଡ ତରଫରୁ ବନୀ କରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କେନ୍ଦ୍ରିକଳା ଗ୍ରାମପଞ୍ଚାୟତ କୁ ଜିଲ୍ଲା ସ୍ତରରେ ପୁରସ୍କୃତ କରାଯାଇଛି ।

କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିସାନ ଉପସ୍ଥିତ ରହି ମାନପତ୍ର ଉତ୍ତରୀୟ ସହ କୋଡ଼ିଏ ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଛନ୍ତି । ସେହିପରି ଭାବେ ବଣାଇଁ ଉପଖଣ୍ଡର ଅବୋଧ କୁମାର ନୋଡାଲ ଉଚ୍ଚ ବିଦ୍ୟାଳୟ କୁ ମଧ ସମ୍ମାନିତ କରାଯାଇ ପୁରସ୍କୃତ କରାଯାଇଛି । ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ଦିଗଦର୍ଶକ ରେ କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ଆଜି ଜିଲ୍ଲା ସ୍ତରରେ ସଫଳତା ହାସଲ କରିଥିବାରୁ ଏଥିପାଇଁ ଉଗ୍ରସେନ କିସାନ ବନଖଣ୍ଡ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ସମ୍ବେଦନଶୀଳ ସ୍ଥାନ ଗୋଳା ବାରୁଦ କାରାଖାନାରେ ବଢୁଛି ବେଆଇନ କାମ, ବରାହ ଶିକାରୀ କରି ଗିରଫ ହେଲେ ୨ ଜଣ

ତୁଷୁରା, ଟିଟିଲାଗଡ ରେଞ୍ଜ ଅଧିନସ୍ଥ ବଲାଙ୍ଗୀର ଜିଲ୍ଲା ସଇଁତଳା ବଡ଼ମାଳ ଗୋଳାବାରୁଦ କାରଖାନା ରେ ବରାହ ଶିକାର କରିବା କୁ ଯାଇ ଦୁଇ ଶିକାରୀ ଧରାପଡ଼ିଥିବା ସୂଚନା ମିଳିଛି । ସୁଚନା ଯୋଗ୍ୟ ଯେ ସଇଁତଳା ଥାନା ଖାସ ବାହାଲ ଗାଁ ର ସନତ ସାହୁ ଓ ପ୍ରମୋଦ ସାହୁ କାରଖାନା ପରିସରକୁ ବରାହ ଶିକାର କରିବା ପାଇଁ ଯାଇଥିଲେ । ବରାହ ଶିକାର କରୁଥିବା ନେଇ ସେଠାରେ ଥିବା ଦୁଇ ଘରୋଇ ସୁରକ୍ଷା କର୍ମୀ ଦେଖି କାରଖାନା କର୍ତ୍ତୃପକ୍ଷ କୁ ଜଣାଇଥିଲେ । ପରେ କାରଖାନା କର୍ତ୍ତୃପକ୍ଷ ଟିଟିଲାଗଡ ରେଞ୍ଜର କୁ ଏ ସମ୍ପର୍କ ରେ ଯୋଗାଯୋଗ କରିବା ପରେ ଟିଟିଲାଗଡ ରେଞ୍ଜର ସଚିଦାନନ୍ଦ ସୁବୁଦ୍ଧି ପହଞ୍ଚି ମୃତ୍ୟୁ ହୋଇଥିବା ବରାହ କୁ ଉଦ୍ଧାର କରି ଦୁଇ ଅଭିଯୁକ୍ତ କୁ ଗିରଫ କରିଛନ୍ତି ।ଘଟଣା ସମ୍ପର୍କ ରେ ଅଧିକ ତଦନ୍ତ ଜାରୀ ରହିଛି । ଗୋଟିଏ ସମ୍ବେଦନଶୀଳ ସ୍ଥାନରେ ଅନେକ ସୁରକ୍ଷା କର୍ମୀ ନିୟୋଜିତ ହୋଇ ଥିବା ବେଳେ କିଭଳି ଭାବରେ ବେଆଇନ କାମ କରିବାକୁ ସାହାସ କରୁଛନ୍ତି ଅସାମାଜିକ ବ୍ୟକ୍ତିମାନେ ଏବଂ ସେଠାରେ ବନ୍ୟ ଜନ୍ତୁଙ୍କ ସୁରକ୍ଷା ବିପଦରେ ଥିବାରୁ ସିଧାସଲଖ ଅଞ୍ଚଳ ବାସୀ ପ୍ରଶାସନଙ୍କ ଉପରେ ଅଙ୍ଗୁଳି ଉଠାଇ ଅସନ୍ତୋଷ ଜାହିର କରିଛନ୍ତି ।

## ସଂପାଦକୀୟ

# ମାଓ ହିଂସାର ନିରାକରଣ

ଭାରତରେ ବାମ ଉଗ୍ରବାଦ ଗତ କିଛି ବର୍ଷ ହେଲା ଦେଶର ନିରାପତ୍ତା ପ୍ରତି ଘୋର ବିପଦ ସୃଷ୍ଟି କରିଛି। ହିଂସାତ୍ମକ ଉପାୟରେ କ୍ଷମତର ଦଖଲ କରିବା ନକ୍ସଲପନ୍ଥୀ ବା ମାଓବାଦୀମାନଙ୍କର ଆଭିମୁଖ୍ୟ ହୋଇଥିବାରୁ ଏହି ଲକ୍ଷ୍ୟ ହାସଲ ନିମନ୍ତେ ସେମାନେ ବିଭିନ୍ନ ସ୍ଥାନରେ ରକ୍ତପାତ ଓ ଅରାଜକତା ଘଟାଇଥାନ୍ତି। ଅତୀତରେ ଦେଶର ବହୁ ରାଜ୍ୟ ମାଓ ଉପଦ୍ରବର ଶିକାର ହୋଇଥିଲେ। ଜନ ସାଧାରଣଙ୍କ ଦାରିଦ୍ର ଓ ଅନଗ୍ରସରତାର ସୁଯୋଗ ନେଇ ମାଓବାଦୀମାନେ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବେଶ୍ ପ୍ରଭାବ ବିସ୍ତାର କରିଥାନ୍ତି ଓ ଶିକ୍ଷା ଓ ସଭ୍ୟତାର ଆଲୋକରୁ ବଞ୍ଚିତ ନିରୀହ ଆଦିବାସୀମାନଙ୍କୁ ଅସ୍ତ୍ରଶସ୍ତ୍ର ତାଲିମ୍ ଦେଇ ଲାଲ୍ ବାହିନୀରେ ସାମିଲ କରାଇଥାନ୍ତି। ଏକଦା ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ଝାରଖଣ୍ଡ, ବିହାର ଆଦି ରାଜ୍ୟ ସହିତ ଆମ ଓଡ଼ିଶାରେ ମଧ୍ୟ ମାଓ କାର୍ଯ୍ୟକଳାପ ଚରମ ସୀମାରେ ପହଞ୍ଚିଥିଲା। ନୟାଗଡ଼ ଅସ୍ତ୍ରାଗାର ଲୁଣ୍ଠନଠାରୁ ଆରମ୍ଭ କରି ମାଲକାନଗିରି ଜିଲ୍ଲାପାଳ ଭିନିଲ୍ କ୍ରିଷ୍ଣାଙ୍କ ଅପହରଣ ଓ ଦୁଇଜଣ ଇଟାଲୀୟ ପର୍ଯ୍ୟଟକଙ୍କ ଅପହରଣ କରାଯିବା ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ମାତ୍ର ପରବର୍ତ୍ତୀ ସମୟରେ କେବଳ ଓଡ଼ିଶା ନୁହେଁ, ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ମାଓ ଉପଦ୍ରବ ଅନେକାଂଶରେ ହ୍ରାସ ପାଇଥିବାର ଲକ୍ଷ୍ୟ କରାଯାଇଛି। ସରକାରଙ୍କ ଦମନମୂଳକ କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ଆତ୍ମ ସମର୍ପଣ ପାଇଁ ଲୋଭନୀୟ ପ୍ୟାକେଜ୍ ଘୋଷଣା ଫଳରେ ବହୁ କ୍ୟାଡ଼ର ମାଓବାଦୀ ପୋଲିସ ଓ ପ୍ରଶାସନ ନିକଟରେ ଆତ୍ମ ସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ଏହି ପୃଷ୍ଠ ଭୂମିରେ ଦେଶରେ ମାଓ କାର୍ଯ୍ୟକଳାପର ସ୍ଥିତି ଅନୁଧ୍ୟାନ କରିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କିଛି ଦିନ ପୂର୍ବ ନୂଆଦିଲ୍ଲୀଠାରେ ୧୦ଟି ମାଓପ୍ରବଣ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କର ଏକ ଉଚ୍ଚସ୍ତରୀୟ ବୈଠକ ଡକାଇଥିଲେ। ଏଥିରେ ନକ୍ସଲଙ୍କ ହିଂସା ଓ ଉପଦ୍ରୁତ ଅଞ୍ଚଳରେ ଚାଲିଥିବା ବିକାଶମୂଳକ କାର୍ଯ୍ୟକଳାପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥଲା। ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ, ଭାରତରେ ନକ୍ସଲ ହିଂସା ଇତି ମଧ୍ୟରେ ୨୩ ପ୍ରତିଶତ ହ୍ରାସ ପାଇଥିବାବେଳେ ତତ୍‌ଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ୨୧ ପ୍ରତିଶତ କମିଛି। ଗତ ୪୦ବର୍ଷ ଭିତରେ ମାଓବାଦୀଙ୍କ ହିଂସାକାଣ୍ଡରେ ୧୬ ହଜାର ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ତେବେ ଅନେକ ବର୍ଷର ବ୍ୟବଧାନ ପରେ ପ୍ରଥମ ଥର ପାଇଁ ଗୋଟିଏ ବର୍ଷରେ ମୃତ୍ୟୁ ସଂଖ୍ୟା ୨୦୦ରୁ କମ୍ ରହିବା ଏକ ବଡ ସଫଳତା ବୋଲି ଗୃହମନ୍ତ୍ରୀ ପ୍ରକାଶ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱିତ ପ୍ରୟାସ ଯୋଗୁଁ ଏହା ସମ୍ଭବ ହୋଇଥିବାର ସେ କହିଥିଲେ। ଯେଉଁମାନେ ହିଂସା ଛାଡି ସମାଜର ମୁଖ୍ୟ ସ୍ରୋତକୁ ଫେରି ଆସୁଛନ୍ତି, ସେମାନଙ୍କୁ ସ୍ୱାଗତ କରାଯାଉଛି ଓ କରାଯିବା ମାତ୍ର ଯେଉଁମାନେ ଅସ୍ତ୍ର, ଶସ୍ତ୍ର ଧରି ନିରୀହ ଜନସାଧାରଣ ଓ ପୋଲିସକୁ ହତ୍ୟା କରୁଛନ୍ତି, ସେମାନଙ୍କୁ ଉଚିତ୍ ଜବାବ ବୋଲି ଅମିତ୍ ଶାହା ଚେତାଇ ଦେଇଥିଲେ। କେନ୍ଦ୍ର ସରକାର ନିକଟରେ ଅନେକ ମାଓପ୍ରବଣ ଓ ଉତ୍ତର ପୂର୍ବାଞ୍ଚଳର ଉଗ୍ରବାଦୀଙ୍କୁ ଅସ୍ତ୍ରଶସ୍ତ୍ର ତ୍ୟାଗ କରାଇବା ସହିତ ସେମାନଙ୍କୁ ଆତ୍ମସମର୍ପଣ କରାଇ ପାରଇଛନ୍ତି। ଏପର୍ଯ୍ୟନ୍ତ ୧୬ ହଜାର ଉଗ୍ରବାଦୀ ସମାଜର ମୁଖ୍ୟ ସ୍ରୋତକୁ ଫେରିଲେଣି। ଆମ ଦେଶରେ ବାମପନ୍ଥୀ ଉଗ୍ରବାଦୀ କାର୍ଯ୍ୟକଳାପ ଚଳାଇ ରଖିବା ପାଇଁ ବାହାରୁ ଆସୁଥିବା ଆୟର ସ୍ରୋତକୁ ବନ୍ଦ କରିବା ସବୁଠାରୁ ବଡ ଆହ୍ୱାନ । କେବଳ କେନ୍ଦ୍ର ସରକାର ଚାହିଁଲେ ଏହାକୁ ବନ୍ଦ କରିପାରିବେ ନାହିଁ, ଏଥିପାଇଁ ରାଜ୍ୟ ସରକାରମାନେ ସହଯୋଗ କରିବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ନିବେଦନ କରିଥିଲେ। ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହି ମାଓ ମୁକାବିଲା ନିମନ୍ତେ କେତେଗୁଡିଏ ଉପାଦେୟ ପରାମର୍ଶ ଦେଇଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଜରିଆରେ ଲାଲ୍ ବାହିନୀର ଉପାଦେୟକୁ ରୋକାଯିବା ନିମନ୍ତେ ସେ ଏକ ପଞ୍ଚସୂତ୍ରୀ ପ୍ରସ୍ତାବ ବୈଠକରେ ଉପସ୍ଥାପନ କରିଥିଲେ। ମାଓ ହିଂସା ଦ୍ୱାରା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ରେଳପଥ, ସଡ଼କପଥ, ଟେଲିକମ୍, ମୋବାଇଲ୍ ନେଟ୍‌ୱାର୍କ ଏବଂ ବ୍ୟାଙ୍କିଂ ସୁବିଧାର ବିକାଶ ପାଇଁ ଏହି ପଞ୍ଚସୂତ୍ରୀ ପ୍ରସ୍ତାବରେ ଗୁରୁତ୍ୱ ଦିଆଯାଇଛି। ଆମ ଦେଶରେ ଯେ ପର୍ଯ୍ୟନ୍ତ ଦାରିଦ୍ର୍ୟ, ବେକାରୀ ଓ କ୍ଷୁଧା ରହିଛି, ନକ୍ସଲ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ଦୂର କରିବା ସମ୍ଭବପର ହେବ ନାହିଁ। ତେଣୁ ଅସ୍ତ୍ରଶସ୍ତ୍ର ଦ୍ୱାରା ସେମାନଙ୍କ ଦମନ କରିବା ପରିବର୍ତ୍ତେ ବିକାଶମୂଳକ କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କୁ ରୋକାଯିବା ଯଥାର୍ଥ ପଦକ୍ଷେପ ହେବ।

# ଗାଁ ଦାଣ୍ଡରେ ଶୁଣିବାକୁ ମିଳୁନି ପାରମ୍ପରିକ ଧୁଡୁକି ଗୀତ

**ଅମୂଲ୍ୟ କୁମାର ପଣ୍ଡା**

ଆମ ଓଡ଼ିଶାରେ ଥିବା ବାଦ୍ୟଯନ୍ତ୍ରର ଭିନ୍ନ ଏକ ସ୍ୱାତନ୍ତ୍ର୍ୟ ରହିଛି ଯାହା ଆମ ପାଇଁ ଏକ ଗର୍ବ ଓ ଗୌରବର ବିଷୟ । ଅନେକ ବାଦ୍ୟଯନ୍ତ୍ରର ନୂଆଁ କଳେବର ହୋଇଥିଲେ ବି ଏମିତି ଅନେକ ପାରମ୍ପରିକ ବାଦ୍ୟଯନ୍ତ୍ର ଅଛି ଯାହା ଆମ ମନକୁ ଏବେ ବି ଛୁଏଁ। ସେଥି ମଧ୍ୟରୁ ଧୁଡୁକି ବାଜାର ରୂପ ରହିଛି ଅପରିବର୍ତ୍ତନୀୟ । ଭଜନ ହେଉକି ଆଧୁନିକ ଗୀତ ବେଶ୍ ଲୋକପ୍ରିୟ ସବୁ ସ୍ଥାନରେ ଆଉ ସବୁ ସମୟରେ । ଆଉ ସେଥିରେ ଯେବେ ମିଶିଯାଏ ଧୁଡୁକିର ମନଛୁଆଁ ରାଗ, ମତୁଆଲା ହୋଇଉଠେ ପରିବେଶ। ବାଟରେ ଯାଉଥିବା ଦେଖଣାହାରୀ ବି ଘଡ଼ିଏ ଅଟକି ଯାଆନ୍ତି ସେହି ସୁମଧୁର ସଙ୍ଗୀତ ଶୁଣିବାକୁ। ଗାଁ ଦାଣ୍ଡରେ ଧୁଡୁକି ବାଜିଲେ ସଙ୍ଗୀତ ପ୍ରେମୀଙ୍କ ମନ ଖୁସିରେ ଫାଟିପଡେ। ତାଙ୍କ ଗୀତ ଶୁଣି ଆନନ୍ଦିତ ହୋଇଯାନ୍ତି ଗାଁ ଲୋକେ । ଏହି ବାଦକ ମାନେ ଗାଁ ଗାଁ ବୁଲି କେବଳ ଲୋକଙ୍କର ମନୋରଞ୍ଜନ କରନ୍ତି ନାହିଁ ବରଂ ଲୋକଙ୍କୁ ଏପରି ପୁରୁଣା ବାଦ୍ୟଯନ୍ତ୍ରର ସଂରକ୍ଷଣ କରିବାକୁ ମଧ୍ୟ ପ୍ରତ୍ୟକ୍ଷ ଭାବେ ସଚେତନ କରନ୍ତି । ଏମାନଙ୍କ ମାଧୁର୍ଯ୍ୟଭରା ସଙ୍ଗୀତରେ ବିଭୋର ହୋଇ କିଏ ଚାଉଳ ଗଣ୍ଡେ ଦିଏ ତ, ଆଉ କିଏ ପରିବା ଦିଇଟା ଦେଇଥାଏ ସେମାନଙ୍କୁ, ଯାହାକୁ ନେଇ ସେମାନେ ନିଜର ଗୁଜୁରାଣ ମେଣ୍ଟାନ୍ତି ଆତ୍ମସନ୍ତୋଷରେ । ପିଲା ଦିନେ ଗାଁ ଦାଣ୍ଡ ଶୁଣିବାକୁ ମିଳୁଥିଲା ଏହି ପଲ୍ଲିଗୀତ ଧୁଡୁକି । ଧୁଡୁକି ବାଦ୍ୟରେ ତାଳେ ତାଳେ ଗାଉଥିଲେ "ମା' ପରି କିଏ ହୋଇବ, ମା' ପରି କିଏ ହୋଇବ , ମା'-ବାପ ସେବା ଯେ ପୁଅ କରଇ, କୋଟି ପୂର୍ଣ୍ଣଫଳ ପାଇବ।" ସେହିପରି ଅଭିରାମ ପରମହଂସଙ୍କ "କେତେ ଶୋଇଛୁଲ ମା' ତୋତେ ବାପା ଡାକୁଛି, ପିଲା ଜନମ ନ ହେଉଣୁ କ୍ଷୀର ମାଗୁଛି"। ଏହି ଗୀତର ମୂର୍ଚ୍ଛନା ଗାଁ ଦାଣ୍ଡରେ ଭାସି ଆସିଲେ ପିଲାଠୁ ବୁଢ଼ା ସଭିଏଁ ଚେଇଁ ଉଠନ୍ତି। ଆଜି କିନ୍ତୁ ଶୁଣିବାକୁ ମିଳୁନି ଏହି ପାରମ୍ପରିକ ଧୁଡୁକି ବାଦ୍ୟର ସ୍ୱର। ଗାଁ ଲୋକେ ଆସ୍ତେ ଆସ୍ତେ ଏହି ଗୀତ ଓ ବାଦ୍ୟକୁ ଭୁଲି ଗଲେଣି। ଏହି ଧୁଡୁକି ଗୀତକୁ କେହି କେହି ଘୁଡୁକି ଗୀତ ମଧ୍ୟ କୁହନ୍ତି। ଏହି ଧୁଡୁକି ଗୀତ ହେଉଛି ଏକ ବାଦ୍ୟଯନ୍ତ୍ରର ଯାହା ସୁନ୍ଦର ହସ୍ତ ଚାଳନା ଶୈଳୀ ସାଙ୍ଗକୁ ପାରମ୍ପରିକ ଓ ସାଂସ୍କୃତିକ ଗୀତକୁ ବୋଲାଯାଉଥିବା ଓଡ଼ିଶାର ଏକ ପାରମ୍ପାରିକ ଲୋକକଳା। ଧୁଡୁକି ବଜାଇ ଆମ ଓଡ଼ିଶାର କିଛି ସମ୍ପ୍ରଦାୟର ଲୋକ ମାନେ ଗାଁ ଗାଁ ବୁଲି ଲୋକମାନଙ୍କର ମନୋରଞ୍ଜନ କରନ୍ତି ଆଉ ସେଥିରୁ ଅର୍ଥ ଉପାର୍ଜନ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ଧୁଡୁକି ବଜେଇ, ଏମାନେ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟକବିତା, ରାଧାକୃଷ୍ଣଙ୍କ ପ୍ରେମ କାହାଣୀ, ବିଭିନ୍ନ ଗ୍ରନ୍ଥ ଉପନିଷେଦର କଥା ବୋଲି ଶୁଣେଇଥାନ୍ତି । ଢେଙ୍କାନାଳ, ନୟାଗଡ଼, ଯାଜପୁର ଆଦି ଅଞ୍ଚଳରେ ଏହି କଳାକାରମାନେ ଅଧିକ ଦେଖାଯାଆନ୍ତି। ଧୁଡୁକି, ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ ବାଦ୍ୟଯନ୍ତ୍ର ଓ ବଜେଇବା ଲୋକେ ନିଜେ ଏହାକୁ ନିଜେ ତିଆରି କରିଥାନ୍ତି । କାଠର ଏକ ନଳର ଗୋଟିଏ ପାର୍ଶ୍ୱରେ ଏକପ୍ରକାର ଚମଡାର ଆବରଣ ପକାଯାଇ, ତାହାର ମଧ୍ୟଭାଗରେ ଏକ ପ୍ଲାଷ୍ଟିକ ବା ଧାତୁ ନିର୍ମିତ ଡୋରି ବନ୍ଧାଯାଇଥାଏ । ଡୋରିର ଅନ୍ୟ ପ୍ରାନ୍ତରେ ଏକ ଦଣ୍ଡ ବନ୍ଧାଯାଇଥାଏ । କାଖରେ ଧୁଡୁକିର ନଳରଖି, ପାପୁଲିରେ ଦଣ୍ଡକୁ ଭିଡିଧରିବା ସହ, ଅନ୍ୟ ହାତର ଚାରି ଆଙ୍ଗୁଠି ସାହାଯ୍ୟରେ ଡୋରିକୁ ଟାଣି ଏହାକୁ ବଜାଯାଏ । ଏହାର ଧ୍ୱନୀକୁ ଆହୁରି ସୁନ୍ଦର କରିବା ପାଇଁ, ଦଣ୍ଡରେ ଘୁଙ୍ଗୁର ମଧ୍ୟ ବନ୍ଧାଯାଇଥାଏ । ଧୁଡୁକିର ତାଳେ ତାଳେ, ଘୁଙ୍ଗୁରର ଶବ୍ଦ ବେଶ ମଧୁର ଧ୍ୱନୀ ସୃଷ୍ଟିକରିଥାଏ । ଆଧୁନିକ ବାଦ୍ୟଯନ୍ତ୍ରର ଆଗମନ ପରେ ଧୁଡୁକି ବାଦ୍ୟ ତାର ସତ୍ତା ହରାଇଛି। ଯାହାଦ୍ୱାରା ଧୁଡୁକି ବଜାଇ ଗୁଜୁରାଣ ମେଣ୍ଟାଉଥିବା ବହୁ ଲୋକ ଏବେ ଏଥିରୁ ଦୂରେଇ ଯାଉଛନ୍ତି। ଯେଉଁ କେତେଜଣ ଏହାକୁ ବଞ୍ଚାଇ ରଖିଛନ୍ତି ସେମାନଙ୍କ ପରିବାର ଅବସ୍ଥା ଦୟନୀୟ ହୋଇପଡ଼ିଛି। ତଥାପି ସେମାନେ ହାର ମାନି ନାହାନ୍ତି। ଦୁଃଖକଷ୍ଟରେ ପରିବାର ଚଳାଉଛନ୍ତି ଆଉ ଏହି ପାରମ୍ପରିକ ଓ ସଂସ୍କୃତି ଭିତ୍ତିକ ଲୋକ କଳାକୁ ହଜାଇବାକୁ ଦେଇ ନାହାଁନ୍ତି । ଆମ ଓଡ଼ିଶାର ଗଞ୍ଜାମରେ ଏହି ଧୁଡୁକି ଗୀତକୁ ଫକାଲା ଘୁଡୁକି' ଭାବରେ ଜଣାଯାଏ । ଘୁଡୁକି ଯନ୍ତ୍ରଟି ମୂଳତଃ ଶୁଦ୍ଧଶବର ଜାତିମାନଙ୍କ ନୃତ୍ୟଗୀତରୁ ଉତ୍ପନ୍ନ । ଗଞ୍ଜାମର ପୁରାତନ ଗୁରୁ ପ୍ରାଣବନ୍ଧୁ ତରାଇ ଘୁଡୁକିକୁ ସର୍ବପ୍ରଥମେ ନୂଆ ରୂପ ଦେଇ ବହୁ ପ୍ରସିଦ୍ଧ କରେଇପାରିଥିଲେ । ସେ ଅଳ୍ପ କାଳା ଥିବାରୁ ଲୋକେ ଧୀରେ ଧୀରେ ଫକାଲା ଘୁଡୁକି' ଭାବେ ସମ୍ବୋଧନ କରିବା ଆରମ୍ଭ କରିଲେ । ପ୍ରାଣବନ୍ଧୁଙ୍କ ପୁତ୍ର ନୀଳକଣ୍ଠ ତରାଇ ମଧ୍ୟ ଘୁଡୁକିନାଟର ପ୍ରମୁଖ ଗୁରୁମାନଙ୍କ ମଧ୍ୟରୁ ଅନ୍ୟତମ । ବର୍ଷରେ ଭିତରେ ବିଶେଷ କରି କାର୍ତ୍ତିକ ମାସରେ ଗାଁକୁ ଗାଁ ବୁଲି ସେ ଧୁଡୁକି ବଜାଇବାକୁ ଆସନ୍ତି ଏହି ପାରମ୍ପରିକ ବାଦକ ମାନେ । ଅନ୍ୟ ସମୟରେ ନିଜର ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବା ସହିତ ଏମାନେ ଯାତ୍ରୀବାହୀ ରେଳଗାଡ଼ି ଓ ବସ୍ ରେ ଧୁଡୁକି ବଜାନ୍ତି। ସେମାନେ ଧୁଡୁକି ବଜାଇ ଭୀମ ଭୋଇଙ୍କ ତତ୍ତ୍ୱଭରା ଗୀତ ଫଉଦ୍ଧବ ହେ ଶୁଣ ବିପରୀତ ବାଣୀ, ପର୍ବତ ଶିଖରେ ଶେଉଳ ରମଣୀ, ସମୁଦ୍ରେ ଖେଳେ ହରିଣୀ ' ଗୀତ ଗାଇ ଥାନ୍ତି ଆଉ ଏହା ସହିତ ଅନାନ୍ୟ ପାରମ୍ପରିକ ଲୋକ ଗୀତ, ଓଡ଼ିଆ ଭାଗବତ ଓ ବିଭିନ୍ନ ତତ୍ତ୍ୱ ପୂର୍ଣ୍ଣ ଭଜନ ଗୀତ ଗାଇଥାନ୍ତି ଯାହା ଲୋକ ମାନଙ୍କୁ ଖୁବ୍ ଆକୃଷ୍ଟ କରେ । ଲୋକେ ଏହି ଗୀତ ଶୁଣି ଖୁସି ହୋଇ ସେମାନଙ୍କୁ କିଛି ଟଙ୍କା ମଧ୍ୟ ଦେଇଥାନ୍ତି ଆଉ ଏଥିରେ ସେମାନେ ସେମାନଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ଦୁଃଖର କଥା ଧୁଡୁକି ବାଦ୍ୟକୁ ଆମ ଓଡ଼ିଶାରେ ସ୍ୱୀକୃତି ମିଳି ନାହିଁ, ହେଲେ କୋଲକାତାରେ ଏହି ବାଦ୍ୟକୁ ସ୍ୱୀକୃତି ମିଳିଛି। ଓଡ଼ିଶାରେ ଜନ୍ମିତ ଏହି ବାଦ୍ୟର ଆଦର ଓଡ଼ିଶାରେ ନଥିଲେ ମଧ୍ୟ ବାହାର ରାଜ୍ୟରେ ଅଛି ଆଉ ଆମ ଓଡିଶାର କଳାକାର ମାନେ କୋଲକାତା ଓ ଆନ୍ଧ୍ରପ୍ରଦେଶ ଯାଇ ତାଙ୍କ ଭାଷା କୁ ଶିଖି ଏହି ଲୋକ କଳାକୁ ନେଇ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ଏଥିପାଇଁ ସେ ବଙ୍ଗାଳା ଓ ତେଲଗୁ ଭାଷା କ୍ୟାସେଟ୍ ? ମଗାଇ ତାକୁ ଶୁଣି ଧୁଡୁକି ସ୍କେଲରେ ପକାଇ ଗୀତ ଗାଇଥାନ୍ତି। ଏହି ସବୁ ଗୀତ ମାଧ୍ୟମରେ ସାମାଜିକ ପରିବର୍ତ୍ତନ ଓ ଶରୀର ତତ୍ତ୍ୱ ସମ୍ପର୍କରେ ବାର୍ତ୍ତା ରହିଥାଏ। ତେବେ ରାଜ୍ୟ ସରକାର ଓ ସଂସ୍କୃତି ବିଭାଗ ଏହାକୁ ସ୍ୱୀକୃତି ଦେଇ ଏହାର ଉନ୍ନତି ପାଇଁ କିଛି ପଦକ୍ଷେପ ଓ ସହଯୋଗର ହାତ ବଢ଼ାଇଲେ ଏହି ପାରମ୍ପରିକ ଲୋକକଳା ଉନ୍ନତି ହେବା ସହ ଏହାକୁ ଜୀବନ ଜୀବିକା କରିଥିବା କଳାକାରଙ୍କ ଆର୍ଥିକ ଉନ୍ନତି ହେବା ସହିତ ଲୋକଲୋଚନରୁ ଦୂରେଇ ଯାଉଥିବା ଏହି ପାରମ୍ପରିକ ଲୋକ କଳା ଓ ଲୋକ ଗୀତର ମଧ୍ୟ ଉତ୍ଥାନ ହେବା ସହ ଏହି ଦୁର୍ଲଭ ବାଦ୍ୟଯନ୍ତ୍ରର ମଧ୍ୟ ସଂରକ୍ଷଣ ହୋଇପାରନ୍ତା ।

# ଗୁଣାତ୍ମକ ଶିକ୍ଷା

**ହିମାଂଶୁ ଶେଖର ଆଚାର୍ଯ୍ୟ**

ଏକ ସଭ୍ୟ ସମାଜ ଗଠନରେ ଶିକ୍ଷାର ବଡ ଯୋଗଦାନ ରହିଛି। ଶିକ୍ଷିତ ହେବା କାରଣରୁ ମଣିଷ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କ ଠାରୁ ଭିନ୍ନ ।ଶିକ୍ଷା ପୂର୍ବରୁ ସାମ୍ବିଧାନିକ ଅଧିକାର ଥିଲା। ପରେ ଏହାକୁ ମୌଳିକ ଅଧିକାର କରି ଦିଆଗଲା।ଶିଶୁ ମାନଙ୍କୁ ଦେଶର ସର୍ବୋଚ୍ଚ ସମ୍ପତ୍ତି କୁହାଯାଏ। ପାଠପଢାରୁ ବଞ୍ଚିତ ଶିଶୁ ଟିଏ ସମାଜ କିମ୍ବା ଦେଶର ବିକାଶରେ ସହାୟକ ହୋଇନଥାଏ । କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ପ୍ରମୁଖ ଆୟୁଧ । ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍କୁଲରେ ବାନ୍ଧି ହୋଇ ରହିବା ପାଇଁ ଛାତ୍ରଛତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ମାଗଣା ପାଠ୍ୟ ପୁସ୍ତକ ବଣ୍ଟନ କରୁଛନ୍ତି ।ଦେଶର ଭବିଷ୍ୟତ ଗଢିବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ କିଛି ଭିନ୍ନ କଥା କହୁଛି। ଏହା ସତ୍ତ୍ୱେ ଛାତ୍ରଛାତ୍ରୀ ମାନେ ଅଧାରୁ ପାଠ ପଢା ଛାଡୁଛନ୍ତି। ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ଡ୍ରପ୍‌ଆଉଟ୍ ହାର ୫.୪୨ ପ୍ରତିଶତ ଥିବାବେଳେ ରାୟଗଡାରେ ସର୍ବାଧିକ ୧୧.୬୭ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଛନ୍ତି ।କେନ୍ଦ୍ରାପଡାରେ ଏହି ହାର ୮.୯ ପ୍ରତିଶତ ଥିବା ବେଳେ , କଳାହାଣ୍ଡିରେ ୮.୪୬ ପ୍ରତିଶତ ରହିଛି। ଉଚ୍ଚ ପ୍ରାଥମିକରେ ରାୟଗଡାରେ ସର୍ବାଧିକ ୧୭.୧୦ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ, ମାଲକାନଗିରିରେ ୧୩.୭୮ ଓ ଯାଜପୁରରେ ୧୨.୬୩ ପ୍ରତିଶତ ପିଲା ପାଠ ଛାଡୁଛନ୍ତି। ସେହପରି ମାଧ୍ୟମିକ ସ୍ତରରେ ୧୮.୨% ପିଲା ଅଧାରୁ ପାଠ ଛାଡୁଛନ୍ତି। ପୁରୀରେ ସର୍ବାଧିକ ୧୦.୦୫ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ ବାଲେଶ୍ୱରରେ ୮.୭୩ ଓ ସମ୍ବଲପୁରରେ ୮.୧୬ ପ୍ରତିଶତ ପିଲା ପାଠ ଛାଡୁଛନ୍ତି। ଏପରିକି ଶିକ୍ଷା ଅଧିକାର ଆଇନ୍ କାର୍ଯ୍ୟକାରୀ ହେବାର ଦଶ ବର୍ଷ ପରେବି ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରି ନାହିଁ । ସୂଚନା ଯୋଗ୍ୟ ଯେ, ରାଜ୍ୟରେ ଥିବା ସମସ୍ତ ୫୧,୪୩୪ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଗୁଡିକରେ ପିଇବା ପାଣି ବ୍ୟବସ୍ଥା ଥିବା ବେଳେ ୩୪,୩୯୪ ସ୍କୁଲରେ ପାଣି ସହ ଶୌଚାଳୟ ବ୍ୟବସ୍ଥା ନାହିଁ । ସେହିପରି ୩୫,୬୭୯ ବିଦ୍ୟାଳୟରେ ବିଜୁଳି ବ୍ୟବସ୍ଥା ନଥିବା ବେଳେ ୩୭,୬୪୫ ସ୍କୁଲରେ ଖେଳ ପଡିଆ ନାହିଁ । ୧୬,୩୬୮ ବିଦ୍ୟାଳୟରେ ପାଚେରୀ ନଥିବା ବେଳେ ୨୪୫୧ ସ୍କୁଲରେ ପାଠାଗାର ନାହିଁ। ଏଥି ସହିତ ୩୭,୬୩୫ରେ ଖେଳ ପଡିଆ ନ ଥିବା ବେଳେ ୧୨,୨୮୦ ବିଦ୍ୟାଳୟର ରୋଷେଇ ଘର ଏବଂ ୧୭,୭୬୩ ସ୍କୁଲରେ ପାଚେରୀ ନାହିଁ । ସବୁଠୁ ପରିତାପର ବିଷୟ ୩୬୮ ବିଦ୍ୟାଳୟର ନିଜସ୍ୱ ଘର ମଧ୍ୟ ନାହିଁ। ଆହୁରି ମଧ୍ୟ ରାଜ୍ୟର ୯୦ ଟି ବିଦ୍ୟାଳୟରେ କଳାପଟା ବ୍ୟବସ୍ଥା ନାହିଁ।ଏଥିରୁ ରାଜ୍ୟରେ ଥିବା ସ୍କୁଲ ମାନଙ୍କର ଭିତ୍ତିଭୂମି କେଉଁ ଅବସ୍ଥାରେ ଅଛି ଓ ସେଠାରେ କିପରି ପାଠ ପଢା ଚାଲିଛି ତାହା ସ୍ପଷ୍ଟ ଭାବେ ଅନୁଭବ କରିହେଉଛି। ୩୪,୨୩୮ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୩୨,୫୫୩ଟିରେ ପ୍ରତି ଶ୍ରେଣୀରେ ପାଠ ପଢାଇବା ଲାଗି ଜଣେ କରି ଶିକ୍ଷକ ନାହାଁନ୍ତି। ସେହିପରି ୧୭,୭୨୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୧୨,୪୬୬ଟିରେ ପ୍ରତି ଶ୍ରେଣୀ ପାଇଁ ଜଣେ କରି ଶିକ୍ଷକ ନାହାଁନ୍ତି। ୨୯,୯୪୪ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଶ୍ରେଣୀଗୃହ ନ ଥିବା ବେଳେ ୧୧,୭୪୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢିବା ପାଇଁ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଘର ନାହିଁ । କେବଳ ୧୬୮୫ ପ୍ରାଥମିକ ଓ ୫୨୬୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି। ରାଜ୍ୟରେ ଥିବା ଉଚ୍ଚ ବିଦ୍ୟାଳୟ ଗୁଡିକରେ ୨,୫୮୫ଟି ସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି। ଏଥି ସହିତ ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭାହୋଇଛି। ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୁରଣ କରାଯାଇପାରିନାହିଁ। ଫଳ ସ୍ୱରୂପ, ଛାତ୍ରଛାତ୍ରୀ ମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି। ନିକଟରେ ଘରୋଇ ସଂସ୍ଥା "ଆସର" ପକ୍ଷରୁ ଗ୍ରାମାଞ୍ଚଳ ବିଦ୍ୟାଳୟ ଓ ଶିକ୍ଷାସ୍ତର ସ୍ଥିତି ଉପରେ କରାଯାଇଥିବା ସର୍ଭେ ତଥ୍ୟ ଅନୁଯାୟୀ ଆହୁରି ଉଦ୍‌ବେଗର ବିଷୟ ହେଲା ପ୍ରଥମ ଶ୍ରେଣୀରେ ପଢୁଥିବା ୩୮ % ପିଲା ଓଡିଆ ଅକ୍ଷର ପଢିପାରୁ ନାହାଁନ୍ତି। ୨୯.୩ % ପିଲା ଅକ୍ଷର ପଢୁଥିଲେ ମଧ୍ୟ ଚିହ୍ନିପାରୁ ନାହାଁନ୍ତି। ସେହିପରି ଅଷ୍ଟମ ଶ୍ରଣୀରେ ପଢୁଥିବା ଛାତ୍ର ଛାତ୍ରୀଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ । ସ୍କୁଲମାନଙ୍କରେ ଅଧିକ ଉପସ୍ଥାନ ପାଇଁ ସର୍ବଶିକ୍ଷା ଯୋଜନା ମାଧ୍ୟମରେ ସରକାର ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ସହ ଅଣ୍ଡା, କଦଳୀ, ବାଳିକାଙ୍କୁ ପୋଷାକ, ପାଠ୍ୟପୁସ୍ତକ ଇତ୍ୟାଦି ଦେବାର ବ୍ୟବସ୍ଥା ଥିଲେ ବି ଉପସ୍ଥାନ ସଂଖ୍ୟା ସନ୍ତୋଷଜନକ ହୋଇପାରିନାହିଁ । ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି । ମାତ୍ର ଶିକ୍ଷା ବ୍ୟବସ୍ଥାରେ ସେପରି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ। ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ। ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟି ସୁପାରିସ ହେଉଛି ଶିକ୍ଷା ବାବଦରେ ରାଷ୍ଟ୍ର ବ୍ୟୟବରାଦ ବୃଦ୍ଧି କରିବା ପାଇଁ। ଏସବୁ କମିଶନ ଓ କମିଟିର ସୁପାରିସ ଶୀତଳ ଭଣ୍ଡାରରେ ପଡିରହିଛି। ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟର ୧୦ ଭାଗ ଓ ରାଜ୍ୟ ବଜେଟର ୩୦ ଭାଗ ଶିକ୍ଷା କ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିସ କରିଥିଲେ । କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟର ୪ ଭାଗ ଓ ରାଜ୍ୟ ବଜେଟର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ । ବରଂ ଶିକ୍ଷା ବଜେଟ ବର୍ଷକୁବର୍ଷ ହ୍ରାସପାଇବାରେ ଲାଗିଛି। ବିଶେଷକରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତୀକରଣକୁ ଆପଣେଇ ନେଲାପରେ ଶିକ୍ଷାକ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହୋଇଛି। ଏହାର ପ୍ରଭାବ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହୋଇଛି। ପ୍ରାଥମିକ ଶିକ୍ଷା ଶିକ୍ଷାବ୍ୟବସ୍ଥାର ମୂଳଦୁଆ । ମାତ୍ର ଏହି ମୂଳଦୁଆ କ୍ରମଶଃ ଭୁଷୁଡିବାରେ ଲାଗିଛି। ଏହାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ। ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ୨ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଅଛନ୍ତି ୧ଲକ୍ଷ ୧୫ହଜାର ୮୩୩ଜଣ ନିୟମିତ ଶିକ୍ଷକ। ବଳକା ୧ ଲକ୍ଷ ୮ହଜାର ୪୯୭ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ହଜାର ୭୩୬ଜଣ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷା ବ୍ୟବସ୍ଥା ଚାଲିଛି। ଏବେ ୩୪,୭୭୯ ଶିକ୍ଷକ ପଦବୀ ଖାଲି ପଡିଛି । ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା କେଉଁଠି ପାଞ୍ଚଟି ଶ୍ରେଣୀକୁ ଜଣେ ତ କେଉଁଠି ୭ଟି ଶ୍ରେଣୀକୁ ୨/୩ଜଣ ଶିକ୍ଷକରେ ସ୍କୁଲ୍ ଚାଲିଛି ।

# ନେପାଳରେ ରାଜତନ୍ତ୍ର ଦାବି

**ସୌମେନ୍ଦ୍ର ଜେନା**

ଚଳିତବର୍ଷ ପ୍ରୟାଗରେ ୧୪୪ ବର୍ଷରେ ଥରେ ପଡୁଥିବା ମହାସ୍ନାନ ଅତି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଉ□ର ପ୍ରଦେଶ ସରକାର ଏହାର ଆୟୋଜନ ପୂର୍ବରୁ ୪୦କୋଟି ଶ୍ରଦ୍ଧାଳୁ ବୁଡ ପକାଇବେ ବୋଲି ଆଶା କରୁଥିଲେ, ହେଲେ ଶେଷରେ ୬୬କୋଟିକୁ ସେହି ସଂଖ୍ୟା ଛୁଇଁବା ବିସ୍ମୟର କଥା । ସ୍ନାନ କାର୍ଯ୍ୟକ୍ରମରେ ବିଘ୍ନ ସୃଷ୍ଟି ପାଇଁ ଦେଶ ବିଦେଶରେ ଅନେକଶକ୍ତି ନିଜନିଜ ଉଦ୍ୟମ କରିଥିଲେ, ଯାହା ସଂପର୍କରେ ଅଧିକ କହିବା ଆବଶ୍ୟକ ନାହିଁ । କାରଣ ସେହିସବୁ ଅପପ୍ରଚାରକୁ ଶ୍ରଦ୍ଧାଳୁମାନେ ଗୁରୁତ୍ୱ ଦେଇ ନଥିଲେ। ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ରରେ ଭିନ୍ନ ବିଚାର, ଭିନ୍ନ ସଂସ୍କାର, ଭିନ୍ନ ସ୍ୱାର୍ଥ ନେଇ ଅନେକ ଲୋକ ଗୋଟିଏ ସମୟରେ କାର୍ଯ୍ୟରତ ରହିଛନ୍ତି । ପ୍ରୟାଗରାଜରେ ସ୍ନାନପାଇଁ ଦେଶ ବିଦେଶରୁ ଯେପରି ବହୁ ଶ୍ରଦ୍ଧାଳୁ ଆସିଥିଲେ ସେହିପରି ନେପାଳରୁ ମଧ୍ୟ ବହୁ ଶ୍ରଦ୍ଧାଳୁ ଆସିଥିଲେ । ପ୍ରୟାଗର ଶୃଙ୍ଖଳା, ଭବ୍ୟ ସଂଗଠନ ବ୍ୟବସ୍ଥାକୁ ଦେଖି ସେମାନେ ବିମୋହିତ ହୋଇଥିଲେ । ନେପାଳର ସାଧୁମାନେ ମଧ୍ୟ ସେମାନଙ୍କ ଭକ୍ତମଣ୍ଡଳୀ ସହ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ସେମାନେ ନେପାଳକୁ ଫେରିବା ପରେ ସେଠାକାର ୧୯ବର୍ଷର ଗଣତନ୍ତ୍ରରେ ୧୩ଟି ସରକାର ଦେଖିଥିବା ନେପାଳବାସୀ ଏବେ ଯୋଗୀ ଆଦିତ୍ୟନାଥଙ୍କ ସପକ୍ଷରେ ଶୋଭାଯାତ୍ରା ବାହାର କରିଛନ୍ତି । ନେପାଳରେ ଯୋଗୀଙ୍କ ସଦୃଶ ନେତୃତ୍ୱ ଦେବାକୁ ନେପାଳ ରାଜା ଜ୍ଞାନେନ୍ଦ୍ରଙ୍କୁ ଅନୁରୋଧ କରିବା ପୂର୍ବକ ପୁନର୍ବାର ରାଜତନ୍ତ୍ର ଫେରାଇଆଣିବା ସହ 'ହିନ୍ଦୁରାଷ୍ଟ୍ର' ମାନ୍ୟତାକୁ ମଧ୍ୟ ରାଷ୍ଟ୍ର ସ୍ୱୀକାର କରିବାକୁ ଦାବି କରିଛନ୍ତି। ହଜାର ହଜାର ଲୋକେ ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇ ବ□ମାନର ସରକାରଙ୍କ ଶାସନଗତ ଅବ୍ୟବସ୍ଥା, ରାଜନେତାମାନଙ୍କ ଦୁର୍ନୀତି ଏବଂ ପାରିବାରିକ ପ୍ରିୟାପ୍ରୀତି ତୋଷଣକୁ ମଧ୍ୟ ସମାଲୋଚନା କରିଛନ୍ତି । ବହୁ ସଂଖ୍ୟାରେ ଲୋକେ ସମାବେଶରେ ସାମିଲ ଥିବା ସ□ େକୌଣସି ପ୍ରକାର ଅପ୍ରୀତିକର ଘଟଣା ନ ଘଟିବା ହେଉଛି ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ପୂର୍ବରୁ ଗତ ନଭେମ୍ବର ମାସରେ ହୋଇଥିବା ବିକ୍ଷୋଭ ଘଟଣାବେଳେ ପୁଲିସ ପକ୍ଷରୁ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇଥିଲା । ଲାଠିମାଡରେ କେତେକ ଲୋକ ଆହତ ମଧ୍ୟ ହୋଇଥିଲେ। ନେପାଳର ଲୋକେ ବିଗତ ଦିନମାନଙ୍କରେ ଅନ୍ୟମାନଙ୍କ ହାତବାରିସୀ ହୋଇ ହିଂସା ଓ ରକ୍ତପାତ ଆଧାରିତ ଯେଉଁ ଶାସନ ପ୍ରତିଷ୍ଠା କରିଥିଲେ ସେଥିରେ ପ୍ରାୟ ୧୬୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା । ମାଓବାଦୀ ସନ୍ତ୍ରାସ ବଳରେ କ୍ଷମତାକୁ ଦଖଲ କରିବାର ତ୍ରୁଟିପୂର୍ଣ୍ଣ ଉଦ୍ଦେଶ୍ୟ ଯୋଗୁ ଏବେ ସେଠାକାର ସଂଖ୍ୟାଧିକ ଲୋକ ନିଜକୁ ଠକିହେବାପରି ଅନୁଭବ କରୁଛନ୍ତି ।

ନେପାଳରେ ୨୦୦୮ରୁ ଗଣତନ୍ତ୍ର ଆସିଥିଲେ ହେଁ ୨୦୧୫ରୁ ସମ୍ବିଧାନ ଲାଗୁ ହେଲା। କିନ୍ତୁ ସାମ୍ବିଧାନିକ ବ୍ୟବସ୍ଥା ଆଜିଯାଏଁ ଦେଶକୁ ନା ଶକ୍ତିଶାଳୀ କରିପାରିଛି ନା ସରକାରକୁ। ସମ୍ବିଧାନ ଆଳରେ ଦଳୀୟ ନେତା ଏବଂ କର୍ମୀମାନେ ଉପକୃତ ହେବା ସମୟରେ ସାଧାରଣ ଲୋକେ ବହୁକଷ୍ଟରେ ଜୀବନଯାପନ କରୁଛନ୍ତି । ଭାରତରେ ପ୍ରଶାସନିକ କଳ ନିକଟରେ ପରିଚାଳନାର ଚାବିକାଠି ଥିଲାବେଳେ ନେପାଳରେ ମଧ୍ୟ ଠିକ୍ ସେମିତି ଅଫିସରମାନେ ଅଖଣ୍ଡ କ୍ଷମତାକୁ ହାତରେ ମୁଠାଇ ଧରିଛନ୍ତି । କେଉଁ ସରକାର କେତେ ଦିନ ପାଇଁ ଦେଶରେ ଶାସନ କରିବ ତାର କିଛି ଠିକ୍‌ଠିକଣା ନଥିବାରୁ ପ୍ରଶାସନିକ କଳରେ ଥିବା ଲୋକେ ନିଜକୁ ସ୍ଥାୟୀ କ୍ଷମତାଧାରୀ ମନେକରି କାର୍ଯ୍ୟ କରୁଛନ୍ତି । ଦେଶର ଗଣମାଧ୍ୟମଗୁଡିକ ବିଦେଶୀଙ୍କ ଅର୍ଥରେ ଫୁଟବଲ ପରି ସଡକରେ ଗଡୁଛନ୍ତି । କିଏ କେତେବେଳେ ସଟ୍ ମାରିବ, କେଉଁ ଆଡକୁ ଲକ୍ଷ୍ୟ କରି ତା'ଅପେକ୍ଷାରେ ରହୁଛନ୍ତି । କେବେ, ପାକିସ୍ଥାନ, କେବେ ଚୀନ, କେବେ ବ୍ରିଟେନ ଆଉ କେତେବେଳେ ଆମେରିକା କିମ୍ବା ବିଦେଶୀ ଏନ୍‌ଜିଓ - ଏମାନଙ୍କ ଅର୍ଥରେ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ ପରିଚାଳିତ ହେଉଛି । ଦେଶରେ ଶାସନଗତ ଅସ୍ଥିରତା ଯୋଗୁ ବିଦେଶୀ ପୁଞ୍ଜିନିବେଶ ଆସୁନାହିଁ କିମ୍ବା ଶିଳ୍ପପତିମାନେ ନେପାଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ସଡକ,ରେଳପଥ ଏବଂ ବିମାନ ଚଳାଚଳ ସବୁ କିଛି ଖରାପ ସ୍ଥିତିରେ ଥିବା ହେତୁ ଦେଶ ବାହାରର ଶିଳ୍ପ ନେପାଳକୁ ଆସି ଶିଳ୍ପ ସ୍ଥାପନା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଫଳରେ ବଜାରରେ ଅଭାବ ସୃଷ୍ଟି ହେଉଛି, ବିଦେଶୀ ମାଲ ଆଣି ବିକ୍ରି କରିବାକୁ ପଡୁଛି, ରୋଜଗାର ସୁଯୋଗ ସୃଷ୍ଟି ହେଉନାହିଁ । ଯୁବକମାନେ ବ୍ରିଟେନ, ରୁଷିଆ ସମେତ ଅନ୍ୟାନ୍ୟ ବହୁ ରାଷ୍ଟ୍ରକୁ ସୁରକ୍ଷାକର୍ମୀ ଆଳରେ ଭଡାଟିଆ ସେନା ହୋଇଯାଉଛନ୍ତି, ମୃତ୍ୟୁପରେ କୌଣସି ସୁବିଧା ମଧ୍ୟ ପରିବାର ଲୋକେ ପାଉନାହାନ୍ତି । କେପିଶର୍ମା ଓଲିଙ୍କ କମ୍ୟୁନିଷ୍ଟ ସରକାର କ୍ଷମତାକୁ ଆସିବା ପରେ ନେପାଳକୁ ଭାରତ ବିରୋଧୀ ଏବଂ ପାକ୍ ଚୀନର ସମର୍ଥକ ରାଷ୍ଟ୍ର ଭାବେ ଛିଡା କରିବା ଯୋଗୁ ଭାରତୀୟ ସେନାବାହିନୀରେ ଗୋର୍ଖା ନିଯୁକ୍ତି ବନ୍ଦ ହେଲା। ସଡକମାର୍ଗରେ ଭାରତ ଉପରେ ଅନେକ ବସ୍ତୁ ଯୋଗାଣ ପାଇଁ ନେପାଳ ନିର୍ଭର କରୁଥିବା ବେଳେ ଭାରତୀୟ ବ୍ୟବସାୟୀମାନେ ସୁରକ୍ଷା ଦୃଷ୍ଟିରୁ ନିଜକୁ ନେପାଳରୁ ଦୂରେଇ ରଖିଲେ । ସମୟକ୍ରମେ ବିଗତ ବର୍ଷମାନଙ୍କରେ ଆର୍ଥିକ ସ୍ଥିତି ଦୁର୍ବଳ ହେବା ଯୋଗୁ ଏବେ ସରକାରଙ୍କୁ ଦେଶ ଚଳାଇବା ପାଇଁ ସାଧାରଣଲୋକଙ୍କଠାରୁ ଋଣ କରିବାକୁ ହେଉଛି। ବିଦେଶୀ ଋଣର ଅନେକ ଉତ୍ସ ଦେଶର ଭୁଲନୀତି ପାଇଁ ଏକପ୍ରକାର ବନ୍ଦ ହୋଇଯାଇଛି । ବିଶ୍ୱ ମୁଦ୍ରାପାଣ୍ଠି ଏବଂ ଆନ୍ତର୍ଜାତିକ ଆର୍ଥିକ ସଂସ୍ଥା ନିକଟରେ ନେପାଳର ଦାବି ବହୁତ ଦୁର୍ବଳ ହୋଇଛି । ସମାଜର ଦଳିତ ଏବଂ ମହିଳାଙ୍କ ସ୍ଥିତି ବହୁତ ଖରାପ ହୋଇଛି । ଜାତିଗତ ବାଛବିଚାର ବହୁତ ରହିଛି । ଶିକ୍ଷା ଓ ସ୍ୱାସ୍ଥ୍ୟର ସ୍ଥିତି ନ କହିଲେ ଭଲ । ଗ୍ରାମା□ଳର ଲୋକଙ୍କ ଅବସ୍ଥା ସବୁଠୁ ଖରାପ । ଶିଶୁ ଶ୍ରମିକ ଓ ମାନବଚାଲାଣ ବଡ ବ୍ୟବସାୟରେ ପରିଣତ ହୋଇଛି ।

ଗତବର୍ଷ ୨୩ ନଭେମ୍ବର ୨୦୨୪ରେ ନେପାଳର ରାଷ୍ଟ୍ରୀୟ ପ୍ରଜାତାନ୍ତ୍ରିକ ପାର୍ଟିର ଆହ୍ୱାନରେ ନେପାଳକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରାଯିବା ସହ ପୁନଶ୍ଚ ରାଜତନ୍ତ୍ର ବ୍ୟବସ୍ଥାକୁ ଫେରିବା ଦାବିରେ ବିକ୍ଷୋଭ ହୋଇଥିଲା । ରାଜା ବୀରେନ୍ଦ୍ରଙ୍କ ଦ୍ୱାରା ୧୯୯୦ରେ ପ୍ରସ୍ତୁତ ସମ୍ବିଧାନକୁ ୨୦୦୭ରେ ହଟାଇ ୨୦୧୫ରେ ଯେଉଁ ସମ୍ବିଧାନ ଲାଗୁ କରାଯାଇଥିଲା ଦଳ ପକ୍ଷରୁ ତାର ବିରୋଧ କରାଯାଇଥିଲା । କାରଣ ରାଜନେତାମାନଙ୍କ ପ୍ରୋତ୍ସାହନରେ ବିଗତ ଦିନମାନଙ୍କରେ ଚାଲିଥିବା ସମବାୟ ସଂସ୍ଥା ଏବଂ ମାଇକ୍ରୋ-ଫାଇନାନ୍ସରେ ଲକ୍ଷ ଲକ୍ଷ ସାଧାରଣ ଲୋକଙ୍କ ଅର୍ଥ ବୁଡିଥିଲେ ମଧ୍ୟ ସରକାର ନିରବଦର୍ଶକ ରହିଛନ୍ତି । ନିଜେ ପ୍ରଧାନମନ୍ତ୍ରୀ ଓଲି କାମ୍ବୋଡିଆରେ ଅର୍ଥ ବିନିଯୋଗ କରିବା ଅଭିଯୋଗ ଉଠିଛି । ଦେଶର ଉ□ରା□ଳରେ ଖ୍ରୀଷ୍ଟିଆନ ଜନସଂଖ୍ୟା ବୃଦ୍ଧି ପାଉଥିଲାବେଳେ ଦକ୍ଷିଣା□ଳରେ ଭାରତର ସୀମାବ□ୀ ଅ□ଳରେ ମୁସଲମାନଙ୍କ ସଂଖ୍ୟା ବଢିବାରେ ଲାଗିଛି। ବିଦେଶୀ ମିଶନାରୀ ଗୋଷ୍ଠୀ ନେପାଳରେ ଧର୍ମାନ୍ତରଣ ପାଇଁ ପ୍ରଚୁର ଅର୍ଥ ଯୋଗାଉଛନ୍ତି। ଆମେରିକାର ଷ୍ଟେଟ ଡିପାର୍ଟମେ□ ରିପୋର୍ଟ ମଧ୍ୟ ଧର୍ମାନ୍ତରଣକୁ ସମର୍ଥନ କରିଆସିଛି । ଦେଶର ଅନେକ ସ୍ଥାନରେ ଜିହାଦି ଗୋଷ୍ଠୀ ଦଙ୍ଗାଗୋଳ ସୃଷ୍ଟିକରି ପରିସ୍ଥିତିକୁ ଖରାପ କରିବାରେ ଲାଗିଛନ୍ତି । ଯେଉଁ କାରଣରୁ ସାଧାରଣ ଲୋକଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ରାଜା ଜ୍ଞାନେନ୍ଦ୍ର ବୀର ବିକ୍ରମ ଶାହଙ୍କ ସପକ୍ଷରେ ୪୭ପ୍ରତିଶତ ଜନସମର୍ଥନ ରହିଥିବାର ନିକଟରେ ହୋଇଥିବା ଏକ ସର୍ବେକ୍ଷଣରେ ପ୍ରକାଶ ପାଇଛି । ପୋଖରାରେ ରହୁଥିବା ରାଜା ଦେଶବାସୀଙ୍କ ସ୍ଥିତି ଦୃଷ୍ଟିରୁ ଅଧିକ ଚିନ୍ତିତ ରହିଛନ୍ତି । ଗତ ତିନିମାସରେ ରାଜା ଜ୍ଞାନେନ୍ଦ୍ର ନେପାଳଗଞ୍ଜ, ଭୈରହାୱା, ପୋଖରା, ସ୍ୟାଙ୍ଗଜା, ବାଗଲୁଙ୍ଗ, ମ୍ୟାଗଡି, ବରଦିୟା, ଡାଙ୍ଗ୍ ଏବଂ ଟୈଲିହାୱା ସମେତ ଲକ୍ଷ୍ନୌ ଏବଂ ଗୋରଖପୁର ଗସ୍ତ କରିଛନ୍ତି । ରାଜ ପରିବାରର ମାର୍ଗଦର୍ଶକ ଗୋରଖନାଥପୀଠର ମହନ୍ତ ଯୋଗୀ ଆଦିତ୍ୟନାଥଙ୍କୁ ରାଜା ଲକ୍ଷ୍ନୌରେ ସାକ୍ଷାତ କରିଥିଲେ । ଯୋଗୀଙ୍କ ଗୁରୁ ମହନ୍ତ ଅବୈଦ୍ୟନାଥ ମଧ୍ୟ ରାଜ ପରିବାରର ମାର୍ଗଦର୍ଶକ ରହିଥିଲେ। ଗତ ଫେବୃଆରୀ ୧୮ରେ ରାଜା ଏକ ସମ୍ବୋଧନର ଭିଡିଓ ଦେଶର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜାରି କରିଥିଲେ । ସେଥିରେ ଦେଶର ଭବିଷ୍ୟତ ପାଇଁ ସେ ଲୋକଙ୍କ ସମର୍ଥନ ମାଗିଥିଲେ । କ୍ଷମତାରୁ ଯିବା ପରଠାରୁ ରାଜାଙ୍କର ଏହାଥିଲା ପ୍ରଥମ ଆହ୍ୱାନ । ଚଳିତମାସ ପ୍ରଥମ ସପ୍ତାହରେ ରାଜା କାଠମାଣ୍ଡୁର ତ୍ରିଭୁବନ ଦେବ ବିମାନ ବନ୍ଦରରେ ପହ□ିବା ପରେ ଏକ ବିରାଟ ଶୋଭାଯାତ୍ରାରେ ଲୋକେ ତାଙ୍କୁ ରାଜପ୍ରସାଦ ଯାଏଁ ପାଛୋଟି ନେଇଥିଲେ । କାଠମାଣ୍ଡୁର ରିଂରୋଡରେ ସେଥିପାଇଁ ସଡକ ବନ୍ଦ ହେଲାପରି ସ୍ଥିତି ସୃଷ୍ଟି ହୋଇଥିଲା । 'ନିର୍ମଳ ନିବାସ' (ରାଜପ୍ରସାଦ)କୁ ଯିବାବେଳେ ରାଜା ଗାଡିର ଛାତ ଉପର ଖୋଲି ହାତ ହଲାଇ ଲୋକଙ୍କ ଅଭିବାଦନ ସ୍ୱୀକାର କରୁଥିବା ଦେଖାଯାଇଥିଲା ।

ରାଜା ଏବଂ ହିନ୍ଦୁରାଷ୍ଟ୍ର ସପକ୍ଷରେ ବଢୁଥିବା ସମର୍ଥନକୁ ଦେଖି ପ୍ରଧାନମନ୍ତ୍ରୀ ଓଲି ବିଚଳିତ ହୋଇଛନ୍ତି । କ୍ଷମତାକୁ ଆସିବାକୁ ଚାହୁଁଥିଲେ ରାଜା ୨୦୨୭ ନିର୍ବାଚନ ପାଇଁ ନିଜର ଦଳ ଗଠନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। କିନ୍ତୁ କମଳ ଥାପା, ରାଜେନ୍ଦ୍ର ଲିଙ୍ଗଡେନ ଏବଂ ରବିନ୍ଦ୍ର ମିଶ୍ରଙ୍କ ପରି ନେତାମାନେ ରାଜସାହୀକୁ ନିର୍ବାଚନ ବ୍ୟବସ୍ଥାର ଉପରେ ବୋଲି କହିଛନ୍ତି । ଏପରିକି ରାଜା ନିକଟରେ ଭୁଟାନ ଗସ୍ତରେ ଯାଇଥିବା ସମୟରେ ସେଠାରେ ମଧ୍ୟ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ମିଳିଥିଲା । ନେପାଳର ସେନାମୁଖ୍ୟ ନିକଟରେ ଏକ ମନ୍ତବ୍ୟ ଦେଇଥିଲେ । ଯାହାକୁ କେନ୍ଦ୍ରକରି ଚର୍ଚ୍ଚା ଜୋର ଧରିଛି । ସେନାମୁଖ୍ୟ ଅଶୋକ ରାଜ ସିପଜେଲ ଲେଖିଥିଲେ ଯେ ନେପାଳର ସେନା ସବୁବେଳେ ଲୋକଙ୍କ ଇଚ୍ଛା ସହ ରହିଆସିଛି । ନିର୍ବାଚିତ ରାଜନେତାମାନେ ଲୋକଙ୍କ ସମସ୍ୟା ଅପେକ୍ଷା ନିଜ କ୍ଷମତା ଓ ସୁବିଧାକୁ ଅଧିକ ଗୁରୁତ୍ୱ ଦେଉଥିବା ବିଷୟ ଜଣେ ସାମ୍ବାଦିକ ଧ୍ରୁବ ହରି ଅଧିକାରୀ ପ୍ରକାଶ କରିଛନ୍ତି । ଯଦିଓ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟିର ସମର୍ଥନ ବହୁ ଅଧିକ ରହିନାହିଁ , ମାତ୍ର ୫ପ୍ରତିଶତ ସମର୍ଥନ ଦଳପାଇଛି । ତଥାପି ଆଗାମୀ ଦିନରେ ଏହି ଦଳ ଅଧିକ ଶକ୍ତିଶାଳୀ ହେବାର ଆଶା କରାଯାଉଛି । ନେପାଳର କାଠମାଣ୍ଡୁର ଶୋଭାଯାତ୍ରାରେ ଉ□ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ଫଟୋ ଶୋଭାପାଇବା ଘଟଣା ନେପାଳର ବହୁ ରାଜନେତାଙ୍କ ଭୟ ବଢାଇଛି । କାରଣ ଆଗାମୀ ୨୦୨୭ରେ ଯୋଗୀ ବିଧାନସଭା ନିର୍ବାଚନ ଲଢିବେ ଏବଂ ୨୦୨୯ରେ ଭାରତର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବାର ଅଧିକ ସମ୍ଭାବନା ରହିଛି । ନେପାଳ ରାଜପରିବାରର ସେ ମାର୍ଗଦର୍ଶକ । ନାଥ ସଂପ୍ରଦାୟର ପ୍ରମୁଖ ସନ୍ଥ ଭାବେ ତାଙ୍କର ସମ୍ମାନ ରହିଥିବା ହେତୁ ପଶୁପତିନାଥଙ୍କ ଭକ୍ତଗଣ ଗୋରଖନାଥ ପୀଠର ମହନ୍ତ ଯୋଗୀଙ୍କୁ ଯଥେଷ୍ଟ ସମ୍ମାନ ଦେଇଥାନ୍ତି । ଆଦିତ୍ୟନାଥ ମଧ୍ୟ ନେପାଳରେ ବେଶ୍ ଲୋକପ୍ରିୟ । ନେପାଳର ରାଜାଙ୍କ ସମର୍ଥନରେ ଯୋଗୀ ଆଦିତ୍ୟନାଥ ବାହାରିଲେ କିମ୍ବା ଯୋଜନା କଲେ ନେପାଳର ରାଜନୈତିକ ପରିବ□ନ ହେବା ନିଶ୍ଚିତ ବୋଲି ଅନେକ ସମୀକ୍ଷକ ପ୍ରକାଶ କରିଛନ୍ତି। ନେପାଳ ରାଜନୀତିରେ ଉ□ର ପ୍ରଦେଶର ସଂପର୍କ ରହୁଥିବା ହେତୁ ଏବଂ ଯୋଗୀ ଭାରତର ଜଣେ ଅଗ୍ରଣୀ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହୋଇଥିବା ହେତୁ ରାଜା ଜ୍ଞାନେନ୍ଦ୍ର ତାଙ୍କ ମାର୍ଗଦର୍ଶନରେ ନିର୍ବାଚନକୁ ଓହ୍ଲାଇପାରନ୍ତି ବୋଲି ଅନେକ ମନେ କରୁଛନ୍ତି । ରାଜନୀତିରେ ଯୋଗୀ ସଫଳ ଖେଳାଳି ହୋଇଥିବାରୁ ଏବଂ ପ୍ରଚଣ୍ଡ ହିନ୍ଦୁପ୍ରେମୀ ଥିବାରୁ ନେପାଳକୁ ହିନ୍ଦୁରାଷ୍ଟ୍ର ଦିଗରେ ଆଗେଇ ନେବାକୁ ସେ ରାଜାଙ୍କୁ ପୂର୍ଣ୍ଣପ୍ରାଣରେ ସହଯୋଗ କରିବେ ବୋଲି ଆଲୋଚନା ହେଉଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ପ୍ରିୟପାତ୍ର ଥିବା ଯୋଗୀଙ୍କର ଯଦି ନେପାଳ ପାଇଁ ଯୋଜନାଥାଏ ତେବେ ସେ ତାଙ୍କୁ ସମର୍ଥନ ନିଶ୍ଚୟ କରିବେ । ନିକଟରେ ପ୍ରୟାଗରେ ସଫଳ କୁମ୍ଭମେଳାର ଆୟୋଜନ କରି ଯୋଗୀ ନିଜ ସାଂଗଠନିକ ଦକ୍ଷତା ପରିଚୟ ଦେଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ଯୋଗୀଙ୍କ ଲୋକପ୍ରିୟତା ଉ□ର ପ୍ରଦେଶର ବାହାରେ ଭାରତର ଅନେକ ରାଜ୍ୟର ଭୋଟରକୁ ପ୍ରଭାବିତ କରିଥିବାର ଗତ ବିଧାନସଭା ନିର୍ବାଚନ ବେଳେ ପ୍ରମାଣିତ ହୋଇସାରିଛି । ଆଗାମୀ ଦିନରେ ନେପାଳର ରାଜନୀତିରେ ଯୋଗୀ ଆଦିତ୍ୟନାଥ ଜଣେ ପ୍ରମୁଖ ବ୍ୟକ୍ତି ରହିବେ ଏବଂ ରାଜତନ୍ତ୍ର ନେପାଳକୁ ଫେରିବା କିମ୍ବା ହିନ୍ଦୁରାଷ୍ଟ୍ର ଆଡକୁ ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ସେ ପରିସ୍ଥିତିରେ ଯୋଗୀଙ୍କ ଭୂମିକା ନେପାଳର ଆଭ୍ୟନ୍ତରୀଣ ମାମଲାରେ ବୃଦ୍ଧିପାଇବ, ଯାହା ସେଠାକାର ଲୋକେ ଚାହୁଁଛନ୍ତି । ଯୋଗୀ ଆଦିତ୍ୟନାଥଙ୍କ ପରି ସନ୍ଥ ଓ ରାଜନେତା ନେପାଳବାସୀଙ୍କ ପ୍ରକୃତ ମାର୍ଗଦର୍ଶନ କରିପାରିବେ ବୋଲି ନେପାଳରେ ଆଲୋଚନା ଏବେ ଜୋର୍ ଧରିଛି । କାରଣ ଅଯୋଧ୍ୟା, ବାରାଣାସୀ, ପ୍ରୟାଗରାଜ ପରି ହିନ୍ଦୁ ଧର୍ମନଗରୀଗୁଡିକୁ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲାପରି ବିକଶିତ ଓ ବ୍ୟବସ୍ଥିତ କରି ଉ□ର ପ୍ରଦେଶର ଅର୍ଥନୀତିରେ ପରିବ□ନ ଆଣିଛନ୍ତି । ଧର୍ମକ୍ଷେତ୍ରରେ ଅର୍ଥନୀତି ବଦଳିବା ଘଟଣା ଧର୍ମକ୍ଷେତ୍ର ଆଧାରିତ ନେପାଳର ଅର୍ଥନୀତିକୁ ନୂଆମୋଡ ଦେଇପାରିବ ବୋଲି ନେପାଳବାସୀ ବିଶ୍ୱାସ କରୁଛନ୍ତି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩



# ଦିଆସିଲି କାଠିରେ ଟ୍ୟାଙ୍କ

ଦିଆସିଲି କାଠିରେ ତିଆରି ହୋଇଛି ଟ୍ୟାଙ୍କ। ଟ୍ୟାଙ୍କରେ ଲାଗିଛି ଭାରତର ଜାତୀୟ ପତାକା। ଏହି ସୁନ୍ଦର ଟ୍ୟାଙ୍କଟିକୁ ତିଆରି କରିଛନ୍ତି ଓଡ଼ିଶାର ଶାଶ୍ୱତ ରଂଜନ ସାହୁ। ପୁରୀରେ ରହୁଥିବା ଶାଶ୍ୱତଙ୍କୁ ଏହି ଟ୍ୟାଙ୍କ ତିଆରି କରିବାକୁ ଲାଗିଥିଲା ୬ ଦିନ। ଏଥିରେ ୨୨୫୬ଟି ଦିଆସିଲି କାଠି ବ୍ୟବହାର କରାଯାଇଛି। ଟ୍ୟାଙ୍କଟିର ଉଚ୍ଚତା ୯ ଇଂଚ ହୋଇଥିବାବେଳେ ଚଉଡ଼ା ୮ ଇଂଚ୍। ଭାରତୀୟ ସେନାର ବୀର ଯବାନଙ୍କ ଉଦ୍ଦେଶ୍ୟରେ ଏହି ଟ୍ୟାଙ୍କକୁ ଉତ୍ସର୍ଗ କରିଛନ୍ତି ଶାଶ୍ୱତ। କେବଳ ଏହି ଟ୍ୟାଙ୍କ ନୁହେଁ, ପୂର୍ବରୁ ଦିଆସିଲି କାଠିରେ ଅନେକ କଳାକୃତି ତିଆରି କରି ପ୍ରଶଂସିତ ହୋଇଛନ୍ତି ଶାଶ୍ୱତ। ନିକଟରେ ନୂଆବର୍ଷ ଅବସରରେ ଦିଆସିଲି କାଠିରେ ସେ ମହାପ୍ରଭୁ ଜଗନ୍ନାଥଙ୍କ ନାଗାର୍ଜୁନ ବେଶ ତିଆରି କରି ଓଡ଼ିଶା ରାଜ୍ୟପାଳଙ୍କୁ ଭେଟି ଦେଇଥିଲେ। ଏହି କଳାକୃତିର ଫଟୋ ସୋଶାଲ ମିଡିଆରେ ଭାଇରାଲ ମଧ୍ୟ ହୋଇଥିଲା।

# ରାସ୍ତାରେ ଏକାଠି ବାଘ-ମଣିଷ





ଥରେ ଭାବନ୍ତୁ ଆପଣ ରାସ୍ତାରେ ଯିବା ସମୟରେ ହଠାତ୍ ଆପଣଙ୍କ ସାମ୍ନାକୁ ଏକ ବାଘ ଆସୁଛି, ତେବେ ଆପଣଙ୍କ ଅବସ୍ଥା କଣ ହେବ। ଆଜ୍ଞା ହଁ, କଥାଟା ଭାବିଲା ବେଳକୁ ଭୟରେ ଦେହ ଶୀତେଇ ଉଠୁଥିବାବେଳେ ଏଭଳି ଏକ ଘଟଣା ଘଟିଥିବା ଜଣାପଡିଛି। ଘଟଣାଟି ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାର ତଡୋବା ଅନ୍ଧାରୀ ଟାଇଗର ରିଜର୍ଭ ଅଂଚଳରେ। ଚନ୍ଦ୍ରପୁର ଜିଲ୍ଲାରେ ରାସ୍ତା ପାର ହେଉଥିବା ଲୋକେ ଏକ ବାଘକୁ ଦେଖି ଲୋକେ ସ୍ତବ୍ଧ ହୋଇଗଲେ। ଘଟଣାକ୍ରମେ କିଛି ଲୋକେ ନିଜ ନୀତିଦିନିଆ କାର୍ଯ୍ୟରେ ରାସ୍ତାରେ ଯିବା ସମୟରେ ବାଘଟିକୁ ଦେଖିଲେ। ଲୋକେ ବାଘକୁ ଦେଖି ନିଜ ସ୍ଥାନରେ ରହିଗଲେ। ତଡୋବା ଅନ୍ଧାରୀ ଟାଇଗର ରିଜର୍ଭରେ ପ୍ରାୟ ୮୦ଟି ବାଘ ରହିଛନ୍ତି ବୋଲି ଜଣାପଡିଛି। ମାତ୍ର ଏହି ଘଟଣାଟିକୁ ଜଣେ ଫଟୋଗ୍ରାଫର ଖୁବ୍ ସୁନ୍ଦର ଭାବେ ନିଜ କ୍ୟାମେରାରେ କଏଦ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଏହି ସ୍ଥାନରେ ସାଧାରଣତଃ ବାଘମାନେ ମନୁଷ୍ୟଙ୍କଠାରୁ ନିଜକୁ ଦୂରେଇ ରଖନ୍ତି। ଏହାସହ ସେଭଳି ସମୟରେ ବାଘ ନିଶ୍ଚୟ ଲୋକେ ଦେଖିବା ଆଗରୁ ରାସ୍ତା ପାର ହୋଇ ପଳାଇବାକୁ ଚେଷ୍ଟା କରିବ, କିମ୍ବା ରାସ୍ତାଠାରୁ ଦୂରେଇ ରହିବ। ବାଘକୁ ରାସ୍ତା ପାର ହୋଇ ବିପରୀତ ଦିଗରେ ଥିବା ଜଙ୍ଗଲକୁ ଯିବା ପାଇଁ ତା' ପାଇଁ ଅଧିକ ଉତମ ବିକଳ୍ପ। ଯେପରି ଫଟୋରେ ଦେଖାଯାଉଛି, ବାଘଠାରୁ ଦୂରରେ ବାଇକରେ ଜଣେ ବ୍ୟକ୍ତି ଓ ତାଙ୍କ ସହ ଜଣେ ମହିଳା ବସିଛନ୍ତି, ଏହାସହ ପଛରେ ଆଉ ଜଣେ ମଧ୍ୟ ବାଇକ ଆରୋହୀ ରହିଛନ୍ତି। ଏମାନଙ୍କ ପାଇଁ ରାସ୍ତାରେ ଏପରି ବାଘ ଆସିଯିବା ଏକ ବଡ଼ ଝଟ୍‌କାରୁ କମ୍ ନୁହେଁ। ମାତ୍ର ବାଘ କାହାରିକୁ ଆକ୍ରମଣ କରିବା ଭଳି କୌଣସି ଆଭାସ ମିଳୁନଥିଲା। ମାତ୍ର ୨୫୦ କିଲୋର ବାଘକୁ ନିଜ ସାମ୍ନାରେ ଦେଖିବା ଓ ଶାନ୍ତ ରହିବା ଆଦୌ ସମ୍ଭବ କିମ୍ବା ସହଜ ନୁହେଁ। ମାତ୍ର ବାଘ ଏଠାରେ ଥିବା ଲୋକଙ୍କୁ ଆକ୍ରମଣ କରିବାକୁ ଇଚ୍ଛା କରିନଥିଲା।

# ମୌନି



ସୋସିଆଲ ମିଡିଆରେ ଲୋକପ୍ରିୟ ଅଭିନେତ୍ରୀ ମୌନି ରାୟଙ୍କ ବିବାହକୁ ନେଇ ଚର୍ଚ୍ଚା ଜୋର ଧରିଛି। ଖବର ଅନୁଯାୟୀ ଖୁବ୍‌ଶୀଘ୍ର ଦୁବାଇରେ ରହୁଥିବା ବ୍ୟାଙ୍କର ସୁରଜ ନାମ୍ବିଆରଙ୍କ ସହ ବିବାହ ବନ୍ଧନରେ ବାନ୍ଧିହେବାକୁ ଯାଉଛନ୍ତି। ମୌନି ଓ ସୁରଜ ଗତ କିଛିଦିନ ଧରି ପରସ୍ପରକୁ ଡେଟ୍ କରୁଥିଲେ ଏବଂ ସେମାନଙ୍କ ସମ୍ପର୍କର ଏକ ନୂତନ ନାମ ଦେବାକୁ ଯାଉଛନ୍ତି। ମୌନି ରାୟ ଲକ୍‌ଡାଉନ୍ ଆରମ୍ଭରୁ ଦୁବାଇରେ ରହୁଥିଲେ। ଅଭିନେତ୍ରୀ ପ୍ରାୟତଃ ଫ୍ୟାନ୍ସମାନଙ୍କ ସହ ନିଜର ବ୍ୟକ୍ତିଗତ ଜୀବନ ବିଷୟରେ ସେୟାର କରିଥାନ୍ତି। ଗତ କିଛିଦିନ ତଳେ ରିଲେସନ୍‌ସିପ୍‌କୁ ଅଫିସିଆଲ କରି ନାମ୍ବିଆର ଏବଂ ତାଙ୍କ ପରିବାରଙ୍କ କିଛି ଫଟୋ ସେୟାର କରିବା ସହ ନାମ୍ବିଆରଙ୍କ ବାପା-ମା'ଙ୍କୁ ସେ ମମି-ପାପା କହି ସମ୍ବୋଧିତ କରିଥିଲେ। ସୂଚନା ଅନୁସାରେ ମୌନି ଏବଂ ସୁରଜ ଦୁଇଜଣ ବିବାହ ପାଇଁ ଯୋଜନା କରୁଛନ୍ତି। ମୌନିଙ୍କର ସୁରଜଙ୍କ ବାପା-ମା'ଙ୍କ ସହ ସମ୍ପର୍କ ଟିକିଏ ଅଦ୍ଭୁତ। ମୌନି ଖୁବ୍‌ଶୀଘ୍ର ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ନଜରକୁ ଆସିବେ। ଏହି ଫିଲ୍ମରେ ମୌନିଙ୍କ ବ୍ୟତୀତ ଆଲିଆ ଭଟ୍ଟ, ରଣବୀର କପୁର ଏବଂ ଅମିତାଭ ବଚ୍ଚନ ମଧ୍ୟ ନଜରକୁ ଆସିବେ। ଏହି ଫିଲ୍ମରେ ଆୟାନ ମୁଖାର୍ଜୀ ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମରେ ମୌନି ଖଳନାୟିକା ଭୂମିକାରେ ଅଭିନୟ କରିବେ।



# ଭକ୍ତଙ୍କୁ ଆଶୀର୍ବାଦ ଦେଉଛି କୁକୁର





ଯଦି ଆପଣ ମନ୍ଦିର ଯାଇଥିଲେ ତାହେଲେ ଭଗବାନ ବା ପୂଜକ କିମ୍ବା ପାଖରେ ଉପସ୍ଥିତ ଥିବା ଗୁରୁଜନଙ୍କ ଆଶୀର୍ବାଦ ପାଇଁ ଚେଷ୍ଟା କରିବେ। ହେଲେ କେବେ ଦେଖିଥିଲେ କୁକୁର ଭକ୍ତଙ୍କୁ ଆଶୀର୍ବାଦ ଦେଉଛି। ଯଦି ବି ଦେଖିଥିବେ ଭାବୁଥିବେ ଏହା ଏଡିଟେଡ୍ ଫଟୋ ହୋଇପାରେ। ହେଲେ ଏବେ ଯେଉଁ ଫଟୋ ଦେଖୁଛନ୍ତି ତାହା ଏଡିଟେଡ୍ ନୁହେଁ ବରଂ ସତ। ସୋଶାଲ ମିଡିଆରେ ଭାଇରାଲ ହୋଇଥିବା ଏହି ଫଟୋ ମୁମ୍ବାଇ ସିଦ୍ଧିବିନାୟକ ମନ୍ଦିରର। ଯେଉଁଠି ମନ୍ଦିର ବାହାରେ ଜଣେ ଭକ୍ତଙ୍କୁ କୁକୁର ଆଶୀର୍ବାଦ ଦେଉଥିବାର ଦେଖିବାକୁ ମିଳିଛି। ଖାଲି ଏତିକି ନୁହେଁ ଭକ୍ତଙ୍କ ସହ କୁକୁରଟି ହାତ ମିଳାଉଥିବାର ମଧ୍ୟ ଦେଖିବାକୁ ମିଳୁଛି।

# 'ତାଣ୍ଡବ'



ସୈଫ୍ ଅଲ୍ଲୀ ଖାନଙ୍କ ଅଭିନୀତ ୱେବ୍ ସିରିଜ୍ 'ତାଣ୍ଡବ'କୁ ନେଇ ହଙ୍ଗାମା ସୃଷ୍ଟି ହୋଇଛି। ୱେବ୍ ସିରିଜ୍‌କୁ ନେଇ ଉଠିଥିବା ବାଦ ବିବାଦ ମଧ୍ୟରେ ନିର୍ଦ୍ଦେଶକ ଅଲି ଆବାସ ଜାଫର କ୍ଷମା ମାଗିଛନ୍ତି। ସେ ଟ୍ୱିଟର ହ୍ୟାଣ୍ଡେଲରେ ଏକ ପୋଷ୍ଟ ସେୟାର କରି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଅଲି ଆବାସ ଲେଖିଛନ୍ତି ଯେ, ଆମେ ୱେବ୍ ସିରିଜ୍ ତାଣ୍ଡବକୁ ନେଇ ଦର୍ଶକଙ୍କ ପ୍ରତିକ୍ରିୟା ଉପରେ ଭଲ ଭାବେ ନଜର ରଖିଛୁ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସହିତ ଏକ ମିଟିଂ ସମୟରେ ୱେବ୍ ସିରିଜ୍‌ର ବିଭିନ୍ନ ଦୃଶ୍ୟ ଓ କଂଟେଟ୍ ଲୋକଙ୍କ ଭାବନାକୁ ଆଘାତ ଦେଇଥିବା ନେଇ ଅଭିଯୋଗ ମିଳିଛି। ଆବାସ୍ ଲେଖିଛନ୍ତି, ୱେବ୍ ସିରିଜ୍ ତାଣ୍ଡବ ଏକ

## କ୍ଷମା ମାଗିଲେ ନିର୍ଦ୍ଦେଶକ

ଫିକ୍ସନ୍। ଯଦି ଏହା କୌଣସି ବି ବ୍ୟକ୍ତି କିମ୍ବା ଘଟଣା ସହ ସମାନତା ରହିଛି ତେବେ ଏହା ଏକ ମାତ୍ର ସଂଯୋଗ। କୌଣସି ବି ବ୍ୟକ୍ତି, ଜାତି, ସମ୍ପ୍ରଦାୟ, ପିଢ଼ି, ଧର୍ମ ଓ ଧାର୍ମିକ ବିଶ୍ୱାସର ଭାବନାକୁ ଆଘାତ ଦେବା କିମ୍ବା ସଂସ୍ଥା, ରାଜନୈତିକ ଦଳ କିମ୍ବା ବ୍ୟକ୍ତି, ଜୀବିତ କିମ୍ବା ମୃତକଙ୍କ ଅପମାନ କରିବା ଆମର କୌଣସି ଉଦ୍ଦେଶ୍ୟ ନାହିଁ। ତାଣ୍ଡବର କାଷ୍ଟ ଓ କ୍ରୁ ପକ୍ଷରୁ ହୋଇଥିବା ଅଭିଯୋଗ ବିଷୟରେ ପଚାରି ବୁଝାଯାଇଛି। ବିନା ସର୍ତରେ କ୍ଷମା ମାଗୁଛି ବୋଲି ନିର୍ଦ୍ଦେଶକ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଅନେକ ସ୍ଥାନରେ ତାଣ୍ଡବର ଅଭିନେତା ସୈଫ୍ ଅଲ୍ଲୀ ଖାନ, ଡିମ୍ପଲ କପାଡ଼ିଆ ଓ ସୁନୀଲ ଗ୍ରୋଭରଙ୍କ ସହିତ ୩୨ଜଣଙ୍କ ବିରୋଧରେ କେସ୍ ରୁଜୁ କରାଯାଇଛି। ୱେବ୍ ସିରିଜ୍‌ରେ ହିନ୍ଦୁ ଦେବା ଦେବୀଙ୍କ ଉପହାସ କରିବା ଏବଂ ସମାଜରେ ଜାତିବାଦକୁ ପ୍ରୋତ୍ସାହନ ଦିଆଯାଇଥିବା ଅଭିଯୋଗ ହୋଇଛି।

# ବନ୍ଧୁକ ମୁନରେ କେକ୍ କାଟିବା ମହଙ୍ଗା ପଡ଼ିଲା

ଭାରି ପଡ଼ିଲା ଜନ୍ମଦିନ ଉତ୍ସବ। ଛୁରି ବଦଳରେ ବନ୍ଧୁକରେ କାଟିଲେ କେକ୍। ଭିଡିଓ ଭାଇରାଲପରେ ଫସିଗଲେ ଯୁବକ। ଉତରପ୍ରଦେଶର ହାପୁଡ ଜିଲ୍ଲାରେ ଘଟିଛି କିଛି ଏଭଳି ଘଟଣା। ସେଠାରେ ଜଣେ ଗୁଡ୍ଡୁ ନାମକ ଯୁବକ ନିଜ ଜନ୍ମଦିନ ଉତ୍ସବରେ ଛୁରି ବଦଳରେ ବନ୍ଧୁକ ମୁନରେ କେକ୍ କାଟିଛନ୍ତି। ଏହି ଉତ୍ସବରେ ଭିଡିଓ ଭାଇରାଲ ପରେ ପୋଲିସ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦୁଇଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁସାରେ ଶହନବାଜ ଓରଫ ଗୁଡ୍ଡୁର ଜନ୍ମଦିନ ଥିଲା। ନିଜ ଜନ୍ମଦନକୁ ସେ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରିଥିଲେ। ଏହାର ଭିଡିଓକୁ ସୋଶାଲ ମିଡିଆରେ ବି ଶେୟାର କରିଥିଲେ। ତେବେ ଏହି ଭିଡିଓ ହାପୁର ପୋଲିସର ନଜରରେ ପଡ଼ିଥିଲା। ଯେଉଁଥିରେ ଅନେକ ଯୁବକ ଏକାଠି ହୋଇ ଜନ୍ମଦିନ ପାଳନ କରିବା ସହ ପାଟିତୁଣ୍ଡ ବି କରୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଏହାରି ମଧ୍ୟରେ ଜଣେ ଯୁବକ ବନ୍ଧୁକ ମୁନରେ କେକ୍ କାଟୁଥିବା ବି କ୍ୟାମେରାରେ କଏଦ ହୋଇଥିଲା। ଭିଡିଓ ଦେଖିବା ପରେ ଏସ୍‌ପି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ପୋଲିସ ଗୁଡ୍ଡୁ ଓ ଶାକିବ ଓରଫ ଭୁରା ନାମକ ଦୁଇ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ଗୋଟିଏଦେଶୀ ବନ୍ଧୁକ ଓ ଦୁଇଟି ଗୁଳି ଜବତ କରିଛି ପୋଲିସ। ଗୁଡ୍ଡୁ ମାଜିଦପୁରା ବାସିନ୍ଦା ହୋଇଥିବାବେଳେ ଭୁରା କରୀନ ମସ୍‌ଜିଦ୍ ଗଳି ହାପୁଡ ନଗରର ବାସିନ୍ଦା ବୋଲି ଜଣାପଡିଛି।

## ମୁରୁସୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ

ପାଟଣା ,୨୯/୩(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ମୁରୁସୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଖଗେଶ୍ୱର ମହାନ୍ତ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ଅବସରପ୍ରାପ୍ତ ଖେଳ ଶିକ୍ଷକ ରବୀନ୍ଦ୍ର ନାଥ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ ।ସମ୍ମାନିତ ଅତିଥି ଭାବେ ବ୍ଲକ ସହ ଶିକ୍ଷାଧିକାରୀ ପ୍ରକାଶ କୁମାର ରାୟ ,ଅଧ୍ୟାପକ ପଦ୍ମଲୋଚନ ସାହୁ , ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପର୍ଶୁରାମ ମହାନ୍ତ,ମୁରୁସୁଆଁ ସରପଞ୍ଚ ହରିଶଙ୍କର ଦେହୁରୀ ,ସମିତି ସଭ୍ୟ ସୁଶିଲ କୁମାର ସାହୁ ,ଡମ୍ବୁରୁଧର ମହାନ୍ତ,ଜ୍ଞାନେନ୍ଦ୍ର କୁମାର ସାହୁ,ଜ୍ୟୋତି ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।ବରିଷ୍ଠ ଶିକ୍ଷକ ଟଙ୍କଧର ସେଠୀ ଓ ରଶ୍ମି ପ୍ରଭା ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ବିଦ୍ୟାଳୟ ର ଶିକ୍ଷକ ତୁଷାର ଦେହୁରୀ,ବିଶ୍ୱଜିତ୍ ନାୟକ,କୃଷ୍ଣ ଚନ୍ଦ୍ର ସାହୁ,ପିଙ୍କି ମୁଣ୍ଡାରୀ,ସଞ୍ଜୟ ଦେହୁରୀ,ସଂଘମିତ୍ରା ସେଠୀ,ଚିନ୍ମୟୀ ଜେନା,ରଞ୍ଜନ ସାହୁ,ବିଶ୍ୱ ସୁନ୍ଦର ସାହୁ,ଯମୁନା ନାଏକ, ରାଜ କିଶୋର ସାହୁ ଓ ସରସ୍ୱତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା ରେ ସହଜୋଗ କରିଥିଲେ ।ସର୍ବ ଶେଷରେ ଅନିରୁଦ୍ଧ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଅଗ୍ନିକାଣ୍ଡରେ ଦୁଇ ପରିବାର ସର୍ବସ୍ୱାନ୍ତ



ଓଡ଼ପଡ଼ା/ହିନ୍ଦୋଳ ୨୯/୩(ନି.ପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ କୁନୁଆ ପଂଚାୟତରେ ଆଜି ଅଗ୍ନିକାଣ୍ଡ ଘଟି ଦୁଇ ଜଣଙ୍କ ଘର ପୋଡି ପାଉଁଶ ହୋଇଯାଇଛି । ଖବରରୁ ପ୍ରକାଶ ଆଜି ଦିନରେ ରାସୋଳ ଥାନା କୁନୁଆ ଗ୍ରାମ ପଞ୍ଚାୟତ ର ରାମଚନ୍ଦ୍ର ରାଉତ ଙ୍କ ଝିଅ ସାବିତ୍ରୀ ରାଉତଙ୍କ ଘର କୌଣସି କାରଣବଶତଃ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବାବେଳେ ବହୁ ଆସବାବପତ୍ର, ଖାଦ୍ୟଶସ୍ୟ ଓ ଘରୋଇଉପକରଣ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି ।ତତ୍ ସହିତ ଗୋବିନ୍ଦ ରାଉତ , ସୁଷମା ବେଓ୍ୱା ଓ ଜିତ ରାଉତ ଙ୍କ ଘର ଆଂଶିକ ଭାବରେ ପୋଡ଼ି ଯାଇଛି ।ତେବେ ଅଗ୍ନିକାଣ୍ଡ ଖବରପାଇ ଅଗ୍ନିଶମ ବିଭାଗ ପହଂଚି ନିଆଁକୁ ଆୟତ୍ତ କରିଥିବାବେଳେ ଗ୍ରାମବାସୀ ମଧ୍ୟ ସହଯୋଗ କରିଥିଲେ । ଅଗ୍ନିକାଣ୍ଡ କାରଣ ଜଣାପଡିନଥିବାବେଳେ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ଦାବି ହେଉଛି ।

## ନୂଆ ସୋମେଶ୍ୱର ପୁର ଉଚ୍ଚ ବିଦ୍ୟାଳୟ ରେ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ



ପୁରୀ ୨୯/୩ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନୂଆ ସୋମେଶ୍ୱର ପୁର ଉଚ୍ଚ ବିଦ୍ୟାଳୟ ପରିସରରେ ୭ ଜଣ ବରପୁତ୍ର ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା ।ଆଜି ପୂର୍ବାହ୍ନରେ ଶିକ୍ଷାବିତ ତଥା ଉତ୍କଳ ସ୍ୱାଭିମାନ ମଞ୍ଚ ର ସଭାପତି ରାଧାକାନ୍ତ ଦାଶଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବ ରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ,ବାରିଷ୍ଟର ବିଶ୍ୱନାଥ ମିଶ୍ର,ଜୟୀ ରାଜଗୁରୁ, ହରିହର ମର୍ଦ୍ଦରାଜ ଓ ଫକୀର ମୋହନ ସେନାପତି ଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉଦଘାଟିତ ହୋଇଥିଲା । ଏଥିରେ ଅତିଥି ଭାବେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ପୂଜ୍ୟ ପୂଜା ପରିଷଦ ରମ୍ଭା ର ସଭାପତି ସୁବାସ ଚନ୍ଦ୍ର ପଣ୍ଡା, ଉତ୍କଳ ସ୍ୱାଭିମାନ ମଞ୍ଚ ର ନରସିଂହ ସୁବୁଦ୍ଧି, ବୈକୁଣ୍ଠ ନାଥ ନାୟକ, ଆର୍ତ୍ତତ୍ରାଣ ମଲ୍ଲିକ, ବାସୁଦେବ ସାହୁ, ଦେବେନ୍ଦ୍ର କୁମାର ନନ୍ଦ, ସବୁଜ ମିଶ୍ର, ସୁରରାଜ ମିଶ୍ର ପ୍ରମୁଖ ଯୋଗ ଦେଇ ପ୍ରତିମୂର୍ତ୍ତି ସ୍ଥାପନ ଦ୍ୱାରା ମହାପୁରୁଷଙ୍କ ତ୍ୟାଗ, ଆଦର୍ଶ ଓ ଉନ୍ନତ ଚରିତ୍ରର ପ୍ରତିଫଳନ ପିଲା ମାନଙ୍କ ଉପରେ ପଡିବ ଓ ସେମାନେ ଜଣେ ଜଣେ ଭଲ ମଣିଷ ହେବାର ସଂକଳ୍ପ ନେଇ ପାରିବେ ବୋଲି କହିଥିଲେ ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଶ୍ୱ ବିକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ପ୍ରତିମୂର୍ତ୍ତି ସ୍ଥାପନ ରେ ସହଯୋଗ କରିଥିବା ବ୍ୟକ୍ତି ବିଶେଷ ଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ ।

# ଚାକିରୀ ଦେବା ନାଁରେ ୧ କୋଟି ଟଙ୍କା ଠକେଇ, ମହିଳା ଗିରଫ



କେନ୍ଦୁଝର, ୨୯/୩(ନି.ପ୍ର): କେନ୍ଦୁଝର ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗରେ ଚାକିରୀ ଦେବା ନାଁରେ ଠକେଇ ଅଭିଯୋଗ ହୋଇଛି । ଚାକିରୀ ପାଇବା ଆଶାରେ ଯୁବକ/ଯୁବତୀମାନେ ଟଙ୍କା ଦେଇ ବର୍ଷ ବର୍ଷ ଧରି ଅପେକ୍ଷା କରୁଥିଲେ । କେବଳ କେନ୍ଦୁଝର ଜିଲ୍ଲା ନୁହେଁ ପଡୋଶୀ ଜିଲ୍ଲାରେ ବହୁ ଯୁବକ/ଯୁବତୀଙ୍କୁ ଠକିଥିବା ଅଭିଯୋଗ ହୋଇଛି । ୨୦୨୦ ମସିହାରୁ ଚାକିରୀ ଆଶାୟୀଙ୍କ ଠାରୁ ସେ ଠକି ଚାଲିଛି । ଏ ନେଇ ଗତକାଲି କେନ୍ଦୁଝର ଟାଉନ ଥାନାରେ ୨ ଟି ଏତଲାରେ ୧୦ ଜଣ ଏବଂ ସଦର ଥାନାରେ ଜଣେ ଅଭିଯୋଗ କରିବା ପରେ ପୋଲିସ ଠକ ମହିଳା ପ୍ରମିଳା ପରିଡାଙ୍କୁ ଗିରଫ କରିଛି । ଗିରଫ ପ୍ରମିଳା ପରିଡା ଜେଲରୋଡସ୍ଥିତ ଅମୃତ ବିହାରରେ ଭଡାରେ ରହୁଥିଲେ । ଦୀର୍ଘ ବର୍ଷ ଧରି ଚାକିରୀ ଦେବା ନାଁରେ ଏକ ର୍ୟାକେଟ ଚଲାଇ ଆସୁଥିବାବେଳେ ଏ ସମ୍ପର୍କରେ କାହା ନିକଟରେ ସୂଚନା ନଥିଲା । କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଦଳିତା ଗ୍ରାମର ଶୁବାଶିଷ ବେହେରା ୨୦୨୨ ମସିହା ଜୁନ ମାସ ୧୩ ତାରିଖରେ ୧ ଲକ୍ଷ ଟଙ୍କା ଫୋନ ପେ ମାଧ୍ୟମରେ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିରାଣୀ ଚାକିରୀ କରାଇଦେବା ପାଇଁ ପ୍ରମିଳା ତାଙ୍କ ଠାରୁ ଏହି ଅର୍ଥ ନେଇଥିଲେ । ସେହିପରି ପ୍ରୀତମ ରାଉତଙ୍କ ଠାରୁ ୪୫ ହଜାର ଟଙ୍କା,ଯୋଗୀମଠ ଗ୍ରାମର ଜ୍ଞାନେନ୍ଦ୍ର ନାରାୟଣ ରାଉତଙ୍କ ଠାରୁ ୫୫ ହଜାର ଟଙ୍କା ଏବଂ ଧୂପଦା ଗ୍ରାମର ରଶ୍ମିତା ସେଠୀଙ୍କ ଠାରୁ ୫୫ହଜାର ଟଙ୍କା,ଜାମୁଡିହା ଗ୍ରାମର ପ୍ରଦୀପ କୁମାର ସାହାଣୀଙ୍କ ଠାରୁ ଠକି ନେଇଥିଲେ । ଏହି ମାମଲାରେ ପୋଲିସ କେସ ନମ୍ବର ୧୬୨/୨୦୨୫,ଭାରତୀୟ ନ୍ୟାୟ ସଂହିତା ୩୧୯(୨),୩୧୮(୪),୨୯୬, ୩୫୧(୩)ରେ ମାମଲା ରୁଜୁ କରିଛି । ଅନ୍ୟ ଏକ ଅଭିଯୋଗ କ୍ରମେ ସୁନିଲ କୁମାର ଗିରି,ଉ□ମ କୁମାର ମହାନ୍ତ,ବିନୋଦ ଆରୁକ,ରଶ୍ମିତା,ଚିନ୍ମୟ,ସୁନିଲ କୁମାର ସାହୁ ଙ୍କ ଠାରୁ ୭ ଲକ୍ଷ ୩୪ ହଜାର ୫୦୦ ଟଙ୍କା ଫୋନ ପେ ମାଧ୍ୟମରେ ଏବଂ ୨ ଲକ୍ଷ ୧୦ ହଜାର ଟଙ୍କା ନଗଦ ଅର୍ଥ ନେଇଥିଲେ । ଚାକିରୀ ନ ପାଇ ନିରାଶ ହୋଇ ଅର୍ଥ ମାଗିଲେ ତୁମର ଜବ ହୋଇଛି ଏବଂ କିଏ କେଉଁ ପୋଷ୍ଟରେ ରହିବ ତାହା ଠିକ ହେବା ସହ ଦରମା ଫିକ୍ସ ହୋଇଛି ବୋଲି କହି ଠକି ଆସୁଥିଲେ । ଏହି ଅଭିଯୋଗରେ କେସ ନମ୍ବର ୧୬୦/୨୦୨୫ ଭାରତୀୟ ନ୍ୟାୟ ସଂହିତା ୩୧୯(୨),୩୧୮(୪),୩୫୧(୩),୩(୫)ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ଠକ ମହିଳାଙ୍କୁ ୨ ଦିନିଆ ପୋଲିସ ରିମାଣ୍ଡରେ ଅଣାଯିବ ବୋଲି ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି । ରିମାଣ୍ଡରେ ଆଣିବା ପରେ କାହା ଠାରୁ କେତେ ଅର୍ଥ ଚାକିରୀ ପାଇଁ ନେଇଛି ଏବଂ ଏଥିରେ ଆଉ କିଏ ସଂପୃକ୍ତ ଅଛି ତାହା ଜଣାପଡିବ । ଠକ ମହିଳାଙ୍କ ସହ ଅରୋବିହାର ଅଂଚଳର ଦୀପକ ସାହୁଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି । ତେବେ ଏହି ର୍ୟାକେଟରେ କେନ୍ଦୁଝର ମେଡିକାଲର ଜଣେ କର୍ମଚାରୀ ସମ୍ପୃକ୍ତ ଥିବା ନେଇ ମଧ୍ୟ ଅଭିଯୋଗ ହୋଇ ଆସୁଥିଲା । ଅଭିଯୋଗ ଆଧାରରେ ବିଭାଗୀୟ ତଦନ୍ତ ଚାଲିଥିବା ସିଡିଏମ୍ଓ ଡାକ୍ତର କିଶୋର କୁମାର ପୃଷ୍ଟି ସୂଚନା ଦେଇଛନ୍ତି ।

# ମହିଳାଙ୍କ ବେକରୁ ସୁନା ହାର ଝାମ୍ପି ନେବା ଅଭିଯୋଗରେ ୨ ଗିରଫ

ରଙ୍ଗେଇଲୁଣ୍ଡା ୨୯/୩(ନି.ପ୍ର): ଗୋଳନ୍ଥରା ଥାନା ଅଞ୍ଚଳର ଭୋର ସକାଳୁ ଜଣେ ମହିଳା ଛାଡୁ ମାରୁଥିବା ବେଳେ ଦୁଇ ଜଣ ଦୁର୍ବୃତ ବେକରୁ ସୁନା ହାର ଝାମ୍ପି ନେବା ଘଟଣା ଗୋଳନ୍ଥରା ଥାନା ପୋଲିସ ଦୁଇ ଦୁର୍ବୃତ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି କ୍ଷ ଗିରଫ ଅଭିଯୁକ୍ତ ମାନେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲାର ଇଚ୍ଛାପୁର ଗ୍ରାମଞ୍ଚାଳ ଥାନା ଅଧିନସ୍ଥ ମୁତୁରୁ ଗ୍ରାମ ଜି. ତେଜେସ (୧୯) ଓ ମୋଚିନ୍ଦ୍ରି ଗ୍ରାମର କେ. ଦୀନେଶ(୧୯) ବୋଲି ପୋଲିସ ସୂଚନା ଦେଇଛି କ୍ଷ ଅଭିଯୁକ୍ତ ନିକଟରୁ ୧୬ ଗ୍ରାମର ଗୋଟିଏ ସୁନା ହାର ଗୋଟିଏ ପଲସର ମୋଟର ସାଇକେଲ ପୋଲିସ ଜବତ କରିଛି କ୍ଷ ସୂଚନା ଅନୁସାରେ ଗୋଳନ୍ଥରା ଚଟି ଅଞ୍ଚଳ ପ୍ରମିତା ଜେନା ରହନ୍ତି । ଗତ କାଲି ଭୋର ୫.୩୦ ଟା ସମୟରେ ୧୬ ନ ଜାତୀୟ ରାଜପଥ ପାର୍ଶ୍ୱ ମା ମଙ୍ଗଳ ୱେଲ୍ଦି ଦୋକାନ ସମୁଖରେ ଛାଡୁ ମାରୁଥିବା ବେଳେ ଏକ ମୋଟ ସାଇକେଲ ରେ ଦୁଇ ଜଣ ଦୁର୍ବୃତ୍ତ ମାନେ ଆସି ପେଟ୍ରୋଲ କେଉଁଠି ମିଳୁଛି ବୋଲି ପଚାରିଥିଲେ । ପ୍ରମିତା ପଚାରିବା ସମୟରେ ଯୁବକମାନେ ବେକରୁ ନାକଲିସ ଛଡେଇ ନେବା ବେଳେ ପ୍ରମିତା ଚିତ୍କାର କରିଥିଲେ । ପୁଅ ସୁନୀଲ ଜେନା ଘଟଣାସ୍ଥଳ ପହଂଚି ପ୍ରତିରୋଧ କରିବା ବେଳେ ଦୁର୍ବୃତ୍ତ ମାନେ ଆକ୍ରମଣ କରି ଗୁରୁତର ଆହତ ହୋଇପଡ଼ିଥିଲେ । ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ଏ ନେଇ ପ୍ରମିତା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନା କେଶ ନ ୧୨୮/୨୫ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ମୋଟର ସାଇକେଲ ନମ୍ବର ଚିହ୍ନଟ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଜାଣି ପାରିଥିଲା । ଖବର ପାଇ ଗୋଳନ୍ଥରା ପୋଲିସର ଏକ ଟିମ ଶ୍ରୀକାକୁଲମରେ ଚଡାଉ କରି ତେଜେସ ଓ ଦୀନେଶ ଉଠେଇ ନେଇ ଥାନାରେ ଅଟକ ରଖି ପଚାର ଉଚରା କରିଥିଲା । ତାଙ୍କ ଠାରୁ ଛଡେଇ ନେଇଥିବା ନାକଲିସ ଓ ପଲସର ବାଇକ ପୋଲିସ ଜବତ କରିଛି । ଆଜି ପୋଲିସ ଦୁଇ ଜଣ କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି ।

## ହରିଲାବେଡ଼ା ଆଶ୍ରମ ବିଦ୍ୟାଳୟରେ 'ଆମେ ଜାଣିବା ଓ ଆମେ ଜିଣିବା' କାର୍ଯ୍ୟକ୍ରମ

ମୟୂରଭଞ୍ଜ ୨୯/୩(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ହରିଲାବେଡ଼ା ଆଶ୍ରମ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ ପିତାମାତା,ଶିକ୍ଷକ ଶିକ୍ଷୟତ୍ରୀ ସହଭାଗିତା ସମ୍ମିଳନୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁଲୁ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭାଶିଷ୍ ଦାସ,ସମ୍ମାନିତ ଅତିଥି ସମାଜସେବୀ ବିଜୁ ଗୋପାଲ ଗୋପ,ମୁଖ୍ୟ ବକ୍ତା ବକ୍ସି ଜଗବନ୍ଧୁ ପାଲ(ସିଆର୍ସିସି),ସସମ୍ମାନୀତ ଅତିଥି ବିଦ୍ୟାଳୟ ପରିଚାଳନା କମିଟୀର ଅଧ୍ୟକ୍ଷ ଜୟରାମ ସୋରେନ,ଜାମଦା ଏବିଇଓ ପ୍ରତାପ ଚନ୍ଦ୍ର ନାଏକ,ଏଆରଆଇ ତାପସ କୁମାର,ପାସନା ଭିଏଡବ୍ଲ୍ୟୁ ରାଜ କୁମାର ମହାନ୍ତ ଯୋଗ ଦେଇ ସରକାରଙ୍କର ବିଭିନ୍ନ ଯୋଜନା ବିଷୟରେ ପିତାମାତା ତଥା ଅଭିଭାବକ ଅଭିଭାବିକାମାନଙ୍କୁ ଅବଗତ କରାଇବା ସହ ବିଦ୍ୟାର୍ଥୀମାନଙ୍କର ଅଗ୍ରଗତିରେ କିପରି ଶିକ୍ଷକ ଶିକ୍ଷୟତ୍ରୀ ତଥା ଅଭିଭାବକମାନଙ୍କ ମିଳିତ ସହଯୋଗ ଆବଶ୍ୟକ ସେ ଉପରେ ଆଲୋକପାତ କରିଥିଲେ ଏବଂ ବିଦ୍ୟାଳୟ ସୁପରିଚାଳନା ପାଇଁ ପିତା ମାତା ଓ ଅଭିଭାବକଙ୍କ ଦାୟିତ୍ୱ, କର୍ତ୍ତବ୍ୟ, ସହାଭାଗିତା ଓ ସହଯୋଗ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ଅଭିଭାବକ ଓ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ନିଜ ମତାମତ ବ୍ୟକ୍ତ କରିଥିଲେ ।ବିଦ୍ୟାଳୟ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତା କୃତି ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ବିଦ୍ୟାଳୟର ସହକାରୀ ଶିକ୍ଷକ ରାଜେଶ ନାଏକ,ଶିକ୍ଷୟତ୍ରୀ ସୁଲୋଚନା ମଣ୍ଡଳ,ପୁଣଗୀ ପିଙ୍ଗୁଆ,ଫୁଲମଣୀ ସୋରେନ,ସାରଥୀ ସୋରେନ୍ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।ସହକାରୀ ଶିକ୍ଷକ ସୁରେନ୍ଦ୍ର ନାଥ କଣ୍ଡାଙ୍କେଲ ସମସ୍ତଙ୍କୁ ସାଧୁବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ

ବରଗଡ଼ ୨୯/୩(ନି.ପ୍ର): ସୂଚନା ଅଧିକାର ଆଇନ୍ ? -୨୦୦୫ ଅଧିନିୟମ ୪ (୧) (ଖ) ପୂର୍ଣ୍ଣାଙ୍ଗ କାର୍ଯ୍ୟନ୍ୱୟନ ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲାର ବିଭିନ୍ନ ବିଭାଗ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇ ଯାଇଛି ।ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ବରଗଡ଼ଙ୍କ ଜରିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ , ଡେପୁଟି କଲେକ୍ଟର ଉତ୍ତମ କୁମାର ବାଗ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଜରୁରୀକାଳୀନ ବିଭାଗ ସହକାରୀ ଜିଲ୍ଲାପାଳ ଉମାକାନ୍ତ କୁମୁରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଭୁବନେଶ୍ୱର ଲୁମିନଶ ପ୍ରାଇ ଭେଟ ଲିମିଟେଡ୍‌ରୁ ଶ୍ରୀ ରଶ୍ମିରଞ୍ଜନ ରାଉତ ବିଷୟ ବିଶାରଦ ଯୋଗ ଦେଇ (ଡିସ୍ ?କ୍ଲୋଜରର ଅପଡେସନ୍ ?) ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସ୍ୱତପ୍ରବୃତ୍ତ ସୂଚନା ପ୍ରକାଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସୂଚନା ଅଧିକାର ଆଇନ୍ ?ରେ ଦରଖାସ୍ତ ଗ୍ରହଣ ଉତ୍ତର ପ୍ରଦାନ, ଅନ୍ ?ଲାଇନ୍ ?ରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା,କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ନିମିତ୍ତ ଆବଶ୍ୟକ ରେଜିଷ୍ଟର ଲିପିବଦ୍ଧ କରିବା, କାର୍ଯ୍ୟାଳୟରେ ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ,ସହକାରୀ ଜନସୂଚନା ଅଧିକାରୀ ନାମ ଯୋଗା ଯୋଗ ନାମର ଆଦି ପ୍ରଦର୍ଶିତ କରିବା ଆଦି ବିଷୟରେ ବିଶଦ ଆଲୋଚନା କରିଥୁଲେ ।ପ୍ରଶ୍ନୋତ୍ତର ଅଧିବେସନରେ ଅଧିକାରୀ ମାନେ ସୂଚନା ଅଧିକାର ଆଇନ୍‌ରେ ଆବେଦନ ଗ୍ରହଣ, ଉତ୍ତର ପ୍ରଦାନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ପଚାରି ନିଜ ନିଜର ସନ୍ଦେହ ମୋଚନ କରିଥିଲେ ।

# ବିଦ୍ୟାଳୟ ସ୍ତରୀୟ କିଶୋରୀ ବାଳିକା ଶିକ୍ଷା କାର୍ଯ୍ୟକ୍ରମ

ବରଗଡ଼ ୨୯/୩(ନି.ପ୍ର): ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ହାଇସ୍କୁଲ ଭୁକ୍ତାରେ ବିଦ୍ୟାଳୟ ସ୍ତରୀୟ କିଶୋରୀ ବାଳିକା ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବ ରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ ମୋହନ ସିଂ,ସମ୍ମାନିତ ଅତିଥି ଭାବରେ ମୋହନ ଚରଣ ମହାନ୍ତ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।ପ୍ରଶିକ୍ଷକ ଭାବରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚନ୍ଦ୍ରମା କୁମ୍ଭାର ଯୋଗ ଦେଇ ଥିବାବେଳେ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ କୈଶୋର ବାଳିକା ଶିକ୍ଷା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକ ପାତ କରିବା ସହିତ ଚାଇଲଡ୍ ଲାଇନ୍ ଇଣ୍ଡିଆ ଫାଉଣ୍ଡେସନ ଦ୍ୱାରା ନାବାଳିକା ଶିଶୁ ନିର୍ଯ୍ୟାତନା ଉପରେ ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର ଛାତ୍ରୀମାନଙ୍କୁ ପ୍ରଦର୍ଶନ କରିଥିଲେ ।ଏହି ଅବସରରେ 'କୈଶୋରମାନଙ୍କ ପାଇଁ ସ୍ୱାସ୍ଥ୍ୟ ଉପଯୋଗୀ ଓ ଉତ୍ତମ ପୋଷକର ଆବଶ୍ୟକତା' ଏବଂ 'ପରିବେଶ ସୁରକ୍ଷାରେ କୈଶୋରମାନଙ୍କ ଭୂମିକା' ପ୍ରସଙ୍ଗ ଉପରେ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ରୀ ଅଙ୍କିତା ଦୁଆନ, ସିଦ୍ଧି ସାହୁ ଓ କରିସ୍ମା ପଟେଲ



ଯଥାକ୍ରମେ ପ୍ରଥମ,ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ଇଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ଶିକ୍ଷକ ଶ୍ରୀପତି ସାହୁ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ଜ୍ୟୋତିଶ୍ଚନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଆମ୍ବାସାଡର ରାଜକୁମାରୀ ଭୁଏ,ଶିକ୍ଷକ ତେଜରାମ ସା, ବୋଧରାମ ବିଶ୍ୱାଳ, ଅଙ୍କିତ ମହନ୍ତ,ପ୍ରଶାନ୍ତ ମହାପାତ୍ର, ଅମୂଲ୍ୟ ଭୋଇ ଏବଂ ପଦ୍ମଲୋଚନ ବିଶି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଜୁନିଅର୍ ରେଡକ୍ରସ,ଇକୋ କ୍ଲବ,ଶକ୍ତି କ୍ଲବ, ମାନକ କ୍ଲବ,ହୋମି ଭାବା ବିଜ୍ଞାନ କ୍ଲବ,ସାର୍ ସି ଭି ରମଣ ବିଜ୍ଞାନ କ୍ଲବର ସଦସ୍ୟ ଯୋଗ ଓ ପ୍ରାଣାୟାମ,ଚିତ୍ରାଙ୍କନ ଆଦି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଥିଲେ ।ଶେଷରେ ଶିକ୍ଷୟିତ୍ରୀ ଅନୀତା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## କେତାଙ୍ଗ ଆଶ୍ରମ ବିଦ୍ୟାଳୟରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ

ପାଟଣା ୨୯/୩(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳିପଶି ପଞ୍ଚାୟତ କେତାଙ୍ଗ ଆଶ୍ରମ ବିଦ୍ୟାଳୟ ରେ ପ୍ୟାରେଣ୍ଟସ ଆଜ ପାଟନର୍ସ ବା ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ବୁଧବାର ପ୍ରଧାନ ଶିକ୍ଷକ ଦୁଲ୍ଲଭ ଚରଣ ମହାନ୍ତ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି ।ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସିପ୍ରାରାଣୀ ମହାନ୍ତ,ମୁଖ୍ୟ ବକ୍ତା ଭାବେ ଏବିଇଓ ବିଜୟ କୁମାର ଓଝା, ସମ୍ମାନୀତ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଭୁତି ଭୂଷଣ ପ୍ରଧାନ, ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ, ବ୍ଲକ ସାମାଜିକ ସୁରକ୍ଷା ବିଭାଗରୁ ଲକ୍ଷ୍ମୀଧର ମହାନ୍ତ, ଆସ୍ଥାୟାର ସଂଗଠନ ବ୍ଲକ ମୁଖ୍ୟ ଶିଶିର କୁମାର ଦାସ,ପିଏଚଓ ଯଶୋବନ୍ତ ସାହୁ ଓ ସ୍ୱାସ୍ଥ୍ୟ କର୍ମୀ ଇନ୍ଦିରାମଣୀ ସେଠୀ, ବୈତରଣୀ ଆଇଟିସି ନେଉଳିପଶିର ପ୍ରତିନିଧି ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ଅଭିଭାବକ ଅଭିଭାବିକା,ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ସଦସ୍ୟା ମାନଙ୍କୁ ଛାତ୍ରଛାତ୍ରୀ ଙ୍କ ଉନ୍ନତି ପାଇଁ ସେମାନଙ୍କ ର ଦାୟିତ୍ୱ ,ଛାତ୍ରଛାତ୍ରୀ ଙ୍କ ପାଇଁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ପ୍ରୋତ୍ସାହନ ଯୋଜନା ଆଦି ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ ।ଶିକ୍ଷକ ଦାମୋଦର ସାହୁ କାର୍ଯ୍ୟକ୍ରମ ର ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ସୁରକ୍ଷା ଓ ନିରାପତ୍ତା ସମ୍ପର୍କରେ ସୁଭଲକ୍ଷ୍ମୀ ଦାସ ସୂଚନା ଦେଇଥିଲେ ।ବିଜୟ କୁମାର ମଲ୍ଲିକ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ଉପସ୍ଥାପନ କରିଥିବା ବେଳେ ଏଠାରେ ପୁଷ୍ଟିକର ଖାଦ୍ୟ ଓ ପନିପରିବା ପ୍ରଦର୍ଶନୀ କୁ କେତାଙ୍ଗ ଓ ବଡ଼ମହୁଲଡିହାର ଅଙ୍ଗନବାଡି କର୍ମୀ ସୁଲୋଚନା ନାଏକ ଓ ବିଜୟଲକ୍ଷ୍ମୀ ମହାନ୍ତି ଙ୍କ ସହ ଆଶା କର୍ମୀ ମାନେ ପରିଚାଳନା କରିଥିଲେ ।

# ବନ୍ଧ ପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ର ବିଂଶତମ ବାର୍ଷିକୋତ୍ସବ

ବରଗଡ଼ ୨୯/୩(ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ଲାଦର ପାଲି ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ , ବନ୍ଧପଡ଼ା ରେ ପ୍ରଧାନ ଶିକ୍ଷକ ଡାକ୍ତର ବିଶି ଙ୍କ ସଭାପତିତ୍ୱରେ ବିଦ୍ୟାଳୟ ର ବିଂଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇ ଯାଇଛି ।ଏହି ବାର୍ଷିକୋତ୍ସବ ରେ ମୁଖ୍ୟ ଅତିଥି ଭାବରେ ଆନନ୍ଦ କୁମାର ସ୍ୱାଇଁ, ଅତାବିରା ବ୍ୟାଙ୍କ୍ ଅଫ ବରୋଦା ଶାଖା ପ୍ରବନ୍ଧକ,ମୁଖ୍ୟ ବକ୍ତା ଭାବରେ ଅନୁସୂୟା ଦେବତା,କବୟିତ୍ରୀ,ସମାଜସେବୀ ତଥା ବିଜ୍ଞାନ ଶିକ୍ଷୟିତ୍ରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ,ଟୋପ,ସମ୍ମାନିତ ଅତିଥି ଭାବେ ଅତାବିରା ନୋଡାଲ ସି ଆର୍ ସି ସି ନୃପ ଭୁଏ,ବୁଗୁବୁଗା ସ୍କୁଲ୍ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରା, ଅବସର ଶିକ୍ଷକ ଶଙ୍କର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ ।ବିଦ୍ୟାଳୟ ପ୍ରବେଶ ଦ୍ୱାରରୁ ବିନୟକ୍ଷ ବିଶି ଛାତ୍ରଛାତ୍ରୀଙ୍କୁ ନେଇ ନିମନ୍ତ୍ରିତ ଅତିଥି ମାନଙ୍କ ପାଦ ଧୌତ କରି ,ଫୁଲ ଚନ୍ଦନ ଦେଇ ପାଛୋଟି ନେଇଥିଲେ ।ଶିକ୍ଷୟିତ୍ରୀ ଆଶା ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଶିକ୍ଷୟିତ୍ରୀ ସଂଯୁକ୍ତା ପ୍ରଧାନ ଓ ରିନିଶ୍ରି ବିଶି ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ।ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ବିଘ୍ନରାଜ ଗଣେଶ ଙ୍କୁ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।ସିଆର୍ ସିସି ଶ୍ରୀ ଭୁଏ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଶ୍ରୀ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ ।ଛାତ୍ରଛାତ୍ରୀ ଙ୍କ ଚରିତ୍ର ଗଠନ ଦିଗରେ ନୈତିକ ମୂଲ୍ୟବୋଧ ର ଆବଶ୍ୟକତା,ପିତାମାତା ଙ୍କ ଦାୟିତ୍ୱ ବୋଧ ଓ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଛାତ୍ର ଛାତ୍ରୀ ମାନଙ୍କ ପ୍ରତିଭାର ବିକାଶ ଉପରେ ମୁଖ୍ୟ ବକ୍ତା ଶ୍ରୀମତୀ ଦେବତା ଆଲୋକପାତ କରିଥିଲେ ।ମଞ୍ଚାସିନ ସମସ୍ତ ଅତିଥି ଛତ୍ରଛାତ୍ରୀ ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ତାଙ୍କର ଅନ୍ତର୍ନିହିତ ପ୍ରତିଭା ର ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥିଲେ ।ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୬୧ ଜଣ କୃତି ଛାତ୍ରଛାତ୍ରୀ ଙ୍କୁ ମାନପତ୍ର ସହ , ପାଠ୍ୟ ପୁସ୍ତକ,ପାଠ୍ୟ ସାମଗ୍ରୀ ଆଦି ପ୍ରଦାନ କରାଯାଇ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ପ୍ରଥମ୍ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ସାହୁ, ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ବିଷ୍ଣୁପ୍ରିୟା ମହାନନ୍ଦ,ତୃତୀୟ ଶ୍ରେଣୀ ଛାତ୍ରୀ ଆରୋଷି ଭୁଏ, ଚତୁର୍ଥ ଶ୍ରେଣୀ ଛାତ୍ରୀ ସୋନାଲି ପ୍ରଧାନ ଓ ପଞ୍ଚମ ଶ୍ରେଣୀ ଛାତ୍ରୀ କାଜଲ ବାରିକ ଙ୍କୁ ଟ୍ରଫି ଓ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ କମିଟିର ଅଧ୍ୟକ୍ଷ ପାଣ୍ଡବ ସାହୁ, ତଥା କମିଟିର ସଦସ୍ୟ ସଦସ୍ୟା ତଥା ଗ୍ରାମବାସୀ ସହଯୋଗ କରିଥିଲେ ।ଶେଷରେ ଶିକ୍ଷୟିତ୍ରୀ ଅଳକା ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ ।ମଧ୍ୟାହ୍ନ ଭୋଜନ ପରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।ଧିରେ ଧିରେ ଲୁପ୍ତ ପାଇ ଯାଉଥିବା ପୁରୁଣା ସଙ୍ଗୀତ ନୃତ୍ୟ ତଥା ଆଦିବାସୀ ନୃତ୍ୟ ରେ ଦର୍ଶକ ଝୁମି ଉଠିଥିଲେ ।

## ଉଦନ୍ତୀ ମହୋତ୍ସବ ସଂଯୋଜକ ଅଡିସନ ଓ ପ୍ରଚାର ସଙ୍ଗୀତ ଉନ୍ମୋଚନ କାର୍ଯ୍ୟକ୍ରମ



ସିନାପାଲି ୨୯/୩(ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ଉଦନ୍ତୀ ମହୋତ୍ସବ ପାଳନ କମିଟି ପକ୍ଷରୁ ସାଂସ୍କୃତିକ ମଞ୍ଚ ସଂଯୋଜନା ନିମନ୍ତେ ସଂଯୋଜକ ସଂଯୋଜିକାଙ୍କ ଅଡିସନ ସିନାପାଲି ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମନୋରଞ୍ଜନ ମେହେର ସଂଯୋଜନା କରିଥିବା ବେଳେ ବିଚାରକ ଭାବରେ ଅଭିଜ୍ଞ ମଞ୍ଚ ସଂଯୋଜକ ଲଳିତ କୁମାର ସୁନାରୀ, ଧ୍ରୁବ ଚରଣ ପଧାନ ଓ ସଂଯୋଜିକା ପ୍ରିୟଦର୍ଶିନୀ ମୁଣ୍ଡ ଯୋଗଦେଇ ଥିଲେ । ପଡୋଶୀ ଛତିଶଗଡ ଏବଂ ଓଡିଶାର ଆଖପାଖ ଜିଲ୍ଲାରୁ ଷୋହଳ ଜଣ ପ୍ରତିଭାଗୀ ଏଥିରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମ ରେ ମହୋତ୍ସବ ପାଳନ କମିଟିର ସଭାପତି ବୈଷ୍ଣବ ମେହେର , ସମ୍ପାଦକ ପ୍ରିୟ ରଞ୍ଜନ ମେହେର , ସମସ୍ତ ଉପସଭାପତି, ଯୁଗ୍ମସମ୍ପାଦକ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ନରେଶ ମାଝୀ, ବେଣୁଧର ମେହେର, ବୁଦ୍ଧଦେବ ମେହେର, ମନୋଜ ଜଗତ, ହେମନ୍ତ ମେହେର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଅତୁଳ କୁମାର ପାତ୍ର ଧନ୍ୟବାଦ ଥିଲେ । ସେହିପରି ମହୋତ୍ସବର ପ୍ରଚାର ଗୀତ ମଧ୍ୟ ସ୍ଥାନୀୟ ସ୍ୱର ସଙ୍ଗମ କଳା ପରିଷଦ ଠାରେ ଉନ୍ମୋଚିତ ହୋଇ ଯାଇଛି । ବୈଷ୍ଣବ ମେହେରଙ୍କ ଲିଖିତ ଏହି କୋଶଳି ଗୀତକୁ ସଙ୍ଗୀତଜ୍ଞ ତ୍ରିନାଥ ମେହେର ସ୍ୱର ସଂଯୋଜନା କରିବା ସହିତ କଣ୍ଠଦାନ କରିଛନ୍ତି । ଗୀତ ତିଆରିରେ ତସ୍ମିନ ମେହେର ବିଶେଷ ସହଯୋଗ କରିଛନ୍ତି । ଗୀତ ଉନ୍ମୋଚନରେ ମହୋତ୍ସବ କମିଟିର ସଂପାଦକ ପ୍ରିୟ ରଂଜନ ମେହେର, ସହସଂପାଦକ ସୂରଜ ମେହେର, ଗୌତମ ମେହେର, ପ୍ରଦ୍ୟୁମ୍ନ ସିଂ ଚିନ୍ଦା ଉପସ୍ଥିତ ଥିଲେ ।

## ଲୋଇସିଂହାରୁ ବସନା କୁ ଜାତୀୟ ରାଜପଥ ପାଇଁ ଦାବି ଜଣାଇଲେ ସାଂସଦ ପ୍ରଦୀପ ପୁରୋହିତ



ବରଗଡ ୨୯/୩(ନି.ପ୍ର): ନୀତିନ ଗଡ଼କରୀଙ୍କ ଆଗ ରେ ବଡ଼ ପ୍ରସ୍ତାବ ରଖିଲେ ବରଗଡ଼ ସାଂସଦ ।ଲୋଇସିଂହାରୁ ବସନା ଭାୟା ଗାଇସିଲଟ-ପଦ୍ମପୁର ଦେଇ ଏକ ନୂଆ ଜାତୀୟ ରାଜପଥ ପାଇଁ ପ୍ରସ୍ତାବ ଦେଇ ଛନ୍ତି ସାଂସଦ ପୁରୋହିତ ।ଏହି ପ୍ରସ୍ତାବିତ ଜାତୀୟ ରାଜପଥ ନିର୍ମାଣ ହେଲେ ଏନଏଚ୍-୨୦୧ ଓ ଏନଏଚ୍-୫୩ ମଧ୍ୟରେ ଥିବା ୯୯.୩ କିଲୋମିଟର ଦୂରତା ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ବହନ କରି ପାରିବ ।ଏହି ଜାତୀୟ ରାଜପଥ ହେବା ଦ୍ୱାରା କୃଷି ଓ ଶିଳ୍ପ କ୍ଷେତ୍ରରେ ଉତ୍ତମ କାର୍ଯ୍ୟକଳାପ ହୋଇପାରିବ ।ଦ୍ରବ୍ୟ ସାମଗ୍ରୀ ଏବଂ ସେବା ଗୁଡ଼ିକର ଶୀଘ୍ର ପରିବହନକୁ ସୁଗମ କରିବା ସହ ଗ୍ରାମାଞ୍ଚଳରେ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଅନେକ ସହାୟକ ହୋଇପାରିବ ।ସେହିଭଳି ଏହି ଜାତୀୟ ରାଜପଥ ନିର୍ମାଣ ହେଲେ ଆଞ୍ଚଳିକ ସଡ଼କ ଭିତ୍ତିଭୂମିକୁ ମଧ୍ୟ ସୁଦୃଢ଼ କରିପାରିବ ବୋଲି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କୁ ଜଣାଇଛନ୍ତି ପ୍ରଦୀପ ପୁରୋହିତ ।ଦୀର୍ଘ ସମୟ ଧରି ପଶ୍ଚିମ ଓଡ଼ିଶାରେ ଜାତୀୟ ରାଜପଥର ବିକାଶ ନେଇ କେନ୍ଦ୍ର ପରିବହନ ଓ ସଡ଼କ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ।ଜାତୀୟ ରାଜପଥ -୪୯ର ୪ ଲେନିଂ ବିଶିଷ୍ଟ କାର୍ଯ୍ୟର ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଶେଷ କରାଯିବା ସହ ବରଗଡ଼ରେ ଦୁଇଟି ଫ୍ଲାଏଓଭର ନିର୍ମାଣ ପାଇଁ ଦାବି କରିଛନ୍ତି ସାଂସଦ ।ଝାର ସୁଗୁଡ଼ା-ଲଖନପୁର-କନକଟୋରା ଜାତୀୟ ରାଜପଥ ୪୯ର ଚାରିଟିକିଆ ଜାତୀୟ ରାଜପଥ ନିର୍ମାଣର ଟେଣ୍ଡର ପ୍ରକ୍ରିୟା ଶୀଘ୍ର ସାରିବାକୁ କହିଛନ୍ତି କଲେ ବରଗଡ଼ ସାଂସଦ ।ଏହି ରାସ୍ତାର ଡିପିଆର ପ୍ରସ୍ତୁତ ହୋଇସାରିଥିବା ବେଳେ ଟେଣ୍ଡର ପ୍ରକ୍ରିୟା ଜାନୁଆରୀ ମାସରେ ଆରମ୍ଭ ହେବାକୁ ଥିଲା ।ହେଲେ ଏଥିରେ ବିଳମ୍ବ ହେଉଛି ।ତେଣୁ ଶୀଘ୍ର ଟେଣ୍ଡର କରାଯାଇ କାମ ଆରମ୍ଭ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି ।ସେହିଭଳି ବରଗଡ଼ ଗାନ୍ଧୀ ଛକ ନିକଟରେ ଏକ ଫ୍ଲାଏଓଭର ନିତ୍ୟାନ୍ତ ଆବଶ୍ୟକ ବୋଲି କହିଛନ୍ତି ଶ୍ରୀ ପୁରୋହିତ ।ଯାହାଫଳରେ ରାସ୍ତାର ସଙ୍କୁଚିତକୁ ହ୍ରାସ କରିବା ସହ ରାସ୍ତା ସଂଯୋଗୀକରଣକୁ ଆହୁରି ଉନ୍ନତି କରିପାରିବ ବୋଲି କହିଛନ୍ତି ଶ୍ରୀଯୁକ୍ତ ପୁରୋହିତ ।ବରଗଡ଼ର ଗୋଡ଼ଭଙ୍ଗା ଓ ଗୁଲିପାଣି ଠାରେ ଫ୍ଲାଏଓଭର କାମ ଶେଷ ହୋଇଛି ।ବିକାଶ ହସପିଟାଲ ଫ୍ଲାଏଓଭର ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ଜଣାଇଛନ୍ତି ସାଂସଦ ।ଏସବୁ ଅଂଚଳରେ ଦ୍ରୁତ ସହରୀକରଣ ଓ ଟ୍ରାଫିକ୍ ସମସ୍ୟା ଯୋଗୁଁ ଏହି ସବୁ ଜାତୀୟ ରାଜପଥର କାର୍ଯ୍ୟ ଶେଷ କରିବାକୁ ଅନୁରୋଧ କରିଛନ୍ତି ସାଂସଦ ଶ୍ରୀ ପୁରୋହିତ ।ଏହାସହ ସର୍ଭିସ ରୋଡ ଉନ୍ନତି ଓ ଏହି ଅଂଚଳର ମୁଖ୍ୟ ରାସ୍ତାରେ ଉପଯୁକ୍ତ ଆଲୋକୀକରଣ ବ୍ୟବସ୍ଥା କରିବା ନେଇ କେନ୍ଦ୍ରମନ୍ତ୍ରୀଙ୍କ ସହ ସେ ଦୀର୍ଘ ସମୟ ଧରି ଆଲୋଚନା କରିଛନ୍ତି ।ଏସବୁର ବିକାଶ ହେଲେ ସଡ଼କ ସୁରକ୍ଷା ସହ ସାଧାରଣ ଲୋକଙ୍କ ଯାତାୟତରେ ଅନେକ ସୁବିଧା ହୋଇପାରିବ ।ଭାରତୀୟ ସଡ଼କ ପରିବହନ କ୍ଷେତ୍ରର ବିକାଶ ଦିଗରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସାଂସଦଙ୍କ ଦାବି ଓ ପ୍ରସ୍ତାବକୁ ପୂରଣ କରିବେ ବୋଲି ପ୍ରଦୀପ ପୁରୋହିତ ଆଶା ରଖିଛନ୍ତି ।

# କାର୍ଯ୍ୟରେ ଲାଗୁନି ବର୍ଜ୍ୟବସ୍ତୁ କେନ୍ଦ୍ର
## ଖୋଲା ମେଳାରେ ଜମା ହୋଇ ରହୁଛି ଆବର୍ଜନ



ନିଶ୍ଚିନ୍ତକୋଇଲି ୨୯/୩(ନି.ପ୍ର): ଗାଁଠୁ ସହର ପ୍ରତ୍ୟେକ ସ୍ଥାନକୁ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ଯୋଜନାରେ ସଫା ସୁତୁରା ରଖିବା ସହ ସୁସ୍ଥ ପରିବେଶ ତିଆରି ପାଇଁ କେନ୍ଦ୍ର ସରକାର ସଂପୂର୍ଣ୍ଣ ବର୍ଜ୍ୟବସ୍ତୁ ମୁକ୍ତ ଭାରତ କରିବା ଲକ୍ଷ୍ୟରେ ବିଭିନ୍ନ ଯୋଜନା ମାନ ପ୍ରଣୟନ କରି ବହୁ ଅର୍ଥ ବ୍ୟୟ କରୁଛନ୍ତି । ଗାଁରେ ପ୍ରତି ପରିବାରକୁ ଆବର୍ଜନା ପକାଇବା ପାଇଁ ବ୍ୟକ୍ତିଗତ ଭାବେ ସରକାରୀ ସହାୟତାରେ ବର୍ଜ୍ୟବସ୍ତୁ କୁଣ୍ଡ ମିଳୁଛି । ନିଜ ବର୍ଜ୍ୟବସ୍ତୁ କୁଣ୍ଡ ପୂର୍ଣ୍ଣ ହୋଇଗଲେ ହିତାଧିକାରୀ ସେସବୁକୁ ଗ୍ରାମରେ ଥିବା ବର୍ଜ୍ୟବସ୍ତୁ କେନ୍ଦ୍ରରେ ନେଇ ପକାଇବ, ଗ୍ରାମବର୍ଜ୍ୟବସ୍ତୁ କେନ୍ଦ୍ରରୁ ସେ ସବୁ ଆବର୍ଜନାକୁ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଟ୍ରଲି ସାହାଯ୍ୟରେ ପଂଚାୟତ ସ୍ତରରେ ନିର୍ମାଣ ହୋଇଥିବା ବର୍ଜ୍ୟବସ୍ତୁ କେନ୍ଦ୍ରରେ ପକାଇବା ପାଇଁ ବ୍ୟବସ୍ଥା ହୋଇଛି । ଯେଉଁଠାରେ ସବୁ ବର୍ଜ୍ୟବସ୍ତୁ କେନ୍ଦ୍ର ନିର୍ମାଣ ହୋଇଛି ସେଠାକୁ ଯାଇ କେହି ଅଳିଆ ଆବର୍ଜନା ପକାନଥିବାରୁ ବର୍ଜ୍ୟ ବସ୍ତୁ କେନ୍ଦ୍ରଗୁଡିକ ଫାଙ୍କା ପଡୁଛି । ଅନ୍ୟ ପଟରେ ବଜାର ଅଂଚଳରେ ରାସ୍ତା ପାର୍ଶ୍ୱ ଏବଂ ହାଟ ପରିସରରେ ବର୍ଜ୍ୟବସ୍ତୁ ଦୀର୍ଘ ଦିନ ଧରି ପଡିରହୁଥିବା ଦେଖିବାକୁ ମିଳୁଛି । ଫଳରେ ପରିବେଶ ପ୍ରଦୂଷିତ ହେଉଛି । ବର୍ଜ୍ୟବସ୍ତୁ କେନ୍ଦ୍ର ଗୁଡିକୁ ସଠିକ ସ୍ଥାନ ନିରୁପଣ କରାନଯାଇ ନିର୍ମାଣ କରାଯାଇଥିବାରୁ ସେଠାରେ ବର୍ଜ୍ୟବସ୍ତୁ କେନ୍ଦ୍ର ଗୁଡିକ ଫାଙ୍କା ପଡୁଥିବା ବେଳେ ଏହି ବର୍ଜ୍ୟବସ୍ତୁ କେନ୍ଦ୍ର ଜନଗହଳି ପୂର୍ଣ୍ଣ ବଜାର ଓ ହାଟ ପାଖରେ ନିର୍ମାଣ କରାଯାଇନଥିବାରୁ ଏଭଳି ଅସୁବିଧା ଉପୁଜୁଥିବା ସାଧାରଣରେ ଆଲୋଚନା ହେଉଛି ।

## ଝୋଲରି ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବୁଗୁଡ଼ା ୨୯/୩(ନି.ପ୍ର): ବୁଗୁଡା ବ୍ଲକ ଅନ୍ତର୍ଗତ ଝୋଲରି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏସଏମସି ସଭପତି ଭାଗ୍ୟଲତା ସ୍ୱାଇଁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ପ୍ରଧାନ ଶିକ୍ଷୟତ୍ରୀ ଟି.ସଂଯୁକ୍ତା କୁମାରୀ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ର ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଖରିଡା ହାଇସ୍କୁଲର ପ୍ରଧନଶିକ୍ଷକ ବସନ୍ତ କୁମାର ସାହୁ ମୁଖ୍ୟ ବକ୍ତା ଏବଂ ଅନ୍ତରପଡ଼ା କ୍ଲଷ୍ଟର ସିଆରସିସି ଶର୍ମିଷ୍ଠା ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅନ୍ୟତମ ଅତିଥି ଭାବେ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ରବିନ୍ଦ୍ର ବିଷୋୟୀ, ମହେଶ୍ୱର ଜେନା, ଖଦାଲୁଣୀ ସ୍ୱାଇଁ, ଆଇ.ଭି ଶିକ୍ଷକ ପ୍ରମୋଦ କୁମାର ମିଶ୍ର, ଶିକ୍ଷୟତ୍ରୀ ରୀତାଞ୍ଜଳି ବେହେରା ସମେତ ପରିଚାଳନା ପରିଷଦର ସଦସ୍ୟ ଯୋଗଦେଇ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂଆପଡାରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ମାଈ ବାଛୁରୀ ପାଳନର ଶୁଭାରମ୍ଭ କଲେ ଜିଲ୍ଲାପାଳ



ନୂଆପଡା ୨୯/୩(ନି.ପ୍ର): ନୂଆପଡା ଜିଲ୍ଲାରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ମାଈ ବାଛୁରୀ ପାଳନର ଶୁଭାରମ୍ଭ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଦ୍ୱାରା ତରବୋଡ ପ୍ରାଣୀ ଚିକିତ୍ସାଳୟ ପ୍ରାଙ୍ଗଣରେ ଆୟୋଜିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଏକ ପ୍ରଦର୍ଶନୀକୁ ଜିଲ୍ଲାପାଳ ଉଦ୍ଘାଟନ କରି ୨୧ ଗୋଟି ମାଈ ବାଛୁରୀଙ୍କୁ ଦାନା ଖୁଆଇଥିଲେ । ଗୋପାଳକ ମାନଙ୍କ ଏହି ସଚେତନତା ସଭାରେ ବଲାଙ୍ଗିର କଳାହାଣ୍ଡି ନୂଆପଡା ଦୁଗ୍ଧ ଉତ୍ପାଦକ ସମବାୟ ସଂଘର ସାଧାରଣ ପରିଚାଳକ ଡଃ ରଜନୀକାନ୍ତ ପଣ୍ଡା ସ୍ୱାଗତ ସମ୍ଭାଷଣ ପ୍ରଦାନ ପୂର୍ବକ ସରକାରଙ୍କ ଏହି ବହୁ ଆଦୃତ ଯୋଜନାର ଆଭିମୁଖ୍ୟ ଓ ରୂପରେଖ ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ସଭାର ସଭାପତି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡଃ ଆଲୋକ କୁମାର ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସେ ସ୍ୱଳ୍ପ ଖର୍ଚ୍ଚରେ ଉତ୍ତମ ସୁସ୍ୱାଦ ଗୋଖାଦ୍ୟ ପ୍ରଦାନ , ନିରନ୍ତର ସ୍ୱାସ୍ଥ୍ୟ ପରୀକ୍ଷା ଓ ସମୟୋଚିତ ଟିକା ପ୍ରଦାନ ଦ୍ୱାରା ମାଈ ବାଛୁରୀ କିପରି ଭବିଷ୍ୟତରେ ଉତ୍ତମ ଗାଈରେ ପରିଣତ ହେବ ସେଇ ବିଷୟରେ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳ କୃଷକ ମାନଙ୍କୁ ସମ୍ବୋଧନ କରି ଜିଲ୍ଲାରେ ଗୋପାଳନର ପର୍ଯ୍ୟାପ୍ତ ସୁଯୋଗ ଥିବା ଦର୍ଶାଇଥିଲେ । ଏହାଦ୍ୱାରା ପାରିବାରିକ ତଥା ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେବ । ଲୋକେ ସୁବିଧାରେ ତଟକା ଦୁଧ ପାଇବା ଦ୍ୱାରା ପ୍ରାଣୀଜ ପୁଷ୍ଟି ପାଇ ପାରିବେ । ଏହା ସହିତ ଉଦ୍ୟାନ କୃଷି, ପନିପରିବା ଚାଷ , ଅର୍ଥକାରି ଅଣଧାନ ଚାଷ, ମତ୍ସ୍ୟ ପାଳନ ମାଧ୍ୟମରେ ରୋଜଗାର ବୃଦ୍ଧି କରିବା ପାଇଁ ପ୍ରୋତ୍ସାହିତ କରିଥିଲେ । କୃଷକ ଶ୍ରମିକ ମାନଙ୍କୁ ଏବେ ସୁବିଧାରେ ବ୍ୟାଙ୍କ୍ ମାନେ ଋଣ ଯୋଗାଇ ଦେଉଥିବାରୁ ସମସ୍ତେ ଏହାର ଲାଭ ଉଠାନ୍ତୁ । ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନଯାଇ ଘର ପାଖରେ ମନରେଗା ଯୋଜନାରେ କାମ କରିବା ସହିତ ଏହି ସବୁ ସମନ୍ୱିତ ଚାଷ କରି ସମସ୍ତେ ଲକ୍ଷପତି ହୁଅନ୍ତୁ । ଜିଲ୍ଲା କୁ ସମସ୍ତେ ମିଶି ପ୍ରବାସୀ ଶ୍ରମିକ ମୁକ୍ତ ଜିଲ୍ଲା କରି ପାରିବା ବୋଲି କହିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବରେ କୋମନା ବିଡ଼ିଓ ବିନୟ କୁମାର୍ ଭୋଇ,ତରବୋଡ ସରପଞ୍ଚ ଶ୍ୟାମ ସୁନ୍ଦର ପୃଷ୍ଟି ଉପସ୍ଥିତ ଶତାଧିକ ଚାଷି ମାନଙ୍କୁ ଗୋପାଳନର ଉପଯୋଗୀତା ସମ୍ବନ୍ଧରେ ବୁଝାଇଥିଲେ । ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡଃ ଶାରଦା ପ୍ରସାଦ ସିଂ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦଦରାଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୁଗୁଡା ୨୯/୩(ନି.ପ୍ର): ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ଦଦରାଖୋଲ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ମାର୍ଚ୍ଚ ୨୫ ତାରିଖ ଦିନ ବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଗନ୍ତାୟତଙ୍କ ତତ୍ତ୍ୱାବଧାନରେ ଓ ସଂଯୋଜନାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ମନୋରଞ୍ଜନ ଦାସ, ମୁଖ୍ୟ ବକ୍ତା ଭାବେ ସିଆରସିସି ଦେବଦତ୍ତ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ବରଡିପଲ୍ଲୀ ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ପ୍ରଧାନ ଓ ଆଦିପୁର ସ୍କୁଲ ର ପ୍ରଧାନ ଶିକ୍ଷକ କାଳୀ ଚରଣ ନାହକ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ସଭାପତି ଦଣ୍ଡପାଣି ସାହୁ ଅଧକ୍ଷତା କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପରିଡା ଅଥିତି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷକ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ଝୁନୁ କୁମାରୀ ପଣ୍ଡା ଓ ଶିକ୍ଷକ ମହେଶ୍ୱର ବାରିକ ପରିଚାଳନାରେ ସହଯୋଗ କରିଥିଲେ । ସ୍କୁଲ୍ ପରିଚାଳନା କମିଟିର ମେମ୍ବରଙ୍କ ସମେତ ଅଭିଭାବକ ବୃନ୍ଦ ଯୋଗଦେଇଥିଲେ । ଅତିଥି ବୃନ୍ଦ ଅଭିଭାବକଙ୍କ କର୍ତ୍ତବ୍ୟ ବିଷୟରେ କହିବା ସହିତ ଛାତ୍ରଛାତ୍ରୀମାନଙ୍କୁ ବହୁ ଉପଦେଶ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଆମ ସଂସ୍କୃତି ଓ ଆମ ଖେଳନା କର୍ମଶାଳା କାର୍ଯ୍ୟକ୍ରମ ରେ ଛାତ୍ରଛାତ୍ରୀମାନେ ସୁନ୍ଦର ଖେଳନା ଓ ଶିକ୍ଷଣ ସାମଗ୍ରୀ ନିର୍ମାଣ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ବୃନ୍ଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ଶିକ୍ଷକ ଗୁରୁ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ନିମନ୍ତେ କର୍ମଶାଳା

ଗୁଣପୁର ୨୯/୩(ନି.ପ୍ର): ଆଜି ଗୁଣପୁର ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଗୁଣପୁର ଉପ ଜିଲ୍ଲାପାଳ କିରନ ଦୀପ କୌର ସହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ରାମନାଗୁଡା, ଗୁଣପୁର, ପଦ୍ମପୁର ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୁଣପୁର, ପଦ୍ମପୁର ବ୍ଲକ ଅଧକ୍ଷା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିବର୍ଷ ଗ୍ରୀଷ୍ମ ପ୍ରବାହରେ ଜଂଗଲରେ ନିଆଁ ଲାଗିଥାଏ । ପ୍ରାୟତଃ ମନ୍ୟୁଷ୍ୟକୃତ ଜଙ୍ଗଲରେ ନିଆଁ ଲାଗିଥାଏ । ମହୁଲ ଗୋଟାଇବା, ପୋଡୁଚାଷ କରିବା, କାଜୁ ସଂଗ୍ରହ କରିବା ନିମନ୍ତେ ଜଙ୍ଗଲରେ ଲୋକେ ନିଆଁ ଲଗେଇ ଦିଅନ୍ତି, ଏହାକୁ ପ୍ରତିହିତ କରିବା ପାଇଁ ସଚେତନ ଆବଶ୍ୟକ ଓ ଗୁଣପୁର ରେଞ୍ଜରେ ବହୁଳ ଭାବରେ ସଚେତନ କରାଯାଉଛି । ଯଦ୍ୱାରା ଚଳିତ ବର୍ଷ ନିଆଁ ଲାଗିବା ପରିମାଣ ପୁରା କମିଯାଇଛି ଓ ଆଗାମୀ ଦିନରେ ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ରେଞ୍ଜର ଗଙ୍ଗାଧର ମିଶ୍ର ସୂଚନା ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ସେବା ସଂସ୍ଥା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଜଳ ଯୋଗାଣ, ଆଦିବାସୀ ଉନ୍ନୟନ ସଂସ୍ଥା ଭଳି ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ରେଞ୍ଜର ଗଙ୍ଗାଧର ମିଶ୍ର ସଂଯୋଜନା କରିଥିବା ବେଳେ ଫରେଷ୍ଟର ପୂର୍ଣ୍ଣ ଚନ୍ଦ୍ର ପାତ୍ର ସହଯୋଗ କରିଥିଲେ ।

## ଆନ୍ତର୍ଜାତୀୟ ମାନବ ଅଧିକାର ସଙ୍ଗଠନ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର

ପାଟଣା ୨୯/୩(ନି.ପ୍ର): ଆନ୍ତର୍ଜାତୀୟ ମାନବିକ ଅଧିକାର ତରଫରୁ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତଗର୍ତ ତୁରୁମୁଙ୍ଗା ଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅୟୋଜିତ ହୋଇଯାଇଛି । ତୁରୁମୁଙ୍ଗା ଓ ଆଖ ପାଖ ଅଞ୍ଚଳର ଶତାଧିକ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥି ମଧ୍ୟରୁ ୬୫ ଜଣଙ୍କୁ ବୟସ୍କ ବୟସ୍କା ବ୍ୟକ୍ତିଙ୍କୁ ମୋତିଆ ବିନ୍ଦୁ ଚିହ୍ନଟ ହୋଇଥିଲା । ଚକ୍ଷୁ ଅସ୍ତ୍ରୋପଚାର ଜରୁରୀ ଥିବା ବ୍ୟକ୍ତିଙ୍କୁ ନିର୍ଦ୍ଧାରିତ ଦିବସେର ଏଲଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ରେ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରାଯିବ ବୋଲି ସମ୍ପାଦକ କୈବଲ୍ୟ ଚରଣ ସାହୁ କହିଛନ୍ତି ।ଏହି ଶିବିରେର ସଭାପତି ଅଜିତ କୁମାର ମହାନ୍ତ,ଉପ ସଭାପତି କ୍ଷମାନନ୍ଦ ମହାନ୍ତେ,ଲୋକ ସମ୍ପର୍କ ଅଧିକାରୀ ଭରତ ଚନ୍ଦ୍ର ମହାନ୍ତ ,ଯଦୁମଣି ନାଏକ, ମୁରଲୀ ଧର ନାଏକ, ସ୍ନେହଲତା ମହାନ୍ତ, ସୁରୁମାଲା ବେହେରା, ଚନ୍ଦ୍ର ମୋହନ ମହାନ୍ତ, ଭାସ୍କର ମହାନ୍ତ, ବେଣୁଧର ମହାନ୍ତ, ଗୋପୀନାଥ ମହାନ୍ତ, ପାର୍ଥ ସାରଥୀ ମହାନ୍ତ,ପ୍ରମୁଖ ଉପସ୍ଥିତ ରହି ସହେଯାଗ କରିଥିଲେ ।

## ଗୋରୁ ଚାଲାଣ ସମୟରେ ବୋଲେରୋ ଓଲଟିଲା , ତଦନ୍ତ କଲା ଘଟଗାଁ ପୁଲିସ

ପାଟଣା ୨୯/୩(ନି.ପ୍ର): ଘଟଗାଁ ଥାନା ଅଞ୍ଚଳ ଢ଼େଙ୍କିକୋଟ - ପାଟଣା ୨୨୦ ନଂ ଜାତୀୟ ରାଜପଥ ର ମୁଦ୍ରାବେଡା ନିକଟରେ ଆଜି ଭୋର ରୁ ପାଞ୍ଚୋଟି ଗୋରୁ ବୋଝେଇ ଏକ ବୋଲେରୋ ଭାରସାମ୍ୟ ହରାଇ ଓଲଟି ପଡ଼ିଛି ।ବୋଲେରୋ ମଝି ସିଟ ଓ ପଛ ଦୁଇ ସିଟ ଖୋଲାଯାଇ ସେଠାରେ ଜାକି ଜୁକି ହୋଇ ଗୋଟିଏ ଷଣ୍ଢ ସମେତ ୫ ଟି ଗୋରୁ କୁ ଭର୍ତ୍ତି କରି କଲିକତା ଚାଲାଣ କରାଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି ।ଦୁର୍ଘଟଣା ସ୍ଥଳରେ ବୋଲେରୋ ଚାଳକ ଓ ଆଉ ଜଣେ ମାଫିଆ କୁ ଧରି ସ୍ଥାନୀୟ ଲୋକେ ପୁଲିସ କୁ ଜିମା ଦେଇଥିବାବେଳେ ଗୋରୁ ଗାଡି କୁ ଏସକର୍ଟ କରୁଥିବା ଏକ ଥାର ଗାଡ଼ି ରେ ଅନ୍ୟ ଜଣେ ଗୋ ମାଫିଆ ଖସିଯିବା ରେ ସକ୍ଷମ ହୋଇଛି ।ବୋଲେରୋ ଭିତରୁ ଦଉଡ଼ି କାଟି ଲୋକେ ଗୋରୁ ଉଦ୍ଧାର କରିବା ପରେ ୩ ଟି ଗୋରୁ ଜଙ୍ଗଲ କୁ ପଳାଇଥିବା ବେଳେ ଅନ୍ୟ ଗୋଟିଏ ଗାଈ ଓ ଗୋଟିଏ ଷଣ୍ଢ କୁ ପୁଲିସ ଉଦ୍ଧାର କରି ଗୋଶାଳା କୁ ପଠାଇଛି ।

## ଅଡଗାଁ ପ୍ରାଥମିକ କୃଷୀ ସମବାୟ ସମିତି ର ବାର୍ଷିକୋତ୍ସବ ଅବସରରେ ରକ୍ତଦାନ ଶିବିର ୩୦ ୟୁନିଟ ରକ୍ତ ସଂଗୃହୀତ

ବରଗଡ଼ ୨୯/୩(ନି.ପ୍ର): ବରଗଡ଼ ଜିଲ୍ଲା ଅଡଗାଁ ପ୍ରାଥମିକ କୃଷୀ ସମବାୟ ସମିତି ର ବାର୍ଷିକୋତ୍ସବ ତାଲଶ୍ରୀଗିଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୋଡ଼ପାଲି ଗ୍ରାମ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅବସରରେ ଅଡଗାଁ ପ୍ରାଥମିକ କୃଷୀ ସମବାୟ ସମିତି ଓ ନିଷ୍ଠା ପରିବାର ର ମିଳିତ ଉଦ୍ୟମ ରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା ।ଏହି ଶିବିରକୁ ସମିତି ର ସଭାପତି ଅଶ୍ୱିନୀ ତ୍ରିପାଠୀ ଓ ସମ୍ପାଦକ ସୁରେନ୍ଦ୍ର ଭୋଇ, ଜଗ ବନ୍ଧୁ କଲତା ଫିତା କାଟି ଶୁଭାରମ୍ଭ କରିଥିଲେ ।ଏହି ଶିବିର ରୁ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୩୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।ତାପରେ ଚାଷୀ ମାନଙ୍କୁ ନେଇ ବାର୍ଷିକ ସଭା ଅନୁଷ୍ଠିତ ହୋଇଥିଲା ।ଅଡଗାଁ ପ୍ରାଥମିକ କୃଷୀ ସମବାୟ ସମିତି ର ସଭାପତି ଶ୍ରୀ ଅଶ୍ୱିନୀ ତ୍ରିପାଠୀ ଙ୍କ ସଭାପତିତ୍ୱ ରେ ସଭା ଆରମ୍ଭ ହୋଇଥିଲା ।ସମ୍ପାଦକ ସୁରେନ୍ଦ୍ର ଭୋଇ ବାର୍ଷିକ ବିବରଣୀ ପାଠ କରିବା ସହ ସମିତି ର ବିଭିନ୍ନ ବିଷୟ ରେ ଚାଷୀ ମାନଙ୍କ ସହ ଆଲୋଚନା କରାଯାଇ ଥିଲା ।ଏହି କାର୍ଯ୍ୟକ୍ରମ ରେ ସମିତି ର ସମସ୍ତ ଡାଇରେକ୍ଟର ଉପସ୍ଥିତ ଥିଲେ ।ସମିତି ର ଶ୍ରେଷ୍ଠ ଦଶ ଜଣ ଚାଷୀ ମାନଙ୍କୁ ମାନପତ୍ର,ଉପଢୌକନ ସହ ପୁଷ୍ପ ଗୁଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।କୋଷାଧକ୍ଷ ଜଗବନ୍ଧୁ କଲତା,ପ୍ରଶାନ୍ତ ପୁଝାରୀ ଓ ଅନ୍ୟ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ । ଚାଷୀ ମାନଙ୍କ ର ବିଭିନ୍ନ ସମସ୍ୟା ବିଷୟ ରେ ଆଲୋଚନା କରିବା ସହ ତାର ସମାଧାନ ନିମନ୍ତେ ସମିତି ରେ ପ୍ରସ୍ତାବ ଗୃହୀତ ହୋଇଥିଲା ।ସମବାୟ ବ୍ୟାଙ୍କ ର ଜୋସେଫ ଭୋଇ ଚାଷୀ ମାନଙ୍କୁ ଠିକ ସମୟ ରେ ଋଣ ନେଇ ସମବାୟ ସମିତି ର ସେବା ନେବା ପାଇଁ ଚାଷୀ ମାନଙ୍କୁ ବୁଝାଇଥିଲେ ।ଡାଇରେକ୍ଟର କ୍ଷିରୋଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ପରିଶେଶ ରେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫ ରୁ ସମିତି ର ସଭାପତି ଅଶ୍ୱିନୀ ତ୍ରିପାଠୀ ଓ ଅନ୍ୟ କର୍ମଚାରୀ ମାନଙ୍କୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ରକ୍ତଦାନ ଶିବିର କୁ ନିଷ୍ଠା ପରିବାର ର ସଦସ୍ୟ ସଦସ୍ୟା ଓ ସମିତି ର କର୍ମଚାରୀ ମାନେ ସୁପରିଚାଳନା କରିଥିଲେ । ସମସ୍ତ ରକ୍ତ ଦାତା ,ସହଯୋଗୀ ,ଶୁଭେଚ୍ଛୁ ସମସ୍ତ ଙ୍କୁ ଅଡଗାଁ ପ୍ରାଥମିକ କୃଷୀ ସମବାୟ ସମିତି ଓ ନିଷ୍ଠା ପରିବାର ତରଫ ରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।



## ବିଜେଡି ର ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ଚୟନ



ବୁଗୁଡ଼ା ୨୯/୩(ନି.ପ୍ର): ଗଞ୍ଜାମ ଜିଲ୍ଲାର ପୋଲସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଗୁଡା ବ୍ଲକ ଓ ଏନଏସି ର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ବୁଗୁଡ଼ା ସ୍ଥିତ ମାଳିଝୋଳା ମନ୍ଦିର ପ୍ରାଙ୍ଗଣରେ ବିଜେଡିର ଏହି ବୈଠକରେ ମଧ୍ୟ କର୍ମକର୍ତ୍ତା ଚୟନ ହୋଇଥିଲା । ଉକ୍ତ ସାଙ୍ଗଠନିକ ବୈଠକରେ ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେଡିର ସାଙ୍ଗଠନିକ ସ୍ଥିତି ଉପରେ ଆଲୋକପାତ କରି ବିଜେଡିକୁ ଅଧିକରୁ ଅଧିକ କିଭଳି ଶକ୍ତିଶାଳୀ କରିହେବ ସେନେଇ ଆଲୋଚନା କରିଥିଲେ । ଏଥି ସହିତ ବିଜେପି ର ଦୁର୍ନୀତି ଓ ଅପାରଗତାକୁ ନେଇ ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ନିଜ ବକ୍ତବ୍ୟରେ ଲୋକଙ୍କ ସରକାର କହୁଥିବା ବିଜେପି ସରକାର ର ଦୁର୍ନୀତି ଓ ଭ୍ରଷ୍ଟାଚାର ଦିନକୁ ଦିନ ବଢ଼ି ଚାଲିଛି । ନାରୀ ନିର୍ଯ୍ୟାତନା, ନିର୍ବାଚନ ମଣ୍ଡଳୀର ବିକାଶରେ ବାଧକ, ଧାନମଣ୍ଡିରେ କଟନି ଛଟନିର ବୃଦ୍ଧି ଆଦି ବହୁ ସମସ୍ୟା କୁ ନେଇ ବିଜେଡିର ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଖଦାଳ ଖଟେଇ, ମୁକୁନ୍ଦ ନାୟକ, ପୂର୍ବତନ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ବେହେରା ସମେତ ବିଜେଡି ବରିଷ୍ଠ କର୍ମକର୍ତ୍ତା ମାନେ ବିଜେପି ବିରୋଧ ବକ୍ତବ୍ୟ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ବୁଗୁଡ଼ା ବ୍ଲକ ଓ ଏନଏସି ର ବିଜେଡି କର୍ମକର୍ତ୍ତା ଓ ଶତାଧିକ କର୍ମୀ ସାମିଲ ହୋଇଥିଲେ । ସହମତି କ୍ରମେ ବ୍ଲକ ସଭାପତି ଭାବେ ଖଦାଳ ଖଟେଇ, କାର୍ଯ୍ୟକାରୀ ସଭାପତି ଭାବେ କବିରାଜ ଗୌଡ଼ ଓ ସମ୍ପାଦକ ଭାବେ ହରିହର ବିଷୋୟୀ ଏବଂ ନଗର ସଭାପତି ଭାବେ କେ. ତ୍ରିଲୋଚନ ଦୋରା, କାର୍ଯ୍ୟକାରୀ ସଭାପତି ଭାବେ ମନୋରଞ୍ଜନ ଦାସ ଓ ସମ୍ପାଦକ ଭାବେ ଅମରେନ୍ଦ୍ର ସେନାପତି ଙ୍କ ନାମ ବିଜେଡି କାର୍ଯ୍ୟାଳୟକୁ ପଠାଯାଇଛି ।ପରେ ନାମ ଅନୁମୋଦନ ହୋଇ ଆସିବା ପରେ ଅନ୍ୟାନ୍ୟ ପଦବୀ ନେଇ ଆଲୋଚନା କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ସାହୁ ପ୍ରକାଶ କରିଥିଲେ ।

## 'ସମାଜ' ରିଲିଫ କମିଟି ପକ୍ଷରୁ ରିଲିଫ ବଣ୍ଟନ



ମୟୂରଭଞ୍ଜ ୨୯/୩(ନି.ପ୍ର): ଗତ ଗୁରୁବାର କୁଆପଥର ମାଡ଼ରେ ମୟୂରଭଞ୍ଜ ଜିଲା, ବିଶୋଇ ବ୍ଲକ ଅନ୍ତର୍ଗତ ଖଡମବେଡା ଓ ଯୋଡ଼ିଆ ପଞ୍ଚାୟତର ୧୧ଟି ଗ୍ରାମ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଶନିବାର 'ସମାଜ' ରିଲିଫ କମିଟି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୩ଟି ଗ୍ରାମରେ ରିଲିଫ ପ୍ରଦାନ କରାଯାଇଯାଇଥିବାବେଳେ ରବିବାର ୮ଟି ଗ୍ରାମରେ ରିଲିଫ ବଣ୍ଟନ କରାଯାଇଛି । 'ସମାଜ' ରିଲିଫ କମିଟି ଅଧକ୍ଷ ଡ. ପ୍ରଭାସ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ରିଲିଫ ଦଳ ଆଜି ବିଶୋଇ ଠାରେ ପହଞ୍ଚି ବିଭିନ୍ନ ଅଞ୍ଚଳ ବୁଲି କ୍ଷତିଗ୍ରସ୍ତ ଲୋକଙ୍କ ସହିତ ମତ ବିନିମୟ କରିଥିଲେ । ଲଗାଣ ବର୍ଷା ଯୋଗୁଁ ମାଟି ଘରମାନଙ୍କରେ ଜମା ହୋଇଥିବା କୁଢ଼ କୁଢ଼ ଅଳିଆ ଯୋଗୁଁ ସେମାନେ ହଇରାଣ ?ହେଉଥିବା ଓ ସମସ୍ତ ଆସବାବପତ୍ର ଭିଜି ଯାଇଥିବାରୁ ଦୁର୍ଦ୍ଦଶା ବଢୁଥିବା ଅଭିଯୋଗ କରିଥିଲେ । ଆଜି ପୁଣ୍ଡିଦା, ଖଡମବେଡା, ଦେଓପଟା, ସାରସପଦା, ମୂଷାମାରୀ, ରାଜାବସା, କାଦପାନି ଆଦି ୮ଟି ଗ୍ରାମରେ ଶତାଧିକ ବ୍ୟକ୍ତିଙ୍କୁ ଚୁଡ଼ା, ଚିନି, ବିସ୍କୁଟ, ଗୁଣ୍ଡକ୍ଷୀର, ମହମବତି ସମ୍ବଳିତ ପୁଡ଼ିଆ ପ୍ରଦାନ କରାଯାଇଛି । ଏହି ଦଳରେ ରିଲିଫ କମିଟି ସଦସ୍ୟ ମହେଶ ମଲ୍ଲ, ସ୍ୱେଚ୍ଛାସେବୀ ନାରାୟଣ ମିଶ୍ର, ସାମ୍ବାଦିକ ଶାଶ୍ୱତ ଶର୍ମା, ଅବ୍ୟୟ କୁମାର ଶର୍ମା, ଫାର୍ମାସିଷ୍ଟ ଦୀପକ କୁମାର ଗନ୍ତାୟତ ପ୍ରମୁଖ ସାମିଲ ଥିଲେ ।

## ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ମେଲାଣି ମହୋତ୍ସବ

ବାଲିଗୁଡା ୨୯/୩(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ +୩ ଅନ୍ତିମ ବର୍ଷ ଛାତ୍ରଛାତ୍ରୀଙ୍କୁ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ମାନେ ମେଲାଣି ଜଣାଇଛନ୍ତି । ଏହି ମହୋତ୍ସବ ରେ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ସି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିଭାଗ ମୁଖ୍ୟ ଡ଼.ବିଭୂତି ଭୂଷଣ ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରୂପେଶ କୁମାର ତ୍ରିପାଠୀ, ଅଧ୍ୟାପିକା ସ୍ନେହଲତା ମାଝୀ, ସୁଲୋଚନା କହଁର ପ୍ରମୁଖ ଉପସ୍ଥିତ ରହି ଆଦର୍ଶ ଛାତ୍ର ଜୀବନର ମୂଳମନ୍ତ୍ର ବଖାଣି ଥିଲେ । ସୀମାଞ୍ଚଳ ହଂସ ଓ ଜ୍ୟୋତି ରାଣୀ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସରସ ସୁନ୍ଦର ହୋଇ ପାରିଥିଲା । ଏଥିରେ ମାମାଲି ପାତ୍ର, ସୁପ୍ରଭା ତ୍ରିପାଠୀ, ବଳରାମ ପଣ୍ଡା, ଜ୍ୟୋତ୍ସ୍ନା ରାଣୀ ମଲ୍ଲିକ, ଯାଜ୍ଞସେନୀ ମଲ୍ଲିକ, ବିଜ୍ଞାନୀ, ବୁଲୁ, ବର୍ଷା ପ୍ରମୁଖ ଛାତ୍ର ଛାତ୍ରୀ ଉପସ୍ଥିତ ରହି ବିଦାୟ କାଳୀନ ସଙ୍ଗୀତ ଗାନ କରି ମେଲାଣି ମାଗୁଣି ରଖିଥିଲେ ।

## କୃଷି ବିଭାଗର ଅପାରଗତା ମାହାଙ୍ଗାରେ ଚାଷୀଙ୍କୁ ମୁଗ ଔଷଧ ବ□ନରେ ବ୍ୟାପକ ଅନିୟମିତତା




ମାହାଙ୍ଗା ୨୯/୩(ନି.ପ୍ର): ମାହାଙ୍ଗା ବ୍ଲକରେ ଚାଷୀମାନେ ସଦାସର୍ବଦା ଅବହେଳିତ ଚାଷୀମାନଙ୍କ ପାଇଁ ଆସୁଥିବା ସରକାରୀ ବିହନ, ସାର ଓ ଔଷଧକୁ ବିଭିନ୍ନ ପଂଚାୟତରେ ଶାସକ ଦଳର କର୍ମୀ ଓ ନେତା ହରିଲୁଟ କରିଥାନ୍ତି । ଯାହାର ସୁଫଳ ଚାଷୀମାନେ ପାଇ ନଥାନ୍ତି । ପୂର୍ବରୁ ବିଜେଡି ସରକାର ଅମଳରେ ମାହାଙ୍ଗା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଯେଭଳି ଚାଷୀମାନଙ୍କୁ ଅଣଦେଖା କରୁଥିଲା ବର୍ତ୍ତମାନ ସରକାର ପରିବର୍ତ୍ତନ ପରେ ବି ମାହାଙ୍ଗାରେ ସେହିଭଳି ଅବସ୍ଥା ଜାରି ରହିଛି । ଏଠାରେ ସୂଚନା ଯୋଗ୍ୟ ଯେ ମାହାଙ୍ଗା ବ୍ଲକର ଚାଷୀମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ମୁଗ ବିହନ, ପୋକାମରା ଅଠାପଟି ସମେତ ୬ପ୍ରକାର ଔଷଧ ବଣ୍ଟନ କରିବା ପାଇଁ ଆସିଥିଲା । ଚାଷୀମାନେ ଧାନକଟା ପରେ ଜାନୁୟାରୀ ମାସରେ ମୁଗ ବିହନ ବୁଣି ସାରିଥିଲେ । ହେଲେ ବିଭିନ୍ନ ପଂଚାୟତକୁ ଆସିଥିବା ବିହନ ଓ ଔଷଧ ମ୍ୟାଟେରିଆଲ ଡିଷ୍ଟ୍ରିବୁସନ୍ ଫର୍ମାଟରେ ଚାଷୀମାନଙ୍କ ଦସ୍ତଖତ ନିଆଯାଇ ମୁଗ ବିହନ ବଣ୍ଟା ଯାଇଥିଲା ବେଳେ ପୋକମରା ଅଠାପଟି ଓ ୬ପ୍ରକାର ଔଷଧ ଚାଷୀମାନଙ୍କୁ ଦିଆଯାଇ ନଥିବା ସାଧାରଣରେ ଅଭିଯୋଗ ହେଉଛି । ତେବେ କାଗଜପତ୍ରରେ ସବୁ ଠିକ୍ ଠାକ୍ ବଣ୍ଟନ ଦର୍ଶା ଯାଇ ସଂପୃକ୍ତ ଔଷଧକୁ କିଏ ନେଲା ସେ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି । ମାହାଙ୍ଗାରେ ଚର୍ଚ୍ଚା ହେଉଛି ଯେ ମାହାଙ୍ଗା ବ୍ଲକ କୃଷି ଅଧିକାରିଣୀ ବିଭିନ୍ନ ପଂଚାୟତର କୃଷକ ସାଥୀମାନଙ୍କୁ ଅଣଦେଖା କରି ସେମାନଙ୍କର ମୁଖ୍ୟଙ୍କ କଥାରେ ପରିଚାଳିତ ହେଉଛନ୍ତି । ଏପରିକି ଗ୍ରାମ୍ୟ କୃଷିକର୍ମଚାରୀଙ୍କୁ ଗୁରୁତ୍ୱଦେଉ ନଥିବା ସାଧାରଣରେ ଶୁଣିବାକୁ ମିଳୁଛି । ପୂର୍ବରୁ ବିଧାୟକ ପ୍ରତାପ ଜେନାଙ୍କ ଖାସ୍ ଲୋକପାଲଟିଥିବା କୃଷକସାଥୀଙ୍କ ମୁଖ୍ୟ ଏବେ ବିଧାୟକ ଶାରଦା ପ୍ରଧାନଙ୍କ ଶିବିରରେ । ବିଭିନ୍ନ ପଂଚାୟତରେ ସ୍ୱାଧୀନ ବିଧାୟକଙ୍କ ସମର୍ଥକ ଏବଂ କୃଷକସାଥୀଙ୍କ ମୁଖ୍ୟଙ୍କ ସଲାସୁତରାରେ ମୁଗ ବିହନ ବଣ୍ଟା କରାଯାଇଥିଲା ବେଳେ କେତେ ତାରିଖରେ ଔଷଧ ବଣ୍ଟନ କରାଯାଇଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରାଯାଇଛି । ମାହାଙ୍ଗାର ଚାଷୀମାନେ ବଜାରରୁ ଔଷଧ କିଣି ନିଜନିଜ ଚାଷଜମିରେ ଔଷଧ ପକାଇଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବଭଳି ବର୍ତ୍ତମାନ ବି ମାହାଙ୍ଗା ଅଂଚଳର ଚାଷୀମାନେ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ରାଜ୍ୟ ମାନ୍ୟବର କୃଷିମନ୍ତ୍ରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବାକୁ ସର୍ବସାଧାରଣରେ ଦାବି ହେଉଛି ।

## ବାଲିଗୁଡାରେ ଠାକୁରାଣୀ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ : ଏପ୍ରିଲ ୨୨ରେ ଶୁଭଖୁଣ୍ଟି , ମଇ ୬ ରୁ ଯାତ୍ରା ଆରମ୍ଭ

ବାଲିଗୁଡା ୨୯/୩(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡାର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡାଙ୍କ ଠାକୁରାଣୀ ଯାତ୍ରା ନିମନ୍ତେ ଏକ ପୂର୍ବପ୍ରସ୍ତୁତି ବୈଠକ ସମିତିର ସଭାପତି ଲଳିତ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ପ୍ରତି ଦୁଇ ବର୍ଷରେ ଥରେ ମା'ପାଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ଠାକୁରାଣୀ ଯାତ୍ରା ସମଗ୍ର ବାଲିଗୁଡା ଅଞ୍ଚଳରେ କିପରି ଶାନ୍ତି ଶୃଙ୍ଖଳାର ସହ ଜାକ ଜକମକରେ ପାଳନ କରିବା ପାଇଁ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ଲୋଡ଼ା ଯାଇଥିଲା । ଏହି ଯାତ୍ରା ନିମନ୍ତେ ଆସନ୍ତା ଏପ୍ରିଲ ମାସ ୨୨ ତାରିଖରେ ଯଥା ରୀତିନୀତି ଅନୁଯାୟୀ ଶୁଭଖୁଣ୍ଟି ସ୍ଥାପନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ମେ ମାସ ୬ ତାରିଖ ମଙ୍ଗଳବାର ଦିନ ଠାରୁ ଯାତ୍ରା ଆରମ୍ଭ ହୋଇ ଜୁନ ୨ ତାରିଖ ସୋମବାର ଦିନ ଉଦଯାପିତ ହେବ । ଦୀର୍ଘ ୨୮ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରା ନିମନ୍ତେ ମେ ୬ ତାରିଖରେ ମା' କନକଦୁର୍ଗା ନୂଆସାହି, ମା' ଡେଙ୍ଗସିଲ, ମା' ବରାଳଦେବୀ ଓ ମା' ମହାମାୟୀଙ୍କ ଠାରୁ ଆଜ୍ଞାମାଳ ଆଣି ଉକ୍ତ ଦିନ ସନ୍ଧ୍ୟାରେ ମା'ପାଟଖଣ୍ଡାଙ୍କ ଏହି ଚାରି ଭଉଣୀ ଙ୍କୁ ଧରି ମହା ପଟୁଆରରେ ଅସ୍ଥାୟୀ ପିଠ ମା ' ବରାଳ ଦେବୀ ମନ୍ଦିର ପ୍ରାଙ୍ଗଣକୁ ଯିବେ ଓ ତା' ପରଠାରୁ ବିଶ୍ରାମ ଦିନ ବ୍ୟତିତ ପ୍ରତ୍ୟେକ ଦିନ ସାହିକୁ ସାହି ବୁଲିବେ । ଯାତ୍ରା ସମୟରେ ଅପେରା, ମେଲୋଡି ସହ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦେବା ସହ ପରମ୍ପରା ସହିତ ଜଡିତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି । ଏଥି ନିମନ୍ତେ ବାଲିଗୁଡାର ସବୁ ସାହି କମିଟି ସହ ସାହିକୁ ସାହି ଯାଇ ସମିତି ତରଫରୁ ଆଲୋଚନା କରାଯିବ । ପ୍ରତ୍ୟେକ ସାହି ଏବଂ ସହରକୁ ଆଲୋକ ତୋରଣ ଏବଂ ସଫାରଖି ସାଜସଜା କରି ଯାତ୍ରାକୁ ସଫଳ କରିବାକୁ ଅନୁରୋଧ ମଧ କରାଯିବ ବୋଲି ଏହି ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଥିଲା । ଏଥିରେ ସମିତିର ସଭାପତି ଲଳିତ କୁମାର ପାତ୍ର, ସମ୍ପାଦକ ଶିବରାମ ପ୍ରଧାନୀ, କୋଷାଧକ୍ଷ ଅଶୋକ କୁମାର ସାହୁ ଓ ଉପଦେଷ୍ଟା ଡ଼ଃ. ବିଚିତ୍ରା ନନ୍ଦ ଆଚାର୍ଯ୍ୟ, ଗଙ୍ଗାଧର ଭୋଇ ଓ ପବିତ୍ର ମୋହନ ପାଢୀ ,ସୁଜିତ କମାର ପାଳ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

**Affidavit**

I, Bhabani Mahapatra , W/O Soumendra kumar Mahapatra alias Saumendra kumar Mahapatra, Resident of Ramachandrapur Bazar, Near Petrol Pump, Jatni, PO/PS-Jatni, Dist-Khordha, Odisha, 752050 , declare by this affidavit No 1089 dated 28.3.2025 that now onwards I shall be known as Bhabani Mahapatra W/O Soumendra kumar Mahapatra for all purposes .

Bhabani Mahapatra

# ଗାୟତ୍ରୀ ବିଦ୍ୟାମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ



ଓଡଗାଁ ,୨୯/୩(ନି.ପ୍ର):ବୁଧବାର ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରବିଗାଡିଆ ଗ୍ରାମ ପଞ୍ଚାୟତର କୁରୁମ ବାଙ୍କତରା ଗ୍ରାମର ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନ ଗାୟତ୍ରୀ ବିଦ୍ୟା ମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଯାଇଛି । ଏହି ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ମଶାବାରୀ ସାଧନ ସଂଯୋଜକ ଯଶୋବନ୍ତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ରଘୁନାଥ ସମବାୟ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ପବିତ୍ର କୁମାର ସାହୁ , ସମ୍ମାନିତ ଅତିଥି ଭାବେ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସାହିତ୍ୟ ଶିକ୍ଷକ ବ୍ରଜବନ୍ଧୁ ସାହୁ, ରବିଗାଡିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ମୀନତି ସେଠୀ ଓ ନାଏବ ସରପଞ୍ଚ ବିଶ୍ୱନାଥ ପରିଡ଼ା , ଝାଡସାହି ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଇଁରାଜୀ ଶିକ୍ଷକ ବିକ୍ରମ କିଶୋର ସାହୁ ଓ ପିଏମ୍ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଓଡ଼ଗାଁର ବରିଷ୍ଠ ଇଂରାଜୀ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ଯୋଗଦେଇଥିଲେ । ବିଦ୍ୟାଳୟର ସଭାପତି ନବକିଶୋର ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟର ସମ୍ପାଦକ ମନୋଜ କୁମାର ସାହୁ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ଅଧକ୍ଷା ଚିନ୍ମୟୀ ମହାପାତ୍ର କାର୍ଯକ୍ରମ ପରିଚାଳନା କରିଥିଲେ ଓ ସୁଶାନ୍ତ କୁମାର ପରିଡ଼ା ଉତ୍ତମ ରୂପେ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ଏହି କାର୍ଯ୍ୟକ୍ରମକୁ ସହଯୋଗ କରି ସୁଚାରୁରୂପେ ପରିଚାଳନା କରିଥିଲେ । 'ସଂଘର୍ଷ ହିଁ ପ୍ରକୃତ ସଫଳତାର ସ୍ୱାଦ' ଶୀର୍ଷକ ଉପରେ ଅତିଥିମନେ ଅଭିଭାଷଣ ରଖିଥିଲେ । ପରିଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅଭିଭାବକମାନଙ୍କ ହୃଦୟକୁ ରୋମାଞ୍ଚିତ କରିଥିଲା ।

# ଗୁଡଭେଲା ବ୍ଲକ ଶିକ୍ଷା ବିଭାଗ ଭୁଶିଡିବା ଅପେକ୍ଷାରେ, ଶିକ୍ଷା ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ

## ସରକାରୀ ବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି ବେସରକାରୀ ସଂସ୍ଥା ଶିକ୍ଷକ

ଗୁଡଭେଲା,୨୯/୩(ନି.ପ୍ର): ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକର ଶିକ୍ଷା ବିଭାଗ ଗୋଟିଏ ଅବହେଳିତ ଅବସ୍ଥାରେ ପଡ଼ିରହିଥିଲା। ଏହି ବ୍ଲକ ର ଶିକ୍ଷା ବିଭାଗ ୨୦୨୩,୨୪ ମସିହାରେ ସୁସ୍ଥ ସବଳ ହୋଇ ଗୋଟିଏ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା। ତାର କାରଣ ଥିଲା ବ୍ଲକ ବିଇଓ ଭାବେ ରୁଷିଆ ମେହେର ଶିକ୍ଷା ଅଧିକାରୀ ଭାବେ ଯୋଗଦାନ କରିଥିବାରୁ। ଏବଂ ରୁଷିଆ ମେହେର ପୁରାପୁରି ଗୁଡଭେଲା ବ୍ଲକ ଅଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟ କୁ ନିଜର ପରିବାର ପରି ଦେଖିବା ସହ ଛାତ୍ରଛାତ୍ରୀମାନଙ୍କୁ ନିଜର ପୁଅ ଝିଅ ପରି ଦେଖୁଥିଲେ।

ଏବଂ ପ୍ରତ୍ୟେକ ଦିନ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ଅମାନିଆ ଶିକ୍ଷକ ମାନଙ୍କୁ ସାବାଡ କରୁଥିଲେ। ଫଳରେ ଠିକ ସେ ପାଠପଢ଼ା ହେବାରୁ ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇ ନିଜର ସନ୍ତାନ ମାନଙ୍କୁ ବିଦ୍ୟାଳୟ କୁ ପଠାଉଥିଲେ। ସେଥିପାଇଁ ଏହି ବ୍ଲକରେ ଗତବର୍ଷ ଅର୍ଥାତ୍ ୨୦୨୪ ରେ ସରକାରୀ ବିଦ୍ୟାଳୟ ମୁହାଁ ହୋଇଥିଲେ ଘରୋଇ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ। କଥାରେ କୁହାଯାଏ 'ଭଲ ଲୋକଙ୍କ ପାଇଁ ସ୍ଥାନ ନାହିଁ' ଠିକ ସେହିପରି ଚକ୍ରାନ୍ତ କରି ରୁଷିଆ ମେହେରଙ୍କୁ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ ବ୍ଲକକୁ ବଦଳି କରାଗଲା ଏବଂ ସେହିଠାରେ ଥିବା ଶିକ୍ଷା ଅଧିକାରୀ ନମିତାରାଣୀ ଭୋଇଙ୍କୁ ଗୁଡଭେଲା ବ୍ଲକକୁ ଅଣାଗଲା। ବର୍ତ୍ତମାନ ଏହି ବ୍ଲକର ଶିକ୍ଷା ବିଭାବ ପୂର୍ବ ଅବସ୍ଥା ଫେରିବାକୁ ଲାଗିଲାଣି ପରି ଲାଗୁଛି,କେତେକ ଶିକ୍ଷକ ଶିକ୍ଷୟିତ୍ରୀ ପୁଣି ଅମାନିଆ ହୋଇ ୧୦.୩୦ ରେ ବିଦ୍ୟାଳୟ ଯାଉଥିବା ବେଳେ ୩.୩୦ ରେ ଫେରୁଥିବା ସସୟର ଦୃଶ୍ୟ ରାସ୍ତାରେ ଦେଖିବାକୁ ମିଳୁଛି। ଅପରପକ୍ଷରେ ରୁଷିଆ ମେହେର ଗୁଡଭେଲା ବ୍ଲକରେ ଶିକ୍ଷା ଅଧିକାରୀ ଥିବା ସମୟରେ କୌଣସି ବେସରକାରୀ ସଂସ୍ଥା ବ୍ଲକ ର କୌଣସି ବିଦ୍ୟାଳୟକୁ ପଶି ପାରୁନଥିଲେ। କିନ୍ତୁ ନୂତନ ବିଇଓ ଭାବେ ନମିତା ରାଣୀ ଭୋଇ ଶିକ୍ଷା ବିଭାଗରେ ଯୋଗ ଦେବା ପରେ ପରେ ଗୋଟିଏ ବେସରକାରୀ ସଂସ୍ଥା (ଏଲଏଲଏଫ) ବ୍ଲକର ବିଦ୍ୟାଳୟ ମାନଙ୍କୁ ଅକ୍ତିଆର କରି ନିଜର ଶିକ୍ଷକ ମାନଙ୍କୁ ନିଯୁକ୍ତି କରି ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢାଉଛନ୍ତି। ଏହି ଶିକ୍ଷକମାନଙ୍କ ଶିକ୍ଷାଗତ ଯୋଗ୍ୟତା କେତେ ସେମାନେ ପଢ଼ାଇବା ପାଇଁ ଯୋଗ୍ୟ କି ଅଯୋଗ୍ୟ ତାହା ଜାଣିବା ପାଇଁ ଆମର ପ୍ରତିନିଧି ବ୍ଲକ ବିଇଓ ନମିତା ରାଣୀ ଭୋଇଙ୍କ ସହିତ ଅନେକ ଥର ଫୋନ ମାଧ୍ୟମରେ ଯୋଗାଯୋଗ କରୁଥିଲେ ମଧ୍ୟ ବିଇଓଙ୍କ ଫୋନ ଉତ୍ତର ବିହୀନ ହେବାରୁ ୱାଟସବ ରେ ମେସେଜ କରିବାରୁ ବିଇଓ ବୁଧବାର ୧ ଟା ୪୦ ମିନିଟରେ ଫୋନ କରିଥିଲେ।ତାଙ୍କୁ ଏଲଏଲଏଫ ବିଷୟରେ ପଚାରିବାରୁ ଆମର ଉପର ଅଧିକାରୀଙ୍କ ଆଦେଶ ହୋଇଛିଘ ସେମାନଙ୍କୁ ବିଦ୍ୟାଳୟମାନଙ୍କୁ ଯିବାକୁ ଅନୁମତି ଦେବାକୁ ଏବଂ ଏଫଏଲଏନ ବିଷୟରେ ସେମାନେ ରହିବେ କି ନାହିଁ ଆମେ ଏକ ବୈଠକରି ସେମାନଙ୍କୁ ଅନୁମତି ବିଷୟରେ ଆଲୋଚନା କରିବୁ ବୋଲି କହିଥିଲେ। ଅନ୍ୟପକ୍ଷରେ ସରକାରଙ୍କ ନିୟମ ଅଛି ସରକାରୀ ବିଦ୍ୟାଳୟ ରେ ଶିକ୍ଷକ ହେବାକୁ ହେଲେ ବିଡି,ସିଟି,ଓଟିଇଟି ପାସ ସହିତ ଓଏସଏସସି ପରିକ୍ଷାରେ ଉତ୍ତିର୍ଣ୍ଣ ହେବାକୁ ପଡ଼ିଥାଏ। କିନ୍ତୁ କେଉଁ ଆଧାରରେ ଏବଂ କାହାର ଅନୁମତିରେ ବର୍ତ୍ତମାନ ଗୁଡଭେଲା ବ୍ଲକରେ ଏଲଏଲଏଫ ତରଫରୁ ଶିକ୍ଷକ ନିଯୁକ୍ତି ହୋଇ ସରକାରୀ ବିଦ୍ୟାଳୟ ମାନଙ୍କୁ ଶିକ୍ଷାଦାନ କରାଯାଉଛି ତାହାର ତଦନ୍ତ ରାଜ୍ୟ ଶିକ୍ଷାମନ୍ତ୍ରୀ କରିବାପାଇଁ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଦାବି କରୁଛନ୍ତି। ନଚେତ ସରକାରୀ ବିଦ୍ୟାଳୟ ମାନଙ୍କରୁ ପୁଣି ଘରୋଇ ବିଦ୍ୟାଳୟକୁ ଆଣିବା ପାଇଁ ଅଭିଭାବକ ମାନେ ବାଧ ହେବେ ବୋଲି ସୂଚନା ମିଳିଛି।

# ବଣାଇଁ ଅଞ୍ଚଳର ପାରମ୍ପରିକ ଉପକରଣ ଏବଂ ତା'ର ବ୍ୟବହାର ପୁସ୍ତକ ଉନ୍ମୋଚିତ



ବଣାଇଁ, ଲୋକସେବା ଭବନ ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଏବଂ ବଣାଇଁଗଡ ମହାବିଦ୍ୟାଳୟର ଅଧକ୍ଷ ଜେନାମଣି ସାହୁଙ୍କ ଦ୍ୱାରା ଲିଖିତ ଓଡ଼ିଆ ପୁସ୍ତକ 'ବଣାଇଁ ଅଞ୍ଚଳର ପାରମ୍ପରିକ ଉପକରଣ ଏବଂ ତା'ର ବ୍ୟବହାର' ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଏକ ବର୍ଣ୍ଣାଢ୍ୟ ପରିବେଶ ରେ ଉନ୍ମୋଚିତ ହୋଇଯାଇଛି।

ମୁଖ୍ୟ ଅତିଥି ଭାବେ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଶାସନସଚିବ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ସଂରକ୍ଷକ ତଥା ଓଡ଼ିଶା ବନ ବାହିନୀ ମୁଖ୍ୟ ସୁରେଶ ପନ୍ତ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା , ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ଡଃ କେ ମୁରୁଗସେନ ଉପସ୍ଥିତ ରହି ପୁସ୍ତକଟିକୁ ଉନ୍ମୋଚିତ କରିଥିଲେ। ଉନ୍ମୋଚିତ ପୁସ୍ତକ ଟି ସରକାରୀ ସ୍ତରରେ ଏବଂ ପାଠକ ପାଠିକା ମହଲରେ ବିପୁଳ ଶ୍ରଦ୍ଧା ଓ ଆଦୃତି ଲାଭ କରି ପାରିଛି।

# ସରକାରୀ ପ୍ରାଥମିକ ବିଦ୍ୟାଳୟ ସାନକାର୍ଲିଠାରେ ବାର୍ଷିକ ଉତ୍ସବ ପାଳିତ

## ଶିକ୍ଷା ହିଁ ଭବିଷ୍ୟତ ଜୀବନର ଚାବିକାଠି : ବିଇଓ

ଭବାନୀପାଟଣା, ୨୯/୩(ନି.ପ୍ର): ସରକାରୀ ପ୍ରାଥମିକ ବିଦ୍ୟାଳୟ ସାନକାର୍ଲି ଠାରେ ତୃତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଞ୍ଜିଗଡ ରୁଷିୟା ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢଳଦେବ ମୁଣ୍ଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାରତ ଭୂଷଣ ସାହୁ, କଳାହାଣ୍ଡି କଟପା ସୁନୀଲ ମହାନନ୍ଦ, ଗୁଣ୍ଡୁରୀ ସରପଞ୍ଚ ହରପ୍ରିୟା ମାଝୀ, ସମିତି ସଭ୍ୟ ପଦ୍ମିନୀ ପୂଝାରୀ, ଭଟାଙ୍ଗପଦର କ୍ଲଷ୍ଟର ସିଆରସିସି ମନୋଜ କୁମାର ସାହୁ, ମୁଖ୍ୟମନ୍ତ୍ରୀ ଜିଲ୍ଲା ପୁରସ୍କାର ପ୍ରାପ୍ତ ଶିକ୍ଷକ ଆଦିତ୍ୟ କୁମାର ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବାଲବାଟିକା ଶ୍ରେଣୀକୁ ବିଇଓ ରୁଷିୟା ମେହେର୍ ଉଦଘାଟନ କରିଥିଲେ। ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ଏବଂ ଶିକ୍ଷା ହିଁ ଭବିଷ୍ୟତ ଜୀବନର ଚାବିକାଠି ବୋଲି ବିଇଓ ଶ୍ରୀ ମେହେର୍ ନିଜ ବକ୍ତବ୍ୟରେ କହିଥିଲେ। ସରକାରୀ ପ୍ରାଥମିକ ବିଦ୍ୟାଳୟ ସାନକାର୍ଲି ଶିକ୍ଷା କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିଛି ବୋଲି ସମସ୍ତ ଅତିଥିଗଣ ମତବ୍ୟକ୍ତ କରିଥିଲେ। ଚଳିତ ଶିକ୍ଷାବର୍ଷରେ ଏହି ବିଦ୍ୟାଳୟରୁ ନବୋଦୟ ବିଦ୍ୟାଳୟ ପାଇଁ ଜଣେ ଛାତ୍ର ଏବଂ ଆଦର୍ଶ ବିଦ୍ୟାଳୟ ପାଇଁ ୪ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇ ବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ପ୍ରଧାନଶିକ୍ଷକ ପ୍ରବୀଣ ତାଣ୍ଡି ଓ ଶିକ୍ଷକ ଜନାର୍ଦ୍ଦନ ମିଶ୍ରଙ୍କ ପ୍ରଚେଷ୍ଟା ଦ୍ୱାରା ହିଁ ପ୍ରାପ୍ତ ହୋଇପାରିଛି ବୋଲି ଅଭିଭାବକ ମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ତରଫରୁ କ୍ରୀଡା ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନବୋଦୟ ଓ ଆଦର୍ଶ ବିଦ୍ୟାଳୟ ପାଇଁ ମନୋନୀତ



ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସ୍ୱରୂପ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ବର୍ଣ୍ଣବୋଧ ବଣ୍ଟନ କରାଯାଇଥିଲା। ଅନ୍ୟତମ ଆକର୍ଷଣ ଭାବେ କଳାହାଣ୍ଡି କଟପା ଗ୍ରାମବାସୀଙ୍କୁ ଉତ୍ସାହିତ କରିବାପାଇଁ ଉତ୍ତମ ଶିକ୍ଷା ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରବୀଣ ତାଣ୍ଡି ପ୍ରଧାନଶିକ୍ଷକ ବିବରଣୀ ପାଠ ପୂର୍ବକ ବିଦ୍ୟାଳୟର ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ। ଶେଷରେ ବିଦ୍ୟାଳୟର ସହ ଶିକ୍ଷକ ଦନାର୍ଦ୍ଦନ ମିଶ୍ର ଅତିଥିଗଣ ତଥା ଗ୍ରାମବାସୀ, ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ବଣାଇ, ୨୯/୩(ନି.ପ୍ର): ସୁନ୍ଦରଗଡ ସଦଭାବନା ଭବନ ଠାରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ନିଷ୍ପତ୍ତି ଅନୁଯାୟୀ ଏହି ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା ଏବଂ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହେବ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରଭାତଫେରି କରାଯିବ।

ଓଡ଼ିଶା ଦିବସ ଉପଲକ୍ଷେ ସହର ମଧ୍ୟରେ ଥିବା ସମସ୍ତ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ମାନଙ୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସେହିଭଳି ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଆଦି ମଧ୍ୟରେ ଥିବା ବରପୁତ୍ର ମାନଂକ ପ୍ରତିମୂର୍ତ୍ତି ରେ ସଂପୃକ୍ତ ଅନୁଷ୍ଠାନ ର ମୁଖ୍ୟଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବ। ଏହି ଦିବସ ଅବସର ରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଆଲୋକରେ ସାଜସଜ୍ଜା କରିବାକୁ ମଧ ବୈଠକ ରେ ଆଲୋଚନା ହୋଇଥିଲା। ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ସମାରୋହ ପାଳନ କରାଯିବା ନେଇ ବୈଠକ ରେ ନିଷ୍ପତି ଗ୍ରହଣ କରାଯାଇଅଛି। ଏହି ଅବସର ରେ ଏକ ସାଧାରଣ ସଭା ଆୟୋଜିତ ହେବା ସହିତ ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ।

ଏହି ପ୍ରସ୍ତୁତି ବୈଠକ ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମହେନ୍ଦ୍ର ନାଥ ମୁର୍ମୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଆର୍ ଏଣ୍ଡ ବି ର ଅଧିକ୍ଷଣ ଯନ୍ତ୍ରୀ ଅମିତ୍ କୁମାର ଟୁଡୁ, ତହସିଲଦାର କୁଳମଣି ରଣବିଡା, ଆଞ୍ଚଳିକ ପରିବହନ ଅଧିକାରୀ ପର୍ଶୁରାମ ସାହୁ, ସୁନ୍ଦରଗଡ଼ ପୌର ପରିଷଦ ର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଆଜିର ଏହି ପ୍ରସ୍ତୁତି ବୈଠକ ରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଓଡ଼ିଶା ଦିବସ ଅବସର ରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନା କରିଥିଲେ।

# ବିକାଶ ଖୋଜୁଛି ପରାବାହିଲି ଗାଁ: ରାସ୍ତା ନାହିଁ କି ବିଜୁଳି ନାହିଁ, ସ୍ୱାସ୍ଥ୍ୟ ଓ ଶିକ୍ଷା ଏମାନଙ୍କ ପାଇଁ ସାତସପନ



ଲାଞ୍ଜିଗଡ଼,୨୯/୩(ନି.ପ୍ର): ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ନାନାଦି ଯୋଜନା କରି ଆଦିବାସୀଙ୍କ ଜୀବନଧାରାରେ ବଡ଼ ପରିବର୍ତ୍ତନ ଆଣିଥିବା କଥା କହୁଛନ୍ତି । କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ, ଏବେ ବି ଅନେକ ଆଦିବାସୀ ବହୁଳ ଗାଁର ଲୋକମାନେ ସରକାରଙ୍କ ବିଭିନ୍ନ ମୌଳିକ ଯୋଜନାରୁ ବଞ୍ଚିତ ରହିଛନ୍ତି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗ ପଦର ପଞ୍ଚାୟତର ପରାବାହିଲି ହେଉଛି ସେହିଭଳି ଏକ ଗାଁର ଅନ୍ୟତମ ଉଦାହରଣ। ଏହି ପରାବାହିଲି ଗାଁ' ଲାଞ୍ଜିଗଡ଼ ବ୍ଲକ ମହକୁମାରୁ ୪୧ କିମି ଦୂର ହୋଇଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୧୨ କିମି ଦୂରରେ ଅବସ୍ଥିତ। ଏହି ଗାଁରେ ୧୦୦ ବର୍ଷ ହେଲା ୧୮ ଆଦିବାସୀ ପରିବାର ବସବାସ କରୁଛନ୍ତି । ଏଠାକାର ମୁଖ୍ୟ ସମସ୍ୟା ହେଉଛି ଗମନା ଗମନ। ଭଟାଙ୍ଗପଦର ପଞ୍ଚାୟତରୁ ୫ କିମି ମୁଷା ନାଳ ଯିବା ମୁଖ୍ୟ ରାସ୍ତାରେ ଆସିବା ପରେ ସୁଲିଆ ଗାଁରୁ ଡ଼ାହାଣକୁ ୭ କିମି ଦୂରରେ ପାହାଡ଼ ଜଙ୍ଗଲ ଘେରା ମଧ୍ୟରେ ରହିଛି ଏହି ଗାଁ।ଭଲ ରାସ୍ତା ନଥିବାରୁ ପାଦ ଚଲା ରାସ୍ତା ଯୋଗୁଁ ଗ୍ରାମବାସୀ ନାନାଦି ଅସୁବିଧା ଭୋଗିଥାନ୍ତି। ଖରା ଦିନେ କଷ୍ଟେ ମଷ୍ଟେ ଗାଁକୁ ମଟର ସାଇକେଲ ଯାଉଛି।ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁନ ଥିବାରୁ ଗର୍ଭବତୀଙ୍କୁ ଖଟିଆରେ ୭ କିମି ସୁଲିଆ ଗାଁ ପର୍ଯ୍ୟନ୍ତ ବୋହି କି ମୁଖ୍ୟ ରାସ୍ତା ନେବାକୁ ପଡିଥାଏ।ଭଲ ରାସ୍ତା ଟିଏ ନଥିବାରୁ ଗାଁ ପିଲା ପାଠ ପଢ଼ାରୁ ବଞ୍ଚିତ ହୋଇ ଗାଈ ଚରାଉ ଥିବା ଦେଖିବାକୁ ମିଳିଛି। କିଛିପିଲା ପାଦଚଲା ଜଙ୍ଗଲ ରାସ୍ତାରେ ଚାଲି ଚାଲି ଆମ ପଦର ଗାଁ ପ୍ରାଥମିକ ବିଦ୍ୟାଳୟକୁ ୫ କିମି ଦୂର ଅଧ୍ୟୟନ କରୁଥିବା ଜଣିବାକୁପାଇଥିଲୁ।କିନ୍ତୁ ବର୍ଷା ଦିନେ କାଦୁଅ ରାସ୍ତା ଯୋଗୁଁ ବର୍ଷା ୪ ମାସ ପିଲା ସ୍କୁଲକୁ ଯାଉନଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି।ଗାଁ ଠାରୁ ୭ କିମି ଦୂରରେ ସୁଲିଆ ଗାଁରେ ଅଙ୍ଗନବାଡି କେନ୍ଦ୍ର ରହିଥିବା ବେଳେ ଶିଶୁ ଯାଇ ପାରୁନାହାନ୍ତି। ଶିଶୁଙ୍କ ଖାଦ୍ୟ ସାମଗ୍ରୀ ଆଣିବା ପାଇଁ ପରିବାର ଲୋକେ ଯାଇଥାନ୍ତି।ଅନ୍ୟପକ୍ଷେ ବିଜୁଳି ଆଲୁଅ ଏହି ଗାଁ ପାଇଁ ସାତସପନ ହୋଇଛି।କିଛି ବର୍ଷ ପୂର୍ବେ ଗାଁ ଲୋକଙ୍କୁ ସୌଭାଗ୍ୟ ଯୋଜନାରେ ସୋଲାର ଲାଇଟ ଯୋଗାଇ ଦିଆ ଯାଇଥିଲା।କିଛିଦିନ ଜଳିବା ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବର୍ଷ ବର୍ଷ ଧରି ଅଚଳ ହୋଇ ରହିଛି।

ଗାଁରେ ବିଜୁଳି ସଂଯୋଗୀକରଣ ନେଇ ପଞ୍ଚାୟତ, ବ୍ଲକ ପ୍ରଶାସନ ଓ ବିଦ୍ୟୁତ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ କୌଣସି ସୁଫଳ ମିଳୁନଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ ଏମାନଙ୍କୁ ଠିକ ଭାବେ କାମ ମିଳୁନଥିବା ଯୋଗୁଁ ନିକଟରେ ଥିବା ଜଙ୍ଗଲରେ ପୋଡୁ ଚାଷ ମାଣ୍ଡିଆ, ବିରି, କୋଳଥ,କାନ୍ଦୁଲ ଚାଷ କରି ପରିବାର ପ୍ରତିପୋଷଣ କରୁଥିବା କହିଛନ୍ତି।ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିଛି ଲୋକଙ୍କୁ ଘର ମିଳିଥିବା ବେଳେ ରାସ୍ତା ନଥିବା ଯୋଗୁଁ ନିଜେ ନକରି ଠିକାଦାରଙ୍କୁ ନିର୍ମାଣ ଦାଇତ୍ୱ ଦିଆଯାଇଛି।ଠିକାଦାର ମଧ୍ୟ ଆଦିବାସୀ ଙ୍କ ସରଳତା ଦେଖି ନିର୍ମାଣରେ ବିଳମ୍ବ କରୁଥିବା ଦେଖିବାକୁ ମିଳିଛି।ଗାଁର କୌଣସି ଆଦିବାସୀଙ୍କୁ ସରକାର ଙ୍କ ତରଫରୁ ଜଙ୍ଗଲ ଜମି ପଟ୍ଟା ମଧ୍ୟ ମିଳିନାହିଁ। ଗାଁରେ ସ୍ୱଚ୍ଛ ଭାରତ ମିଶନ ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି।ଗାଁରେ ଗୋଟିଏ ହେଲେ ପାଇଖନା ନାହିଁ।ସ୍ୱଚ୍ଛ ପାଇଁ ଗ୍ରାମବାସୀ ବାହାରକୁ ଯାଉଛି। ଏହି ଗାଁ ପ୍ରତି ଜିଲ୍ଲା ଓ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା ଓ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ



ଭବାନୀପାଟଣା,୨୯/୩(ନି.ପ୍ର): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ସ୍ୱିକୃତ ବାଲ ଉମଙ୍ଗ ଦୃଶ୍ୟ ସଂସ୍ଥା ସହିତ ଅନୁବନ୍ଧିତ କାର୍ଯ୍ୟକ୍ରମ ଯୁବକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଓ ମୂଲ୍ୟାଙ୍କନ ତ୍ରିଦିବସୀୟ କାର୍ଯ୍ୟକ୍ରମ ଭବାନୀପାଟଣା ସ୍ଥିତ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଗତ ୨୪ ରୁ ୨୬ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା କରାଇବା ସହିତ ନୀୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ମୂଲ୍ୟାଙ୍କନର ଉପଯୋଗିତା ଉପରେ ଆଲୋଚନା କରାଯାଇଥିଲା। ମାନବ ସମ୍ବଳର ବିକାଶରେ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରାଯାଇପାରିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଛବିଲାଲ ସାହୁ ମତବ୍ୟକ୍ତ କରିଥିଲେ।

ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଅଧିକାରୀ ଅଧ୍ୟାପକ ପ୍ରତାପଚନ୍ଦ୍ର ଦାଶ ଦିଲ୍ଲୀରେ ଏହି ସଂପର୍କୀତ କର୍ମଶାଳାରେ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ କରିଥିଲେ। ଏହି କାର୍ଯ୍ୟକ୍ରମ ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନ୍ଏସ୍ଏସ୍ ଅଧିକାରିଣୀ ସୁଶ୍ରୀ ସରିତା ପଟେଲଙ୍କ ଦ୍ୱାରା ରାଜ୍ୟରେ ତଦାରଖ ହୋଇ ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ ଜାରିରହିଛି।

ଏଥିପାଇଁ ଅଧ୍ୟାପକ ପ୍ରତାପଚନ୍ଦ୍ର ଦାଶ ଏନ୍ଏସ୍ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ କାର୍ଯ୍ୟକ୍ରମରେ ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ପରମେଶ୍ୱର ମୁଣ୍ଡ, ସୁଶାନ୍ତ କୁମାର ଦାଶ, ନାଜନିନ୍ ସୁଲ୍ତାନା, ଦିନବନ୍ଧୁ ନାଗ ପ୍ରମୁଖ ସହଯୋଗ କରିଥିଲେ।

# ତାରିଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୋରାଇ,୨୯/୩(ନି.ପ୍ର):କୋରେଇ ବ୍ଲକ ଅନ୍ତର୍ଗତ ତାରାକୋଟ ଗ୍ରାମରେ ଗଢି ଉଠିଥିବା ଘରୋଇ ତାରିଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ରେଅଜି ସନ୍ଧ୍ୟାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟର ଅଧକ୍ଷ ମଦନ ମୋହନ ସାହୁଙ୍କ ସଭାପତିତ୍ୱରେ ଅତିଥି ଭାବେ ରମାକାନ୍ତ ସାହୁ, ନିଶିକାନ୍ତ ସିହ୍ନା,ସମାଜସେବୀ ରିଆଯୁଦୀନ୍ ଖାଁ, ଯୋଗ ଦେଇ ବିଦ୍ୟାଳୟର କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରକାରର ଉପଦେଶ ଶିକ୍ଷା ଉପରେ ଦେଇଥିଲେ। ଏହାପରେ ଚଳିତ ବର୍ଷ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ଏକାଧିକ ପ୍ରତିଯୋଗିତାରେ ପ୍ରଥମ ଦ୍ବିତିୟ ତୃତୀୟ ହୋଇଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ମହାପୁରୁଷଙ୍କ ଜୀବନୀର ପୁସ୍ତକ ପ୍ରଦାନ କରିଥିଲେ ଓ ପରେ ପରେ କୁନି କୁନି ଛାତ୍ର ଛାତ୍ରୀ ଙ୍କୁ ବିଭିନ୍ନ ପ୍ରକାର ସାଂସ୍କୃତିକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ନଜରାନା ବେଗମ୍, ନିଶିକାନ୍ତ ରାୟ, ବଳରାମ ରାଉତ, ଅମିୟ ରଞ୍ଜନ ପଣ୍ଡା,ସଲ୍ମା ଖାତୁନ୍,କଳ୍ପନା ଦେଓ, ସୋପ୍ନ ଯେନା, ରଶ୍ମିତା ଯେନା, ଆସଲତା ମଲ୍ଲିକ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ଓ ବିଦ୍ୟାଳୟର କର୍ମଚାରୀଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ